ବର୍ଷ-୨୬, ସଂଖ୍ୟା-୧୧୬
ଭୁବନେଶ୍ୱର
୨୯, ଏପ୍ରିଲ ୨୦୨୬ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ ଟଙ୍କା

Vol.-26, Issue No. ୧୧୬
Bhubaneswar
29 April, 2026 Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat

### ମଧୁବାବୁଙ୍କ ଜୟନ୍ତୀରେ କେନ୍ଦୁଝରକୁ ମୁଖ୍ୟମନ୍ତ୍ରୀଙ୍କ ଭେଟି

## ୧୬୪୭ କୋଟିର ଗ୍ରୀଡ୍ ପ୍ରକଳ୍ପର ପଡ଼ିଲା ଭିତ୍ତିପ୍ରସ୍ତର

ଭୁବନେଶ୍ୱର,୨୮।୪(ମହାଭାରତ): କେନ୍ଦୁଝର ଜିଲ୍ଲାକୁ ଏକ ସମୃଦ୍ଧ ଶିଳ୍ପ ହବ୍‌ରେ ପରିଣତ କରିବା ଲକ୍ଷ୍ୟରେ ଆଜି ମୁଖ୍ୟମନ୍ତ୍ରୀ ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି । ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ବଡ଼ବିଲ ଅଂଚଳର ଉଚ୍ଚବାଲି ଠାରେ ୧୬୪୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ୪୨୦/୨୨୦ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କେନ୍ଦୁଝରକୁ ପୂର୍ବ ଭାରତର ଦ୍ୱିତୀୟ ଜାମସେଦପୁର ଭାବେ ଗଢ଼ିତୋଳିବାକୁ ଘୋଷଣା କରିଛନ୍ତି ।

ସୂଚନା ଯୋଗ୍ୟଯେ, ମୁଖ୍ୟମନ୍ତ୍ରୀ ଆଜିର କାର୍ଯ୍ୟକ୍ରମରେ ଉଚ୍ଚବାଲି, କେନ୍ଦୁଝର ପାଇଁ ସବ ଷ୍ଟେସନ ସମେତ ୫ ଟି ନୂଆ ଟ୍ରାନ୍ସମିଶନ ଲାଇନ ଉଦଘାଟନ କରିଛନ୍ତି । ଏହି ପ୍ରକଳ୍ପ ଦ୍ୱାରା କେନ୍ଦୁଝର ସଦର, ତେଲକୋଇ, ଝୁମ୍ପୁରା, ଯୋଡ଼ା ଏବଂ ବଡ଼ବିଲ ଅଂଚଳର ପ୍ରାୟ ୭.୧୭ ଲକ୍ଷ ଉପଭୋକ୍ତା ଉପକୃତ ହେବେ । ବିକଶିତ ସମାଜର ପରିଚୟ ହେଉଛି ଗୁଣାତ୍ମକ ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଏଣୁ ଖଣିଜ ସମ୍ପଦରେ ଭରା କେନ୍ଦୁଝରକୁ ସୁନାର କେନ୍ଦୁଝର କରିବା ପାଇଁ ଆମେ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ପ୍ରକଳ୍ପର ବିଭିନ୍ନ ବୈଶିଷ୍ଟ୍ୟ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଛନ୍ତି ଯେ ସମଗ୍ର ଅଂଚଳକୁ ଏକ ସୁଦୃଢ଼ ନେଟୱର୍କରେ ଯୋଡ଼ିବା ନେଇ ସେ ଦର୍ଶାଇଛନ୍ତି ଯେ, ୪୦୦ କେଭି ଲିଲୋ ଲାଇନ ସହିତ ଟିଟିପିଏସ – ଯୋଡ଼ା ଓ ତୁରୁମୁଙ୍ଗା-ରାଇରଙ୍ଗପୁର ଲାଇନ ମାଧ୍ୟମରେ ସମଗ୍ର ଅଂଚଳକୁ ବିଦ୍ୟୁତ୍ ସଂଯୋଗୀକରଣ କରାଯିବ। ଏହା ଦ୍ୱାରା ଶିଳ୍ପ ଓ ଘରୋଇ ଚାହିଦା ମଧ୍ୟରେ ଏକ ସନ୍ତୁଳନ ରକ୍ଷା କରାଯାଇପାରିବ।

ବିଦ୍ୟୁତ୍ ବିଭ୍ରାଟକୁ ରୋକିବା ପାଇଁ ଏକ ବଡ଼ ପଦକ୍ଷେପ ସମ୍ପର୍କରେ ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ବଡ଼ବିଲ ଓ ପଲାଶପଙ୍ଗା ଗ୍ରୀଡ୍‌ର ଉନ୍ନତିକରଣ ଆମର ପ୍ରାଥମିକତା। ଆମେ ହଟଲାଇନ ମେଂଟେନାନ୍ସ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଯାଉଛୁ, ଯାହାଦ୍ୱାରା ତାରରେ ବିଦ୍ୟୁତ୍ ପ୍ରବାହିତ ହେଉଥିବା ସମୟରେ ମଧ୍ୟ ମରାମତି କାମ କରାଯାଇପାରିବ। ଏଣିକି ମରାମତି ପାଇଁ ଆଉ ବିଦ୍ୟୁତ୍ କାଟ୍ କରିବାର ଆବଶ୍ୟକତା ପଡ଼ିବ ନାହିଁ।'

ରାଜ୍ୟର ବିଦ୍ୟୁତ୍ ପରିଚାଳନା ପ୍ରଣାଳୀକୁ ସ୍ମାର୍ଟ କରିବା ନେଇ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରି କହିଛନ୍ତି, 'ଆମେ ଓଡ଼ିଶାକୁ



ଡିଜିଟାଲାଇଜେସନ ଦିଗରେ ଆଗେଇ ନେଉଛୁ। ମଂଚେଶ୍ୱରଠାରେ ନିର୍ମିତ ନୂତନ ଷ୍ଟେଟ ଲୋଡ ଡେସପାଚ ସେଂଟର (ଏସଏଲଡିସି) ରାଜ୍ୟର ବିଦ୍ୟୁତ୍ ପରିଚାଳନା ପାଇଁ 'ହାର୍ଟ' ସଦୃଶ କାର୍ଯ୍ୟ କରିବ। ଏହାସହ ଷ୍ଟାମ୍ପ ପ୍ରକଳ୍ପ ଜରିଆରେ ୭୦ଟି ଗ୍ରୀଡ୍‌କୁ ରିମୋଟ୍ ମାଧ୍ୟମରେ ପରିଚାଳନା କରାଯାଇ ତ୍ରୁଟିଗୁଡ଼ିକର ତୁରନ୍ତ ସମାଧାନ କରାଯିବ।

ଏହି ଅତ୍ୟାଧୁନିକ ବ୍ୟବସ୍ଥାଗୁଡ଼ିକ କେନ୍ଦୁଝର ଜିଲ୍ଲାର ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ସହ ଓଡ଼ିଶାର ଭବିଷ୍ୟତ ବିଦ୍ୟୁତ୍ ପରିବହନ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।ରାଜ୍ୟର ଶକ୍ତି ଭିତ୍ତିଭୂମି ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨୦୦୦ ମସିହାରେ ରାଜ୍ୟରେ ୧୬ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତା ଥିବାବେଳେ ଆଜି ତାହା ୧ କୋଟିରେ ପହଂଚିଛି । ଏହି ଅଭିବୃଦ୍ଧିକୁ ବଜାୟ ରଖିବା ପାଇଁ ୨୦୩୬ ସୁଦ୍ଧା ରାଜ୍ୟରେ ଆହୁରି ୩୪ଟି ନୂଆ ଗ୍ରୀଡ୍ ସବଷ୍ଟେସନ କରାଯିବ । ବିଶେଷ କରି ଭୁବନେଶ୍ୱର, ଯାଜପୁର, ଝାରସୁଗୁଡ଼ା ଓ ଗଜପତିରେ ପ୍ରଥମ ଥର ପାଇଁ ୭୬୫ କେଭି ଗ୍ରୀଡ୍ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି । ଓପିଟିସିଏଲ ପକ୍ଷରୁ ଏଣିକି 'ହଟଲାଇନ ମେଂଟେନାନ୍ସ' ବ୍ୟବସ୍ଥା କରାଯିବ, ଯାହାଦ୍ୱାରା ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ନକରି ମଧ୍ୟ ତାର ମରାମତି କରାଯାଇପାରିବ । ସେହିପରି ମଂଚେଶ୍ୱରଠାରେ ନୂତନ ଷ୍ଟେଟ୍ ଲୋଡ୍ ଡିସପାଚ୍ ସେଂଟର ବିଦ୍ୟୁତ୍ ପରିଚାଳନାକୁ ଆହୁରି ସ୍ମାର୍ଟ କରିବ ।

ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କେନ୍ଦୁଝର ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ଦୋହରାଇ କହିଛନ୍ତି, ମୁଁ ବାରମ୍ବାର କହିଛି, ଖଣି ଖାଦାନରେ ଭରା କେନ୍ଦୁଝରକୁ ସୁନାର କେନ୍ଦୁଝର କରାଯିବ। କେନ୍ଦୁଝର ଏତେ ଦିନ ଧରି ରାଜ୍ୟକୁ ସମୃଦ୍ଧି ଦେଇ ଆସିଛି, ଏବେ ସମୟ ଆସିଛି କେନ୍ଦୁଝରକୁ ତାର ହକ୍ ଫେରାଇବାର। ଏହି ଅବସରରେ ସେ ବଡ଼ବିଲ ରିଂ-ରୋଡ୍‌ର କାର୍ଯ୍ୟ ଏବଂ ଆଗାମୀ ମେଗା ଷ୍ଟିଲ୍ ପ୍ଲାଂଟ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ଜାପାନର ପ୍ରସିଦ୍ଧ ଜେଏଫଇ ଷ୍ଟିଲ କୁ କେନ୍ଦୁଝରରେ କାରଖାନା ଗଢ଼ିବାକୁ ପ୍ରସ୍ତାବ ଦିଆଯାଇଛି, ଯାହା ଭବିଷ୍ୟତର 'ଇଲେକ୍ଟ୍ରିକାଲ୍ ଷ୍ଟିଲ୍' ଉତ୍ପାଦନ କରିବ। ଜିଲ୍ଲାରେ ବଢୁଥିବା ଶିଳ୍ପ ଚାହିଦାକୁ ଦୃଷ୍ଟିରେ ରଖି ଆଗାମୀ ୨୦ ବର୍ଷର ଆବଶ୍ୟକତାକୁ ପୂରଣ କରିବା ଭଳି ଭିତ୍ତିଭୂମି ପ୍ରସ୍ତୁତ କରାଯାଉଛି ।

ପ୍ରଧାନମନ୍ତ୍ରୀଙ୍କ ବିକାଶ ମଡେଲକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ନେତୃତ୍ୱରେ ଭାରତ ଆଜି ସୌର, ପବନ ଓ ପରମାଣୁ ଶକ୍ତିରେ ଆତ୍ମନିର୍ଭର ହେଉଛି। ଆମ ଡବଲ ଇଞ୍ଜିନ ସରକାର ସେହି ବିକାଶର ଧାରାକୁ ଓଡ଼ିଶାର ପ୍ରତିଟି ଗାଁ ଏବଂ ପ୍ରତିଟି ପରିବାର ପାଖରେ ପହଂଚାଇବାକୁ ସଂକଳ୍ପବଦ୍ଧ। 'କେନ୍ଦୁଝରର ବିକାଶ ଦାୟିତ୍ୱ ମୋର,' ଏହି ଶବ୍ଦ ସହ ମୁଖ୍ୟମନ୍ତ୍ରୀ ଜିଲ୍ଲାବାସୀଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ ଏବଂ ଆଗାମୀ ୧୦ ବର୍ଷ ମଧ୍ୟରେ ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବାର ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଥିଲେ ଯେ, ରାଜ୍ୟରେ ସମସ୍ତ ବିଦ୍ୟୁତ ଶକ୍ତି ବ୍ୟବସ୍ଥାର ସମ୍ପ୍ରସାରଣ ସୁନିଶ୍ଚିତ ହେବାପାଇଁ ଆମ ସରକାର ଦୃଢ଼ କାର୍ଯ୍ୟରତ। ଆଜିର ଗ୍ରୀଡ଼ ସବ ଷ୍ଟେସନ କେବଳ କେନ୍ଦୁଝର ନୁହେଁ ଏହାର ପାୱାର ସପ୍ଲାଏ ଆଣେ ସୁନ୍ଦରଗଡ଼, ଅନୁଗୋଳ, ବଇଣ୍ଡା ଅଂଚଳ ପର୍ଯ୍ୟନ୍ତ ବିସ୍ତୃତ କରିବୁ। ଆଗାମୀ ଦିନରେ କେନ୍ଦୁଝର ଅଂଚଳରେ ଥିବା ସମସ୍ତ ଉପାନ୍ତ ଅଂଚଳରେ ଯେଉଁଠାରେ ବିଦ୍ୟୁତ କନେକ୍ସନ ନାହିଁ, ସେ ସମସ୍ତ ଅଂଚଳକୁ ବିଦ୍ୟୁତ ପହଂଚାଇବା ଲକ୍ଷ୍ୟ ରଖିଛୁ। ପ୍ରଧାନମନ୍ତ୍ରୀ ଙ୍କ ନିର୍ଦ୍ଦେଶରେ ୨୦୨୮ ସୁଦ୍ଧା ସମଗ୍ର ଓଡ଼ିଶା ବିଦ୍ୟୁତ ସଙ୍କଟରୁ ବାହାରିବ। ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ତେଲକୋଇ ବିଧାୟକ ଡକ୍ଟର ଫକିର ମୋହନ ନାଏକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ଙ୍କ ସମେତ, ଓପିଟିସିଏଲ ସିଏମଡି , ଭାସ୍କର ଜ୍ୟୋତି ଶର୍ମା, ଜିଲ୍ଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

## ଝାରସୁଗୁଡ଼ା ତାପମାତ୍ରା ୪୫ ଟପିଲା

ଭୁବନେଶ୍ୱର,୨୮।୪(ମହାଭାରତ); ବିଶେଷ କରି ପଶ୍ଚିମ ଓଡିଶାରେ ଭୀଷଣ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଝାରସୁଗୁଡାର ତାପମାତ୍ରା କ୍ରମାଗତ ଭାବେ ଅଧିକ ରହୁଥିବା ବେଳେ ମଙ୍ଗଳବାର ଏଠାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୫ ଡିଗ୍ରୀ ପାର ହୋଇଯାଇଛି। ଆଜି ଝାରସୁଗୁଡାର ଦିନର ସର୍ବୋଚ୍ଚ ତାପମାତ୍ରା ୪୫.୩ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।



ଝାରସୁଗୁଡା ସମେତ ରାଜ୍ୟର ୧୧ଟି ସହରର ତାପମାତ୍ରା ୪୦ ଡିଗ୍ରୀ ବା ତା'ଠାରୁ ଅଧିକ ରହିଛି। ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୩.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ହୀରାକୁଦରେ ୪୩.୪, ସୁନ୍ଦରଗଡରେ ୪୧.୫, ତାଳଚେରରେ ୪୨, ଭବାନୀପାଟଣାରେ ୪୧.୮, ଟିଟିଲାଗଡରେ ୪୨.୨, ସୋନପୁରରେ ୪୧.୯, ବରଗଡରେ ୪୨.୯, ନୂଆପଡାରେ ୪୨.୫ ଓ ରାଉରକେଲାରେ ୪୦.୭ ଡିଗ୍ରୀ ରେକର୍ଡ କରାଯାଇଛି।

ରାଜଧାନୀ ଭୁବନେଶ୍ୱରରେ ଆଜି ଦିନ ତମାମ ପାଗ ମେଘୁଆ ରହିଥିବା ବେଳେ ସର୍ବୋଚ୍ଚ ତାପମାତ୍ରା ୩୪.୫ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି କଟକରେ ସର୍ବୋଚ୍ଚ ତାପମାତ୍ରା ୩୪.୬ ଡିଗ୍ରୀ ରହିଥିଲା। ଅନୁଗୋଳରେ ସର୍ବୋଚ୍ଚ ତାପମାତ୍ରା ୩୯.୭ ଡିଗ୍ରୀ ରହିଥିବା ବେଳେ କେନ୍ଦୁଝରରେ ୩୯.୭, କୋରାପୁଟରେ ୩୮, ମାଲକାନଗିରିରେ ୩୯.୮ ଓ ଢେଙ୍କାନାଳରେ ୩୮.୨ ଡିଗ୍ରୀ ରେକର୍ଡ କରାଯାଇଛି।

ବାଲେଶ୍ୱରର ତାପମାତ୍ରା ୩୭ ଡିଗ୍ରୀ ରହିଥିବା ବେଳେ ଚାନ୍ଦବାଲିର ୩୭.୬, ପାରାଦୀପର ୩୨.୨, ଗୋପାଳପୁରର ୩୧.୪, ପୁରୀର ୩୩.୨, ଦାରିଙ୍ଗବାଡିର ୩୬.୫, ନୟାଗଡର ୩୭.୨, ପାରଳାଖେମୁଣ୍ଡିର ୩୮.୬, ରାୟଗଡାର ତାପମାତ୍ରା ୩୬.୬, ଖୋର୍ଦ୍ଧାର ୩୬, ଜଗତସିଂହପୁରର ୩୫ ଓ କେନ୍ଦ୍ରପଡାର ତାପମାତ୍ରା ୩୬.୨ ଡିଗ୍ରୀ ରେକର୍ଡ କରାଯାଇଛି।

## ଟିଟିଲାଗଡ଼ ସଡକ ଦୁର୍ଘଟଣାରେ ମୃତକଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

ଭୁବନେଶ୍ୱର, ୨୮।୪: ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ତହସିଲରେ ଘଟିଥିବା ଦୁଃଖଦ ଦୁର୍ଘଟଣାରେ ରାଜବୀର ତାଣ୍ଡି (ପିତା – ପରମାନନ୍ଦ ତାଣ୍ଡି), ଆଲୋକ ତାଣ୍ଡି (ପିତା – ରବି ତାଣ୍ଡି), ରାଜା ସିକା (ପିତା – ଅଭି ସିକା)ଙ୍କର ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ପ୍ରତ୍ୟେକ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି।

## କାଶୀକୁ ମୋଦୀଙ୍କ ୬,୩୩୨ କୋଟି ଟଙ୍କାର ପ୍ରକଳ୍ପ ଭେଟି

ବାରାଣସୀ, ୨୮।୪: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଙ୍ଗଳବାର ତାଙ୍କ ସଂସଦୀୟ କ୍ଷେତ୍ର ବାରାଣସୀକୁ ୬,୩୩୨ କୋଟି ଟଙ୍କାର ୧୬୩ଟି ବିକାଶ ପ୍ରକଳ୍ପ ରୂପରେ ଏକ ବଡ଼ ଉପହାର ଦେଇଥିଲେ। ପ୍ରଧାନମନ୍ତ୍ରୀ ଦୁଇଟି ନୂତନ ଅମୃତ ଭାରତ ଏକ୍ସପ୍ରେସ୍ ଟ୍ରେନ୍ - ବାରାଣସୀରୁ ପୁନେ ଏବଂ ଅଯୋଧ୍ୟାରୁ ମୁମ୍ବାଇ (ଲୋକମାନ୍ୟ ତିଲକ ଟର୍ମିନସ୍)କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।ମଙ୍ଗଳବାର ଦିନ ବାରକା ଇଂଟର କଲେଜ ପଡ଼ିଆରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ପ୍ରଧାନମନ୍ତ୍ରୀ ରିମୋଟ୍ କଣ୍ଟ୍ରୋଲ୍ ମାଧ୍ୟମରେ ୧୬୩ଟି ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିଥିଲେ। ଏଥିରେ ୧୦୫୪.୬୯ କୋଟି ଟଙ୍କାର ୫୦ଟି ପ୍ରକଳ୍ପର ଉଦଘାଟନ ଏବଂ ୫,୨୭୭.୩୯ କୋଟି ଟଙ୍କାର ୧୧୩ଟି ପ୍ରକଳ୍ପର ଶିଳାନ୍ୟାସ ଅନ୍ତର୍ଭୁକ୍ତ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି କାଶୀରୁ ପୁନେ ଏବଂ ଅଯୋଧ୍ୟାରୁ ମୁମ୍ବାଇ ପର୍ଯ୍ୟନ୍ତ ଅମୃତ ଭାରତ ଏକ୍ସପ୍ରେସ ଟ୍ରେନର ମଧ୍ୟ ଉଦଘାଟନ କରିଥିଲେ।

## ଆଜି ପଶ୍ଚିମବଙ୍ଗ ନିର୍ବାଚନର ଶେଷ ପର୍ଯ୍ୟାୟ

### ୧୪୨ଟି ଆସନରେ ମତଦାନ

ନୂଆଦିଲ୍ଲୀ, ୨୮।୪: ପଶ୍ଚିମବଙ୍ଗରେ ବୁଧବାର ଦିନ ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ମତଦାନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏହି ପର୍ଯ୍ୟାୟରେ ବିଧାନସଭା ନିର୍ବାଚନ ମଣ୍ଡଳୀର ୧୪୨ଟି ଆସନରେ ମତଦାନ ହେବ। ନିରପେକ୍ଷ, ଶାନ୍ତିପୂର୍ଣ୍ଣ ଏବଂ ସ୍ୱଚ୍ଛ ମତଦାନ ସୁନିଶ୍ଚିତ କରିବା ପାଇଁ ସମ୍ବେଦନଶୀଳ ଏବଂ ଅତି ସମ୍ବେଦନଶୀଳ ଅଂଚଳରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ପର୍ଯ୍ୟାୟରେ ୩୨.୧ କୋଟିରୁ ଅଧିକ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ।

ଦ୍ୱିତୀୟ ପର୍ଯ୍ୟାୟରେ ମୋଟ ୩,୨୧,୭୩,୮୩୭ ଜଣ ଭୋଟର ଅଛନ୍ତି। ଏମାନଙ୍କ ମଧ୍ୟରୁ ୧,୬୪,୩୫,୬୨୭ ଜଣ ପୁରୁଷ, ୧,୫୭,୩୭,୪୧୮ ଜଣ ମହିଳା ଏବଂ ୭୯୨ ଜଣ ତୃତୀୟ ଲିଙ୍ଗ ଭୋଟର ଅଛନ୍ତି। ୧୮ ରୁ ୧୯ ବର୍ଷ ବୟସର ୪,୧୨,୬୬୮ ଜଣ ନୂଆ ଭୋଟର ପ୍ରଥମ ଥର ପାଇଁ ମତଦାନ କରିବେ। ନିର୍ବାଚନ ଆୟୋଗ ୮୫ ବର୍ଷରୁ ଅଧିକ ବୟସର ୧,୯୬,୮୦୧ ଜଣ ଭୋଟରଙ୍କୁ ଚିହ୍ନଟ କରିଛନ୍ତି। ଇତି ମଧ୍ୟରେ, ୩,୨୪୩ ଜଣ ଭୋଟର ୧୦୦ ବର୍ଷ ବୟସ ଅତିକ୍ରମ କରିଛନ୍ତି। ଏହା ବ୍ୟତୀତ ୫୭,୭୮୩ ଜଣ ଦିବ୍ୟାଙ୍ଗ ଭୋଟର ମଧ୍ୟ ଗଣତନ୍ତ୍ରର ଏହି ବିଶାଳ ଉତ୍ସବରେ ଅଂଶଗ୍ରହଣ କରିବେ ।ଏହି ପର୍ଯ୍ୟାୟରେ ୧,୨୨୮ ଜଣ ପୁରୁଷ ଏବଂ ୨୨୦ ଜଣ ମହିଳାଙ୍କ ସମେତ ମୋଟ ୧,୪୪୮ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସବୁଠାରୁ ଚର୍ଚ୍ଚିତ ନିର୍ବାଚନ ମଣ୍ଡଳୀ ହେଉଛି ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ଭାଙ୍ଗର, ଯେଉଁଠାରେ ୧୯ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏଥି ସହିତ, ହୁଗୁଳି ଜିଲ୍ଲାର ଗୋଘାଟରେ କେବଳ ୫ ଜଣ ପ୍ରାର୍ଥୀଙ୍କ ସର୍ବନିମ୍ନ ପ୍ରତିଦ୍ୱନ୍ଦ୍ୱିତା ହେବ ।ଉତର ୨୪ ପ୍ରଗଣାର ୩୩ ଟି ଆସନରେ ଏଥର ଏକ ଉଚ୍ଚ ସ୍ତରୀୟ ନିର୍ବାଚନୀ ଲଢ଼େଇ ଦେଖିବାକୁ ମିଳିବ, ଯେଉଁଥିରେ ୭୧ ଲକ୍ଷରୁ ଅଧିକ ଭୋଟର ବଙ୍ଗଳାର ରାଜନୈତିକ ଗତିପଥ ସ୍ଥିର କରିବେ ।କ୍ଷେତ୍ରଫଳ ଦୃଷ୍ଟିରୁ ଜୋରାସାଙ୍କୋ ହେଉଛି କୋଲକାତାର ସବୁଠାରୁ ଛୋଟ ବିଧାନସଭା ନିର୍ବାଚନ ମଣ୍ଡଳୀ, ଯାହାର କ୍ଷେତ୍ରଫଳ ମାତ୍ର ୩.୪୮ ବର୍ଗ କି.ମି.। ଏଥି ସହିତ, ନଦୀଆ ଜିଲ୍ଲାର କଲ୍ୟାଣୀ ବିଧାନସଭା ନିର୍ବାଚନ ମଣ୍ଡଳୀ ହେଉଛି ୧୩୫ ବର୍ଗ କିଲୋମିଟର ବିଶିଷ୍ଟ ସର୍ବବୃହତ ନିର୍ବାଚନ ମଣ୍ଡଳୀ। ଭୋଟରଙ୍କ ସଂଖ୍ୟା ଦୃଷ୍ଟିରୁ, ଭାଟପାରା ସର୍ବନିମ୍ନ ୧୧୭,୧୯୫ ଥିବାବେଳେ ହୁଗ୍ଲିର ଚୁଂଚୁରାରେ ସର୍ବାଧିକ ୨୭୫,୭୧୫ ଅଛନ୍ତି।

## ସରକାରୀ ଆୟୁର୍ବେଦିକ ଓ ହୋମିଓପାଥିକ ମେଡିକାଲ କଲେଜ ପାଇଁ ଖୁସିଖବର

ଭୁବନେଶ୍ୱର, ୨୮।୪ : ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ରାଜ୍ୟର ସରକାରୀ ଆୟୁର୍ବେଦିକ ଓ ହୋମିଓପାଥିକ ମେଡିକାଲ କଲେଜଗୁଡିକରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଲେକଚରର, ରିଡର ଏବଂ ପ୍ରଫେସରମାନଙ୍କ ଦରମା ପୁନଃନିର୍ଦ୍ଧାରଣ ଓ ବୃଦ୍ଧି କରାଯାଇଛି । ସରକାରଙ୍କ ନିଷ୍ପତି ଅନୁସାରେ, ଚୁକ୍ତିଭିତ୍ତିକ ଲେକଚରରମାନଙ୍କ ଦରମା ପ୍ରତିମାସ ୭୦,୦୦୦ ଟଙ୍କା ନିର୍ଦ୍ଧାରଣ କରାଯାଇଛି । ସେହିପରି, ରିଡର ଓ ପ୍ରଫେସରମାନଙ୍କ ଦରମାରେ ମଧ୍ୟ ବୃଦ୍ଧି କରାଯାଇଛି । ରିଡରମାନଙ୍କ ଦରମା ୪୦,୦୦୦ ଟଙ୍କାରୁ ବୃଦ୍ଧି ହୋଇ ୮୦,୦୦୦ ଟଙ୍କା କରାଯାଇଥିବାବେଳେ, ପ୍ରଫେସରମାନଙ୍କ ଦରମା ୫୦,୦୦୦ ଟଙ୍କାରୁ ବୃଦ୍ଧି କରାଯାଇ ୧ ଲକ୍ଷ ଟଙ୍କା କରାଯାଇଛି।

## ଦୋଷ ସ୍ୱୀକାର କଲାନି ବ୍ୟାଙ୍କ, ଆରଡିସି ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

କେନ୍ଦୁଝର,୨୮।୪(ମହାଭାରତ): ମୃତ ଭଉଣୀର ଆକାଉଣ୍ଟରୁ ଟଙ୍କା ଉଠାଇବା ପାଇଁ ବ୍ୟାଙ୍କକୁ ବାରମ୍ବାର ଯିବି ନିରାଶ ହୋଇଥିବା ଗରିବ ଆଦିବାସୀ ଜିତୁ ମୁଣ୍ଡାଙ୍କୁ ଶେଷରେ ନ୍ୟାୟ ମିଳିଛି। ପ୍ରଶାସନ ତାଙ୍କ ଘରକୁ ଯାଇଛି, ଆଉ ମୃତ ଭଉଣୀର ବ୍ୟାଙ୍କ ଆକାଉଣ୍ଟରେ ଥିବା ଟଙ୍କାକୁ ସୁଧସମେତ ତାଙ୍କୁ ଫେଠ କରିଛି। କେବଳ ସେତିକି ନୁହେଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ ପରେ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ମଧ୍ୟ ୩୦ହଜାର ଟଙ୍କାର ଆର୍ଥିକ ସହାୟତା ତାଙ୍କୁ ଯୋଗାଇ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଏହି ଘଟଣାକୁ ନେଇ ଉଦବେଗ ପ୍ରକାଶ କରିବା ସହ ଆସନ୍ତାକାଲିଠୁ ତଦନ୍ତ ଆରମ୍ଭ କରି ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ଉତ୍ତରାଂଚଳ ଆରଡିସିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ଘଟଣା କାହିଁକି ଘଟିଲା ଓ ଭବିଷ୍ୟତରେ ଏହାର ପୁନରାବୃତ୍ତି ଯେଉଁଭଳି ନହେବ ତା'ର ତଦନ୍ତ ପାଇଁ ଆରଡିସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି।



ନିଜର ନିରକ୍ଷରତା ପାଇଁ ହେଉ ଅବା ସଚେତନତା ଅଭାବରୁ ହେଉ ଅବାପୁଣି ବ୍ୟବସ୍ଥା ସମ୍ପର୍କରେ ସମ୍ପୂର୍ଣ୍ଣ ଅଜ୍ଞ ଥିବା ଆଦିବାସୀ ଜିତୁ ମୁଣ୍ଡାଙ୍କୁ ତାଙ୍କ ମୃତ ଭଉଣୀର ଆକାଉଣ୍ଟରେ ଥିବା ଟଙ୍କାକୁ ଫେରି ପାଇବା ନିମନ୍ତେ ଓଡିଶା ଗ୍ରାମ୍ୟ ବ୍ୟାଙ୍କର କର୍ମଚାରୀମାନେ ଯେଉଁ ସମ୍ବେଦନହୀନତା ଦେଖାଇଥିଲେ, ଆଜି ସେହି ବ୍ୟାଙ୍କର ପ୍ରାୟୋଜକ ବ୍ୟାଙ୍କ 'ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ' କର୍ତ୍ତୃପକ୍ଷଙ୍କ ସ୍ପଷ୍ଟୀକରଣ ମଧ୍ୟ ବ୍ୟବସ୍ଥା ପ୍ରତି ଉପହାସ ସଦୃଶ ହୋଇଛି। ମୃତ ଭଉଣୀର କଙ୍କାଳ ଧରି ବ୍ୟାଙ୍କକୁ ଜିତୁ ମୁଣ୍ଡା ଆସିବାର ଅଭାବନୀୟ ଘଟଣାକୁ ନେଇ ଚ଼ାରିଆଡ ? ଆଲୋଡନ ସୃଷ୍ଟି ହୋଇଥିବାବେଳେ ବ୍ୟାଙ୍କ କର୍ତ୍ତୃପକ୍ଷ ନିଜର ଦୋଷ ସ୍ୱୀକାର କରିନାହାନ୍ତି।

ଓଲଟା ଜିତୁ ମୁଣ୍ଡାଙ୍କ ବ୍ୟକ୍ତିଗତ ଓ ନିଶାସକ୍ତ ଆଚରଣ ସମେତ ଡେଥ୍ ସାର୍ଟିଫିକେଟ୍ ନଥିବା ଏବଂ ବ୍ୟାଙ୍କିଙ୍ଗ ନିୟମ ଓ ସଚେତନତାର ଅଭାବକୁ ଦାୟୀ କରିଛନ୍ତି। ଗଣମାଧ୍ୟମରେ ପ୍ରକାଶିତ ଖବର ସଂପୂର୍ଣ୍ଣ ସତ୍ୟ ନୁହେଁ ଓ କୌଣସି ବି ପରିସ୍ଥିତିରେ ଜଣେ ମୃତ ଗ୍ରାହକଙ୍କୁ ବ୍ୟାଙ୍କକୁ ଆଣିବା ପାଇଁ ବାଧ୍ୟ କରାଯାଇ ନଥିଲା।

ଜିତୁ ମୁଣ୍ଡା ନିଶାସକ୍ତ ଅବସ୍ଥାରେ ଗଣ୍ଡଗୋଳ କରିଥିଲେ ଓ ମୃତଦେହର ଅବଶେଷକୁ ବ୍ୟାଙ୍କ ସମ୍ମୁଖରେ ରଖି ତାହା ତାଙ୍କ ଭଉଣୀର ବୋଲି ଦାବି କରି ଟଙ୍କା ଉଠାଇବାକୁ ଜିଦ୍ ଧରିଥିଲେ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ ନିଜର ସ୍ପଷ୍ଟୀକରଣରେ ଉଲ୍ଲେଖ କରିଛନ୍ତି। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଏଭଳି ସ୍ପଷ୍ଟୀକରଣ ହିଁ ଡିଜିଟାଲ ଯୁଗରେ ଆମ ବ୍ୟବସ୍ଥାରେ ଥିବା ଅମାନବିକତା ଚେହେରାର ପ୍ରତିଫଳନ ବୋଲି ଚର୍ଚ୍ଚା ହେଉଛି ।

ଏପଟେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହି ଘଟଣାକୁ ନେଇ ଗଭୀର ଉଦବେଗ ବ୍ୟକ୍ତ କରିଛନ୍ତି । ଏହି ଘଟଣା ସହ ଜଡିତ ଅଧିକାରୀମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଶ୍ରୀ ପୂଜାରୀ କହିଛନ୍ତି ଯେ, ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏହି ଦୁଃଖଦ ଦୃଶ୍ୟ ଦେଖିବା ପରେ ସେ ଅତ୍ୟନ୍ତ ମର୍ମାହତ। ଏହା ସମ୍ବେଦନହୀନତାର ଏକ ଚରମ ଉଦାହରଣ ଓ ଦାନ ମାଝୀ ଘଟଣାର ପୁନରାବୃତ୍ତି ସଦୃଶ। ଜଣେ ଗରିବ ଆଦିବାସୀ ବ୍ୟକ୍ତି ନିଜ ଭଉଣୀର ଗଳିତ ମୃତଦେହ(କଙ୍କାଳ)କୁ ଟଙ୍କା ଉଠାଇବା ପାଇଁ ଆସିବା ଅତ୍ୟନ୍ତ ନିନ୍ଦନୀୟ। ଯେଉଁ ଅଧିକାରୀମାନେ ଏଭଳି ଅମାନବୀୟ ବ୍ୟବହାର ପ୍ରଦର୍ଶନ କରିଛନ୍ତି ସେମାନଙ୍କର ପଦବୀରେ ରହିବାର ନୈତିକ ଅଧିକାର ନାହିଁ। ଏ ସମ୍ପର୍କରେ ସେ ନିଜେ ଜିଲ୍ଲାପାଳ ଓ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି।

## ଶିକ୍ଷା ହିଁ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର, ଯାହା ବିଶ୍ୱକୁ ପରିବର୍ତ୍ତନ କରିପାରିବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୪(ମହାଭାରତ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଅନ୍ତର୍ଗତ ପୁରୁଷୋତ୍ତମପୁରସ୍ଥିତ ବି.ଏନ୍.କେ ଉଚ୍ଚ ବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ତଥା ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆଜି ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଗୌରବମୟ ଯାତ୍ରାକୁ ପ୍ରଶଂସା କରିବା ସହ ରାଜ୍ୟରେ ଶିକ୍ଷାର ବିକାଶ ପାଇଁ ସରକାରଙ୍କ ପ୍ରତିବଦ୍ଧତା ଦୋହରାଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବି.ଏନ୍.କେ ଉଚ୍ଚ ବିଦ୍ୟାଳୟକୁ ପି.ଏମ୍. ଶ୍ରୀ ଉଚ୍ଚ ବିଦ୍ୟାଳୟ ଭାବେ ଉନ୍ନତିକରଣ କରିବା ପାଇଁ ୭ କୋଟି ଟଙ୍କାର ସହାୟତା ରାଶି ଘୋଷଣା କରିବା ସହିତ କୁଟାରୀପଶି ପଞ୍ଚାୟତକୁ ଏକ ଆଦର୍ଶ ପଞ୍ଚାୟତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଘୋଷଣା କରିଛନ୍ତି।

ଏକ ଶିକ୍ଷାନୁଷ୍ଠାନର ୫୦ ବର୍ଷ ପୂର୍ତ୍ତି କେବଳ ଏକ ଉତ୍ସବ ନୁହେଁ, ବରଂ ଏହା ହେଉଛି ପାଞ୍ଚ ଦଶନ୍ଧିର ସଂଘର୍ଷ, ସଫଳତା ଏବଂ ସାମାଜିକ ପରିବର୍ତ୍ତନର ଏକ ଗୌରବମୟ ଯାତ୍ରା ।ସଫଳତାର କୌଣସି ସର୍ଟକଟ୍ ନାହିଁ। କଠିନ ପରିଶ୍ରମ ଓ ନିରନ୍ତର ଅଧ୍ୟୟନ ହିଁ ତୁମକୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବ। ଶିକ୍ଷା ହିଁ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର, ଯାହା ବିଶ୍ୱକୁ ପରିବର୍ତ୍ତନ କରିପାରିବ। ଆମ ସରକାରଙ୍କ ପାଇଁ ଶିକ୍ଷା କେବଳ ଭିତ୍ତିଭୂମି ନୁହେଁ, ବରଂ ଶିଶୁର ସାମଗ୍ରିକ ବିକାଶ ଓ ମୌଳିକ ଜ୍ଞାନ ବୃଦ୍ଧି ହେଉଛି ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟ ସରକାର ୨୫ ହଜାରରୁ ଉର୍ଦ୍ଧ୍ୱ ଶିକ୍ଷକଙ୍କୁ ନିଯୁକ୍ତି ଦେଇଛନ୍ତି ଏବଂ ୧୩ ହଜାର ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ନିୟମିତ



କରାଯାଇଛି। ଆଗାମୀ ଦିନରେ ଆହୁରି ୪୫ ହଜାର ଶିକ୍ଷକ ନିଯୁକ୍ତି ପାଇଁ ପ୍ରକ୍ରିୟା ଜାରି ରହିଛି ।୫ଟି ମଡେଲ ସ୍କୁଲରେ କେବଳ 'ରଙ୍ଗ ମରା' କାମକୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସରକାର ପ୍ରକୃତ ଭିତ୍ତିଭୂମି ବିକାଶ ପାଇଁ ପ୍ରଥମ ପର୍ଯ୍ୟାୟରେ ୨,୨୦୦ ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ନିର୍ମାଣ କରିବେ, ଯାହା ପାଇଁ ବଜେଟରେ ୫୦ କୋଟିର ବ୍ୟବସ୍ଥା ହୋଇଛି ।ରାଜ୍ୟର ୮୦୦ ସ୍କୁଲକୁ 'ପିଏମ୍ ଶ୍ରୀ' ଯୋଜନାରେ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯିବ। 'ନିପୁଣ ଓଡ଼ିଶା' ମିଶନ ଜରିଆରେ ମୌଳିକ ସାକ୍ଷରତା ଓ ମାତୃଭାଷା ଭିତ୍ତିକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। ଭାରତୀୟ ବୈଜ୍ଞାନିକମାନେ ପରମାଣୁ ଶକ୍ତି କ୍ଷେତ୍ରରେ ହାସଲ କରିଥିବା 'ସେକେଣ୍ଡ ଷ୍ଟେଜ୍ କ୍ରିଟିକାଲିଟି' ସଫଳତାକୁ ମୁଖ୍ୟମନ୍ତ୍ରୀ ଦେଶ ପାଇଁ ଏକ ଗର୍ବର ବିଷୟ ବୋଲି ବର୍ଣ୍ଣନା କରିଛନ୍ତି।

ମୁଖ୍ୟମନ୍ତ୍ରୀ ଏହି ଅଂଚଳର ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ସହରାଇ ଓରାମଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ବି.ଏନ୍.କେ ଉଚ୍ଚ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଦ୍ୟାଳୟର ସ୍ମରଣିକା ଉନ୍ମୋଚନ କରିବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିଥିଲେ। ପୁରୁଷୋତ୍ତମପୁର ଅଞ୍ଚଳର ଶିକ୍ଷା ଭିତ୍ତିଭୂମି ପାଇଁ ଅତିରିକ୍ତ ଅନୁଦାନ ଯୋଗାଇ ଦେବାକୁ ସେ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଚମ୍ପୁଆ ବିଧାୟକ ସନାତନ ମହାକୁଡ, ତେଲକୋଇ ବିଧାୟକ ଡଃ. ଫକୀର ମୋହନ ନାଏକ, ପାଟଣା ବିଧାୟକ ଶ୍ରୀ ଅଖିଳ ଚନ୍ଦ୍ର ନାଏକ ଏବଂ ଜିଲ୍ଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ସାହି ମସରୁମ୍



**ଆବଶ୍ୟକ ସାମଗ୍ରୀ:**

କଟା ଛତୁ, କଟା ପିଆଜ, କାଜୁ ବଟା, କସ୍ତୁରୀ ମେଥି, ଟମାଟୋ ପ୍ୟୁରି, ଗରମ ମସଲା, ଅଦା-ରସୁଣ ପେଷ୍ଟ, ଫ୍ରେଶ୍ କ୍ରିମ୍, ଗୁଣ୍ଡ ଗୋଲମରିଚ, ଦେଶୀ ଘିଅ ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ:**

କଡ଼େଇରେ ଘିଅ ଗରମ କରି ସେଥିରେ କଟା ପିଆଜକୁ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ ପରେ ଅଦା-ରସୁଣ ପେଷ୍ଟକୁ ଦେଇ କଷନ୍ତୁ। ପରେ ସେଥିରେ ଟମାଟୋ ପ୍ୟୁରି ଦେଇ ଆଉ ଟିକେ କଷନ୍ତୁ ଏବଂ କିଛି ସମୟ ପରେ କାଜୁ ବଟା ଓ ଛତୁ ମିଶାଇ କଷନ୍ତୁ।

କିଛି ସମୟ ପରେ ଅଧା କପ୍ ପାଣି, ଲୁଣ, ଗୋଲମରିଚ ଗୁଣ୍ଡ ଓ ଅଳ୍ପ କସ୍ତୁରୀ ମେଥି ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ। ତା'ପରେ ଫ୍ରେଶ୍ କ୍ରିମ୍ ଏବଂ ୧ମିନିଟ୍ ପରେ ଗରମ ମସଲା ପକାଇ ସାମାନ୍ୟ ଫୁଟାଇ ତଳକୁ ଓହ୍ଲାଇ ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା 'ସାହି ମସରୁମ୍'। ଏହାକୁ ଆପଣ ରୁଟି, ପରଟା କିମ୍ବା ନାନ୍ ସହ ଖାଇପାରିବେ।

# ପୁଣି ଫେରୁଛି 'ଖତରୋ କେ ଖିଲାଡି ୧୫'




ରୋହିତ ସେଟ୍ଟୀଙ୍କ ଲୋକପ୍ରିୟ ଶୋ' 'ଖତରୋ କେ ଖିଲାଡି' ସିଜିନ୍ ୧୫ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯାଉଛି। କିନ୍ତୁ ଅଫିସିଆଲ ଭାବେ ଏପର୍ଯ୍ୟନ୍ତ ସୁଦ୍ଧା ଶୋ'ର ପ୍ରତିଯୋଗିଙ୍କ ନାଁ ଘୋଷଣା କରାଯାଇନାହିଁ। ହେଲେ କିଛି ସେଲିବ୍ରିଟି ଏବେ ସୋସିଆଲ ମିଡିଆରେ ପୋଷ୍ଟ ସେୟାର କରିଛନ୍ତି। ଏହି ପୋଷ୍ଟ ସୋସିଆଲ ମିଡିଆରେ ସେୟାର ହେବା ପରେ ଦର୍ଶକମାନଙ୍କର ଉତ୍ସାହକୁ ବୃଦ୍ଧି କରିଛି।ରୁବିନା ଦିଲାଇକ୍, ଜାସମିନ୍ ଭାସିନ୍, ଭାରତୀ ସିଂ, ଏଲି ଗୋନି, ହିନା ଖାନ୍, କରଣ ୱାହି ଏବଂ ନିୟା ଶର୍ମା ନିଜ ହାତରେ କ ର ସିମ୍ବଲ ତିଆରି କରି ଏକ ଫଟୋ ସୋସିଆଲ ମିଡିଆରେ ସେୟାର କରିଛନ୍ତି। ଏହି ଚଳିତ ଶୋ'ରେ ପୁରୁଣା ପ୍ରତିଯୋଗୀଙ୍କ ସମେତ ନୂଆ ପ୍ରତିଯୋଗୀ ମଧ୍ୟ ନଜର ଆସିବେ ବୋଲି ଦର୍ଶକମାନେ ଅନୁମାନ କରୁଛନ୍ତି।ଆପଣଙ୍କୁ ଜଣାଇ ରଖୁଛୁ ଯେ, ଏହା ପୂର୍ବରୁ ନିୟା ଶର୍ମାଙ୍କୁ ''ଖତରୋ କେ ଖିଲାଡି ୮'' ଏବଂ ଖତରୋ କେ ଖିଲାଡି : ମେଡ୍ ଇନ୍ ଇଣ୍ଡିଆରେ ତାଙ୍କୁ ଦେଖିବାକୁ ମିଳିଥିଲା। ଏଥିସହିତ ଜାସ୍ମିନ୍ ଭସୀନ ''ଖତରୋ କେ ଖିଲାଡି ୯'' ଏବଂ 'ଖତରୋ କେ ଖିଲାଡି : ମେଡ୍ ଇନ୍ ଇଣ୍ଡିଆ''ରେ ନଜର ଆସିଥିଲେ। କରଣ ୱାହି ମଧ୍ୟ ''ଖତରୋ କେ ଖିଲାଡି ୮'' ଏବଂ ଖତରୋ କେ ଖିଲାଡି : ମେଡ୍ ଇନ୍ ଇଣ୍ଡିଆରେ ନଜର ଆସିଥିଲେ।ସେହିପରି ହିନା ଖାନ୍ ''''ଖତରୋ କେ ଖିଲାଡି ୮'' ଏବଂ ଖତରୋ କେ ଖିଲାଡି ୧୩'' ରେ, ଭାରତୀ ସିଂ ''ଖତରୋ କେ ଖିଲାଡି ୯'' ଏବଂ 'ଖତରୋ କେ ଖିଲାଡି : ମେଡ୍ ଇନ୍ ଇଣ୍ଡିଆ''ରେ, ଏଲି ଗୋନି ''ଖତରୋ କେ ଖିଲାଡି ୯'' ଏବଂ 'ଖତରୋ କେ ଖିଲାଡି : ମେଡ୍ ଇନ୍ ଇଣ୍ଡିଆ''ରେ ମଧ୍ୟ ନଜର ଆସିଥିଲେ। ଏହି ଚର୍ଚ୍ଚିତ ପୁରୁଣା ପ୍ରତିଯୋଗୀଙ୍କ ବ୍ୟତୀତ ସୋସିଆଲ ମିଡିଆରେ ଫରହାନା ଭଟ୍ଟ, କରଣ କୁନ୍ଦ୍ରା, ରକି ଜାୟସବାଲ, ଅବିନାଶ ମିଶ୍ରା ଏବଂ ଜସମିତ କୌର ନିଜ ହାତରେ କର ଏକ ସିମ୍ବଲ୍ ହାତରେ କରି ପୋଷ୍ଟ ସେୟାର କରିଛନ୍ତି।ଏମାନଙ୍କ ସମେତ ଅଙ୍କିତ ଗୁପ୍ତା, ମନୀଷା ରାନୀ, ଗୌରବ ଖାନ୍ନା, ଈଶା ମାଲବୀୟ, ଦିଗବିଜୟ ରାଠୀ, ଅରବାଜ ପଟେଲ, ହର୍ଷ ଗୁଜରାଲ, ଅଭିଷେକ ବଜାଜ, ଚୁମ ଦାରଙ୍ଗ, ପ୍ରଣାଳୀ ରାଠୌର, ସମର୍ଥ ଜୁରେଲ, ଋଷଭ ଜାୟସବାଲ, ଶ୍ରୁତିକା ଅର୍ଜୁନ ଏବଂ ଧନଶ୍ରୀ ବର୍ମାଙ୍କ ନାଁ ଏବେ ସାମ୍ନାକୁ ଆସୁଛି।

## ଅନେକ ରୋଗକୁ ଦୂରରେ ରଖିଥାଏ ଗଜାମୁଗ



ମୁଗ ଡାଲି ଖାଇବା ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ସମସ୍ତେ କହିଥାନ୍ତି। ଏଥିରେ କମ କ୍ୟାଲୋରୀ ଥିବା ସହ ଭିଟାମିନ ଏ, ବି, ସି, ଏବଂ ଇ ଅଧିକ ପରିମାଣରେ ରହିଥାଏ। ଏହା ସହ ମ୍ୟାଗ୍ନେସିୟମ,କପର, ଫାଇବର, ପୋଟାସିୟମ, ଆଇରନ ଭଳି ଅନେକ ପୋଷକ ତତ୍ତ୍ୱ ମୁଗରେ ରହିଥାଏ। ତେବେ ମୁଗ ସହ ଗଜାମୁଗ ମଧ୍ୟ ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ଆସନ୍ତୁ ଜାଣିବା ସକାଳ ସମୟରେ ଗଜାମୁଗ ଖାଇବା ଦ୍ୱାରା କ'ଣ ସବୁ ଫାଇଦା ମିଳିଥାଏ।

୧- ସକାଳ ସମୟରେ ଗଜାମୁଗ ଖାଇବା ଦ୍ୱାରା ଏହା ଶରୀରରେ କର୍କଟ ରୋଗ ସୃଷ୍ଟିକାରୀ କୋଷିକାଗୁଡିକୁ ବଢିବାରୁ ରୋକିଥାଏ। ଯାହା ଦ୍ୱାରା କର୍କଟ ରୋଗ ହେବାର ଆଶଙ୍କା କମ ହୋଇଥାଏ।

୨- ଯେଉଁ ଲୋକମାନଙ୍କର ଉଚ୍ଚ ରକ୍ତଚାପର ସମସ୍ୟା ରହିଛି ସେମାନଙ୍କ ପାଇଁ ସକାଳ ସମୟରେ ଗଜାମୁଗ ଖାଇବା ଅତ୍ୟନ୍ତ ଲାଭଦାୟକ। ଏଥିରେ ସୋଡିୟମ ନଥିବାରୁ ଏହାକୁ ଖାଇଲେ କୋଲେଷ୍ଟ୍ରଲର ସ୍ତର ଏବଂ ରକ୍ତଚାପ ନିୟନ୍ତ୍ରଣ ହୋଇ ରହିଥାଏ।

୩- ସକାଳୁ ଉଠିବା ପରେ ଗଜାମୁଗ ଖାଇବା ଦ୍ୱାରା ପାଚନ କ୍ରିୟା ସୁସ୍ଥ ରହିଥାଏ। ଯେଉଁ ଲୋକମାନଙ୍କରେ ଖାଦ୍ୟ ହଜମ ହେବାରେ ଅସୁବିଧା ହେଉଛି। ସେମାନଙ୍କୁ ସକାଳୁ ଗଜାମୁଗ ଖାଇବା ଆରମ୍ଭ କରିବା ଦରକାର।

୪- ଲିଭର ସମସ୍ୟାକୁ ଦୂର କରିବା ବା ରୋଗ ପ୍ରତିରୋଧକ ଶକ୍ତି ବଢାଇବା ପାଇଁ ଗଜାମୁଗ ଖୁବ୍ ଭଲ।

# ସ୍ୱାସ୍ଥ୍ୟ ପାଇଁ ହିତକର ସପେଟା

ସପେଟା, ଏକ ସ୍ୱାଦିଷ୍ଟ ଏବଂ ଭିଟାମିନ୍‌ରେ ଭରପୁର ଫଳ। ଏକ୍ସପର୍ଟଙ୍କ ଅନୁସାରେ, ପ୍ରତ୍ୟେକ ଦିନ ଗୋଟିଏ ସପେଟା ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ଭଲ ରହିବା ସହିତ ସୌନ୍ଦର୍ଯ୍ୟ ମଧ୍ୟ ବୃଦ୍ଧି ପାଇଥାଏ। ଏଥିରେ ଆଣ୍ଟି ଅକ୍ସିଡେଣ୍ଟ, ଆଣ୍ଟି ଭାଇରଲ, ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ରହିଥିବାରୁ ଏହାକୁ ଖାଇବା ଦ୍ୱାରା ମାଂସପେଶୀ ଏବଂ ହାଡ ମଜବୁତ ହେବା ସହିତ କ୍ୟାନ୍ସର ଭଳି ଗମ୍ଭୀର ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା କମ୍ ରହିଥାଏ। ଚାଲନ୍ତୁ ଜାଣିବା ଏହି ଫଳର ବିଶେଷ ଉପକାରିତା ବିଷୟରେ

**କ୍ୟାନ୍ସର ରୋଗରୁ ବଞ୍ଚାଇଥାଏ :** ଏଥିରେ ଭିଟାମିନ- ଏ ଏବଂ ବି, ଆଇରନ୍, କ୍ୟାଲସିୟମ୍, ଫାଇବର, ଆଣ୍ଟି ଅକ୍ସିଡେଣ୍ଟ, ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ରହିଥାଏ। ଏହାକୁ ଖାଇବା ଦ୍ୱାରା ଶରୀରରେ କ୍ୟାନ୍ସର କୋଷକୁ ବୃଦ୍ଧି କରିବାରେ ରୋକିଥାଏ। ଫୁସଫୁସ ଏବଂ ମୁଁଖ କ୍ୟାନ୍ସର ହେବାରୁ ବଞ୍ଚାଇଥାଏ।




**କିଡ୍‌ନୀ ଷ୍ଟୋନ୍ ରୁ ମୁକ୍ତି ଦେଇଥାଏ :** କିଡ୍‌ନୀ ଷ୍ଟୋନ୍ ପାଇଁ ଚିନ୍ତିତ ଥିବା ଲୋକଙ୍କୁ ସପେଟା ର ମଞ୍ଜିକୁ ଗୁଣ୍ଡ କରି ଖାଇବା ଉଚିତ। ଏହାକୁ ଖାଇବା ଦ୍ୱାରା ପଥର, ପରିଶ୍ରା ରେ ବାହାରି ଯାଇଥାଏ। ଏଥି ସହିତ କିଡ୍‌ନୀ ଜନିତ ଅନ୍ୟ ସମସ୍ୟାରୁ ମୁକ୍ତି ମିଳିଥାଏ।

**ଆଖି ପାଇଁ ଲାଭ ଦାୟକ:** ସପେଟାରେ ଭିଟାମିନ-ଏ ରହିଥିବା କାରଣରୁ ଆଖିର ଉଜ୍ୱଳ ବଢିବା ସହିତ ଆଖି ଜନିତ ସମସ୍ୟାରୁ ବଞ୍ଚାଇଥାଏ। ସେଥିଲାଗି ସମସ୍ତଙ୍କୁ ନିଜର ଡାଏଟ୍ ରେ ଏହାକୁ ଖାଇବା ଉଚିତ।

**ହାଡ ମଜବୁତ କରିଥାଏ :** କ୍ୟାଲସିୟମ୍ ରେ ଭରପୁର ସପେଟା କୁ ଖାଇବା ଦ୍ୱାରା ମାଂସପେଶୀ ଏବଂ ହାଡ ମଜବୁତ ହୋଇଥାଏ। ଏହାକୁ ଖାଇବା ଦ୍ୱାରା ଗଣ୍ଠି ଜନିତ କଷ୍ଟରୁ ମଧ୍ୟ ଉପଶମ ମିଳିଥାଏ।

**ଚିନ୍ତା ଦୂର କରିଥାଏ :** ନିଜର ବ୍ୟସ୍ତବହୁଳ ଜୀବନ କାରଣରୁ ବ୍ୟକ୍ତି ସବୁବେଳେ ଚିନ୍ତାରେ ରହିଥାଏ। ଏଥିପାଇଁ ଆଣ୍ଟି-ଅକ୍ସିଡେଣ୍ଟ ଗୁଣରେ ଭରପୁର ସପେଟା ଖାଇବା ଦ୍ୱାରା ମସ୍ତିଷ୍କ ଶାନ୍ତ ରହିବା ସହିତ ଭଲ ନିଦ ହେବାରେ ସାହାଯ୍ୟ କରିଥାଏ।

# ମହାଭାରତରେ କୁନ୍ତି, ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କୁ ମିଳିଥିଲା ଏହିଭଳି ଭୟନକ ମରଣ



ମହାଭାରତ ଯୁଦ୍ଧ ସମାପ୍ତି ପରେ ହସ୍ତିନାପୁରର ରାଜା ହେଲେ ଯୁଧିଷ୍ଠିରୟ ଏହାପରେ କୌରବଙ୍କ ପିତା ଧୃତରାଷ୍ଟ୍ର ଓ ତାଙ୍କ ପତ୍ନୀ ଗାନ୍ଧାରୀ ଏବଂ ପାଣ୍ଡବଙ୍କ ମାଆ କୁନ୍ତିଙ୍କ ସହ ଜଙ୍ଗଲକୁ ଚାଲିଯିବାକୁ ବାହାରିଥିଲେ। ଯୁଧଷ୍ଠିରଙ୍କ ଅନୁମତି ପାଇଁ ତିନିଜଣ ତାଙ୍କ ପାଖକୁ ଯାଇଥିଲେ। ହେଲେ ଯୁଧିଷ୍ଠିର ଓ ତାଙ୍କ ଭାଇମାନେ ଜଙ୍ଗଲ ନଯିବା ପାଇଁ ତାଙ୍କୁ ଅନୁରୋଧ କରିଥିଲେ। କିନ୍ତୁ କୌରବଙ୍କ ପତି ଧୃତରାଷ୍ଟ୍ରଙ୍କ ପ୍ରତି ଭୀମ ନିଜର ରାଗକୁ ଅଧିକ ସମୟ ପର୍ଯ୍ୟନ୍ତ ନିୟନ୍ତ୍ରଣ କରିପାରିନଥିଲେ। ଭୀମଙ୍କ ମୁହଁରୁ ଏମିତି ଏକ କଥା ବାହାରିଗଲା, ଯାହା ଧୃତରାଷ୍ଟ୍ରଙ୍କୁ ବହୁତ କଷ୍ଟ ଦେଲା। ତେଣୁ ସେ ରାଜମହଲରେ ରହିବେ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେୟ ଧୃତରାଷ୍ଟ୍ର ତାଙ୍କ ପତ୍ନୀଙ୍କୁ ସାଙ୍ଗରେ ନେଇ ଜଲଙ୍ଗ ଯାତ୍ରା ବାହାରିଲେ। ଏହି ସମୟ ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କ ସହ ଯିବା ପାଇଁ ପାଣ୍ଡବଙ୍କ ମାଆ କୁନ୍ତି ମଧ୍ୟ ଜିଦ୍ କରିଥିଲେ। ଜଙ୍ଗଲକୁ ନଯିବା ପାଇଁ ଯୁଧିଷ୍ଠିର ସେମାନଙ୍କୁ ଯେତେ ବୁଝାଇଲେ ବି ସେମାନେ ମାନିନଥିଲେ। ସେହି ସମୟରେ ବେଦବ୍ୟାସ ରାଜମହଲରେ ପଦାର୍ପଣ କରିଥିଲେ। ସେମାନଙ୍କ ଜଙ୍ଗଲ ଯାତ୍ରା ପାଇଁ ଯୁଧିଷ୍ଠିରଙ୍କୁ ବୁଝାଇ ଦେଇଥିଲେ ବ୍ୟାସଦେବ। ଧୃତରାଷ୍ଟ୍ର, ଗାନ୍ଧାରୀ ଓ କୁନ୍ତିଙ୍କୁ ସାଙ୍ଗରେ ନେଇ ବେଦବ୍ୟାସ ଜଙ୍ଗଲକୁ ଚାଲି ଯାଇଥିଲେ। ବହୁ ବର୍ଷଧରି ବାନପ୍ରସ୍ଥ ଆଶ୍ରମରେ ସେମାନେ ସାଧୁ ଓ ସନ୍ୟାସୀଙ୍କ ଭଳି ଜୀବନ ଅତିବାହିତ କରୁଥିଲେ। ଏହି ନିଆଁରେ ତିନିଜଣ ଜଳିପୋଡି ପାଉଁଶ ହୋଇଗଲେ। ରାଜମହଲରେ ବିଳାସପୂର୍ଣ୍ଣ ଭାବେ ରହୁଥିବା ଏହି ତିନିଜଣଙ୍କ ଶରୀର ଧୀରେ ଧୀରେ ଦୁର୍ବଳ ହେବାକୁ ଲାଗିଲାୟଦିନେ ଜଙ୍ଗଲରେ ଅଚାନକ ନିଆଁ ଲାଗି ଗଲାୟ ନିଜ ଜୀବନ ବଞ୍ଚାଇବା ପାଇଁ ସମସ୍ତେ ଦୌଡା ଦୌଡି କଲେ। ନିଜ ଜୀବନ ବ□ାଇବା ପାଇଁ କୁନ୍ତି, ଗାନ୍ଧାରୀ ଓ ଧୃତରାଷ୍ଟ୍ର ମଧ୍ୟ ଦୌଡବା ଆରମ୍ଭ କରିଥିଲେ। ହେଲେ ଦୁର୍ବଳ ଶରୀର ପାଇଁ ଅଧିକ ବାଟ ଯାଇପାରିଲେ ନାହିଁ। ଦ୍ରୁତଗତିରେ ନିଆଁ ଜଙ୍ଗଲର ଚାରିଆଡେ ଖେଳିଗଲା।ଆଉ କିଛି ଉପାୟ ନପାଇ ଧୃତରାଷ୍ଟ୍ର, ଗାନ୍ଧାରୀ ଓ କୁନ୍ତି ଧ୍ୟାନରେ ବସିଗଲେ।

## ସ୍ୱାସ୍ଥ୍ୟ ପାଇଁ ରାମବାଣ କଦଳୀ ପତ୍ର ; ତ୍ୱଚା ଠାରୁ ପାଚନ



କଦଳୀ ପତ୍ରରେ ଭୋଜନ ସେବନ କରିବା ଅନେକ ସମୟରେ ଦେଖିଥିବେ। ଭାରତରେ କଦଳୀ ପତ୍ରର ଶୁଭ କାର୍ଯ୍ୟରେ ବିଶେଷ ଭାବେ ପ୍ରୟୋଗ କରାଯାଏ। ଏହାର ବ୍ୟବହାର ବିଭିଓ ସମାରୋହରେ ଭୋଜନ ପରସିବା କିମ୍ବା ଅନୁଷ୍ଠାନରେ ଥାଳି ଭାବେ ବ୍ୟବହାର କରାଯାଏ। ଏହି ପତ୍ରରେ ଖାଦ୍ୟ ଖାଇବା ଦ୍ୱାରା ପାଚନ ତନ୍ତ୍ର ସୁସ୍ଥ ରହିଥାଏ।

କଦଳୀ ପତ୍ରରେ ଆଣ୍ଟି-ବ୍ୟାକ୍ଟେରିୟଲ ଗୁଣ ରହିଛି। ଏହା ପରିବେଶ ପାଇଁ ମଧ୍ୟ ଉପଯୋଗୀ। ଏହାର ଅନେକ ଲାଭ ରହିଛି।

କଦଳୀ ପତ୍ରରେ ଆଣ୍ଟି-ଅକ୍ସିଡାଣ୍ଟ ରହିଛି। ଏଥିରେ ଭିଟାମିନ୍ ସି ମଧ୍ୟ ରହିଛି। ଯାହା ଏକ ଶକ୍ତିଶାଳୀ ଆଣ୍ଟି- ଅକ୍ସିଡାଣ୍ଟ। ଏହା ଆମ ରୋଗ ପ୍ରତିରୋଧକ ଶକ୍ତିକୁ ମଜଭୂତ କରିଥାଏ। କଦଳୀ ପତ୍ରରେ ଖାଦ୍ୟ ଖାଇବା ଦ୍ୱାରା ଏଥିରେ ଥିବା ପ୍ରାକୃତିକ ଏନଜାଇମ୍ ଭୋଜନକୁ ହଜମ କରିବାରେ ସହାୟକ ହୋଇଥାଏ। ଏଥିରେ ଥିବା ଫାଇବର ପାଚନ ତନ୍ତ୍ରକୁ ମଜଭୂତ କରିବାରେ ସହାୟକ ହୋଇଥାଏ। କଦଳୀ ପତ୍ରରେ ଆଣ୍ଟି- ବ୍ୟାକ୍ଟେରିୟଲ ଗୁଣ ରହିଛି। ଯାହା ତ୍ୱଚାର ଅନେକ ସମସ୍ୟାକୁ ଦୂର କରିଥାଏ।କଦଳୀ ପତ୍ରରେ ଭିଟାମିନ୍ ଏ ରହିଛି। ଯାହା ଚକ୍ଷୁ ପାଇଁ ଖୁବ୍ ଉପକାରୀ। ପୂର୍ବ ସମୟରେ ଆୟୁର୍ବେଦ ଔଷଧ ତିଆରି କରିବା ପାଇଁ କଦଳୀ ପତ୍ରର ବ୍ୟବହାର କରାଯାଉଥିଲା। ଭାରତୀୟ ସଂସ୍କୃତିରେ କଦଳୀ ପତ୍ରକୁ ବିଭିନ୍ନ ସ୍ଥାନରେ ବ୍ୟବହାର କରାଯାଏ। ପୂଜା ପର୍ବ ଠାରୁ ଆରମ୍ଭ କରି ଘର ସାଜସଜ୍ଜା ପର୍ଯ୍ୟନ୍ତ କଦଳୀ ପତ୍ର ବ୍ୟବହାର କରାଯାଏ।

# ଲାଇଫଗାର୍ଡ ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର,୨୮।୪ (ମହାଭାରତ): ଓଡ଼ିଶାରେ ଦ୍ରୁତ ଗତିରେ ବିକାଶ ପାଉଥିବା ଜଳକ୍ରୀଡ଼ା ପରିବେଶରେ କ୍ଷମତା ବୃଦ୍ଧି, ସୁରକ୍ଷା ମାନଦଣ୍ଡକୁ ସୁଦୃଢ଼ କରିବା ଏବଂ ଆଧୁନିକ ପ୍ରାୟୋଗିକ ଦକ୍ଷତାକୁ ସମ୍ମିଳିତ କରିବା ପାଇଁ ପର୍ଯ୍ୟଟନ ବିଭାଗ ଗୋଆ ସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ୱାଟର ସ୍ପୋର୍ଟସ ଏବଂ ଓଡ଼ିଶା ଅଗ୍ନିଶମ ଓ ଆପାତକାଳୀନ ସେବା ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ଏହି ପଦକ୍ଷେପର ଅଂଶସ୍ୱରୂପ, କୋଣାର୍କସ୍ଥିତ ଓଡ଼ିଶା ଷ୍ଟେଟ୍ ୱାଟରମ୍ୟାନସିପ୍ ଆଣ୍ଡ ଲାଇଫଗାର୍ଡ ଇନଷ୍ଟିଚ୍ୟୁଟ୍ ଠାରେ ଏକ ସମ୍ପୂର୍ଣ୍ଣ ଆବାସିକ ଲାଇଫଗାର୍ଡ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଆଜି ପ୍ରଥମ ବ୍ୟାଚ୍ ର ତାଲିମ ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମ ଲଗାତାର ୧୧ ଟି ବ୍ୟାଚ୍ ରେ ପରିଚାଳିତ ହେବ, ଯେଉଁଥିରେ ପ୍ରତି ବ୍ୟାଚ୍ ୧୨ ଦିନ ବ୍ୟାପି ରହିବ । ପ୍ରାୟ ଦେଢ଼ ମାସ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ତାଲିମ ପ୍ରକ୍ରିୟା ଶେଷ ହେବ । ପୁଣି କିଛି ଦିନର ବ୍ୟବଧାନ ପରେ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଆରମ୍ଭ ହେବ। ଏହି ପର୍ଯ୍ୟାୟରେ ସମୁଦାୟ ୧୭୬ ଜଣ ସରକାରୀ ଏବଂ ବେସରକାରୀ ଲାଇଫଗାର୍ଡଙ୍କୁ ତାଲିମ ପ୍ରଦାନ କରାଯିବ ।ଏଥିରେ ଉଦ୍ଧାର କୌଶଳ, ସି.ପି.ଆର ଓ ପ୍ରାଥମିକ ଚିକିତ୍ସା, ଖୋଲା ଜଳରାଶିରେ କାର୍ଯ୍ୟ କରିବା, ବିପର୍ଯ୍ୟୟ ପରିଚାଳନା, ପର୍ଯ୍ୟଟକ ସୁରକ୍ଷା ନିୟମ ଏବଂ ୱାଟର ସ୍ପୋର୍ଟସ ସୁରକ୍ଷା ନୀତି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଅନ୍ତର୍ଭୁକ୍ତ କରାଯାଇଛି । ଓଡ଼ିଶାର ଉପକୂଳ ଏବଂ ଆଭ୍ୟନ୍ତରୀଣ ଜଳ ପର୍ଯ୍ୟଟନ ପାଇଁ ଏକ ମଜବୁତ ସୁରକ୍ଷା ବ୍ୟବସ୍ଥା ଗଠନ କରିବା ଲକ୍ଷ୍ୟରେ ଆସନ୍ତା ୨-୩ ବର୍ଷ ମଧ୍ୟରେ ପ୍ରାୟ ୨,୦୦୦ ଲାଇଫଗାର୍ଡଙ୍କୁ ତାଲିମ ଦେବା ପାଇଁ ଏକ ରାଜ୍ୟସ୍ତରୀୟ ଯୋଜନା ପ୍ରସ୍ତୁତ କରାଯାଇଛି । ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ୱାଟର ସ୍ପୋର୍ଟସ ସହ ସହଭାଗିତା ହେତୁ ସମସ୍ତ ତାଲିମ ମୋଡ୍ୟୁଲ୍ ଜାତୀୟ ସ୍ତରର ମାନଦଣ୍ଡ ଏବଂ ପ୍ରମାଣପତ୍ର ନିୟମାବଳୀ ଅନୁଯାୟୀ ହେବା ନିଶ୍ଚିତ ହୋଇଛି । ବୈଜ୍ଞାନିକ ଯୋଜନା ଓ ନିୟୋଜନ ପାଇଁ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଜଳାଶୟଗୁଡ଼ିକର ବ୍ୟାପକ ମାପଚୁପ କାର୍ଯ୍ୟ ମଧ୍ୟ ସମାପ୍ତ ହୋଇଛି । ଏହି ତଥ୍ୟକୁ ଆଧାର କରି, ଲାଇଫଗାର୍ଡ୍ ପ୍ରଶିକ୍ଷଣ ପାଇଁ ଆଗ୍ରହୀ ଯୁବମାନଙ୍କର ଜିଲ୍ଲାଭିତିକ ତାଲିକା ପ୍ରସ୍ତୁତି ପ୍ରକ୍ରିୟା ଚାଲୁଅଛି, ଯାହା ମାଧ୍ୟମରେ ସମୁଦ୍ରତଟ, ହ୍ରଦ, ଡ୍ୟାମ୍ ଓ ନଦୀତଟ ସହିତ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକରେ ବ୍ୟବସ୍ଥିତ ଭାବରେ କ୍ଷମତା ବିକାଶ ଓ ନିୟୋଜନ ସୁନିଶ୍ଚିତ କରାଯିବ। ଏହି ପର୍ଯ୍ୟାୟରେ ଉତୀର୍ଣ୍ଣ ଲାଇଫଗାର୍ଡମାନଙ୍କୁ ପୁରୀ, ଚନ୍ଦ୍ରଭାଗା ଓ ଅନ୍ୟାନ୍ୟ ପ୍ରମୁଖ ସମୁଦ୍ରତଟ ସହିତ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ଗନ୍ତବ୍ୟ ଗୁଡ଼ିକରେ ନିୟୋଜିତ କରାଯିବ। ତାଲିମ କାର୍ଯ୍ୟକ୍ରମରେ ଗ୍ରହୀତ 'ନିରନ୍ତର ବ୍ୟାଚ୍ ପ୍ରଣାଳୀ ବା ମଡେଲ' ଦ୍ୱାରା କ୍ଷମତା ବିକାଶ ଗତିଶୀଳ ହେବା ସହିତ ଆସନ୍ତା ପର୍ଯ୍ୟଟନ ଋତୁ ପୂର୍ବରୁ ଓଡ଼ିଶାର ସମୁଦ୍ରତଟ ଓ ଜଳ ସୁରକ୍ଷା ବ୍ୟବସ୍ଥାକୁ ଦୃଢ଼ କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି । ଉଚ୍ଚମାନର ତାଲିମ ଏବଂ ସଠିକ୍ ସ୍ଥାନରେ ଲାଇଫଗାର୍ଡଙ୍କ ନିୟୋଜନ ଦ୍ୱାରା ବିପଦ ହ୍ରାସ ପାଇବା ସହ ପର୍ଯ୍ୟଟକମାନେ ଏକ ନିରାପଦ ଅନୁଭୂତି ପାଇପାରିବେ।



# ପଦ୍ମସମ୍ଭବ ମହାବିହାର ପରିଦର୍ଶନ କଲେ ପ୍ରଭାତି



ଭୁବନେଶ୍ୱର,୨୮।୪ (ମହାଭାରତ): ଗଜପତି ଜିଲ୍ଲା ଗସ୍ତରେ ଥିବାବେଳେ ଜିରାଙ୍ଗସ୍ଥିତ ପଦ୍ମସମ୍ଭବ ମହାବିହାର ପରିଦର୍ଶନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା । ଏହି ଅବସରରେ ପ୍ରଭାତି ପରିଡା କହିଛନ୍ତି ଯେ, ପୂର୍ବ ଭାରତର ବୃହତ ବୌଦ୍ଧ ବିହାର ମଧ୍ୟରେ ଅନ୍ୟତମ ଏହି ସ୍ଥାନ ମହାନ ବୌଦ୍ଧ ଧର୍ମଗୁରୁ ଆଚାର୍ଯ୍ୟ ପଦ୍ମସମ୍ଭବଙ୍କ ନାମରେ ନାମିତ। ଆଜି ଏହି ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀର ପାରିପାର୍ଶ୍ୱିକ ବିକାଶ ପାଇଁ ରହିଥିବା ସମ୍ଭାବନା ବାବଦରେ ଆଲୋଚନା କରିବା ସହ ସ୍ଥିତି ସମୀକ୍ଷା କରିଛନ୍ତି ପ୍ରଭାତି ପରିଡା। ଏହି ଅବସରରେ ପାରଳାଖେମୁଣ୍ଡିର ବିଧାୟକ ରୂପେଶ ପାଣିଗ୍ରାହୀ, ମୋହନାର ବିଧାୟକ ଦାଶରଥୀ ଗମାଙ୍ଗ, ଗଜପତି ଜିଲ୍ଲା ଏସ୍.ଡି.ସି ଅଧ୍ୟକ୍ଷ କାମଦେବ ବଡ଼ନାୟକ, ପର୍ଯ୍ୟଟନ ବିଭାଗର କମିଶନର ତଥା ସଚିବ ବଲୱନ୍ତ ସିଂହ ଏବଂ ମହାବିହାରର ଧର୍ମଗୁରୁମାନେ ଉପସ୍ଥିତ ଥିଲେ ।

# ଓଡ଼ିଶାର ଡାଲମା ଖାଇଲେ ଜାପାନ ରାଷ୍ଟ୍ରଦୂତ

ଭୁବନେଶ୍ୱର,୨୮।୪ (ମହାଭାରତ): ଗତ ୨୪ ତାରିଖ ଦିନ ସମ୍ବଲପୁରର ରେଙ୍ଗାଲି ଠାରେ ଜେଏସଡବ୍ଲୁ ଓ ଜାପାନର ଜେଏଫଇ ଷ୍ଟିଲ୍ ମଧ୍ୟରେ ଏକ ଜଏଂଟ ଭେନ୍‌ଚର୍ ଘୋଷଣା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ଥିବାବେଳେ ଭାରତରେ ଅବସ୍ଥାପିତ ଜାପାନର ରାଷ୍ଟ୍ରଦୂତ ମିଷ୍ଟର ଓନୋ କେଇଚି ମଧ୍ୟ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଜାପାନର ରାଷ୍ଟ୍ରଦୂତଙ୍କୁ ପାରମ୍ପରିକ ଓଡ଼ିଆ ଖାଦ୍ୟ ପରଷା ଯାଇଥିଲା । ପାରମ୍ପରିକ ଓଡ଼ିଆ ଖାଦ୍ୟର ସ୍ୱାଦରେ ରାଷ୍ଟ୍ରଦୂତ ଖୁବ୍ ଆନନ୍ଦିତ ହୋଇଥିଲେ । ବିଶେଷକରି, 'ଡାଲମା'ର ସ୍ୱାଦ ତାଙ୍କୁ ଖୁବ୍ ଭଲ ଲାଗିଥିଲା । କାର୍ଯ୍ୟକ୍ରମ ପରେ ସେ ତାଙ୍କର ସୋସିଆଲ ମେଡିଆ ହ୍ୟାଣ୍ଡେଲ 'ଏକ୍ସ' ରେ ଲେଖିଛନ୍ତି ଯେ, ''ଓଡ଼ିଶାରେ ଡାଲମାର ସ୍ୱାଦକୁ ଖୁବ୍ ଉପଭୋଗ କଲି । ଏହା ଅତ୍ୟନ୍ତ ସ୍ୱାଦିଷ୍ଟ ଏବଂ ଓଡ଼ିଶାର ଉନ୍ନତ ରନ୍ଧନ କଳାର ଏକ ସୁନ୍ଦର ପ୍ରତିଫଳନ ।'' ରାଷ୍ଟ୍ରଦୂତ ମିଷ୍ଟର ଓନୋ'ଙ୍କର ଏହି ମନ୍ତବ୍ୟ ଯୋଗୁଁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଛନ୍ତି । ରାଷ୍ଟ୍ରଦୂତ ଓନୋ'ଙ୍କୁ ଧନ୍ୟବାଦ ଜଣାଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ 'ଏକ୍ସ' ହ୍ୟାଣ୍ଡେଲ'ରେ ଲେଖିଛନ୍ତି ଯେ, ଓଡ଼ିଶାର ପାରମ୍ପରିକ ସ୍ୱାଦକୁ ଏତେ ଭଲ ପାଇଥିବାରୁ ଅନେକ ଧନ୍ୟବାଦ ଆମ୍ବାସାଡର 'ଓନୋ ସାନ୍' (ମିଷ୍ଟର ଓନୋ) । ମୁଖ୍ୟମନ୍ତ୍ରୀ ଆହୁରି ଲେଖିଛନ୍ତି ଯେ, ଡାଲମା କେବଳ ଆମ ଖାଦ୍ୟ ପରମ୍ପରାର ଅଂଶ ନୁହେଁ, ଏହା ହେଉଛି ଆମ ସଂସ୍କୃତି ଓ ଆତିଥେୟତାର ପ୍ରତୀକ । ଏହି ମତପ୍ରକାଶ କରିବା ସହିତ ଓଡ଼ିଶା ଓ ଜାପାନ ମଧ୍ୟରେ ଥିବା ସାଂସ୍କୃତିକ ସମନ୍ୱୟ ଆଗାମୀ ଦିନରେ ଆମର ବନ୍ଧୁତାକୁ ଆହୁରି ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି ।



# ଓଡ଼ିଆ ଜାତିର ଗର୍ବ ଓ ଗୌରବ ମହାରାଜା କୃଷ୍ଣଚନ୍ଦ୍ର ଗଜପତି

ଭୁବନେଶ୍ୱର,୨୮।୪ (ମହାଭାରତ): ପୁଣ୍ୟଶ୍ଳୋକ ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ନିଜର ଦୁଇ ଦୁଇ ଥର ପ୍ରଧାନମନ୍ତ୍ରୀତ୍ୱ ସମୟରେ ଓଡ଼ିଶାରେ ଶିକ୍ଷା ଓ କୃଷି ଓ ଜଳସେଚନର ବିକାଶ ପାଇଁ ଯେଉଁ କେତେକ ସ୍ୱାକ୍ଷର ଛାଡ଼ି ଯାଇଛନ୍ତି ସେଥିପାଇଁ ସେ ହୋଇପାରିଛନ୍ତି ଏ ଜାତିର ଗର୍ବ ଓ ଗୌରବ ବୋଲି ସ୍ଥାନୀୟ ଏ.ଜି. ଛକ ଠାରେ ପାରଳା ମହାରାଜାଙ୍କ ୧୩୫ ତମ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଓଡ଼ିଶା ବିଧାନସଭାର ମାନ୍ୟବର ବାଚସ୍ପତି ସୁରମା ପାଢ଼ୀ ମତବ୍ୟକ୍ତ କରିଛନ୍ତି । ରାଜଧାନୀର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ସଂଗଠନ ପାରଳା ଗଜପତି ବିକାଶ ମଂଚ ଓ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ଅବସରରେ ବ୍ରହ୍ମପୁର ସାଂସଦ ଡଃ ପ୍ରଦୀପ ପାଣିଗ୍ରାହୀ କହିଥିଲେ ଯେ, "ମହାରାଜା ଗଜପତିଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଅନେକ ବିକାଶମୂଳକ କାର୍ଯ୍ୟ ଯୋଗୁ ଓଡ଼ିଶା ଜାତୀୟସ୍ତରରେ ପରିଚିତି ହାସଲ କରିଛି । ତିନି ତିନି ଥର ଗୋଲ୍‌ଟେବୁଲ ବୈଠକରେ ଯୋଗଦେଇ ସ୍ୱତନ୍ତ୍ର ଭାଷାଭିତ୍ତିକ ପ୍ରଦେଶ ଗଠନ କରିବାରେ ପ୍ରମୁଖ ବିନ୍ଧାଣି ସାଜିଥିବା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ଅନେକ କାର୍ଯ୍ୟ ଆଜିସୁଦ୍ଧା ଅପୂରଣୀୟ ହୋଇରହିଛି । ଆଜିର ପିଢ଼ିଙ୍କ ଦ୍ୱାରା ସେସବୁ ପ୍ରତି ଧ୍ୟାନ ଦେଇ ତାହା ସମ୍ପୂର୍ଣ୍ଣ କରାଯାଇପାରିଲେ ଗଜପତିଙ୍କ ପ୍ରତି ତାହା ହେବ ପ୍ରକୃତ ଶ୍ରଦ୍ଧାଞ୍ଜଳି । ପ୍ରାରମ୍ଭରେ ସରଗମ୍ ଅନୁଷ୍ଠାନର କୁନି କଳାକାରମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ବୃନ୍ଦଗାନ ପରେ ରାଜଧାନୀସ୍ଥିତ ପୂଜ୍ୟପୂଜା ସଂସଦର ସଭାପତି ସ୍ତମ୍ଭକାର ପ୍ରଦ୍ୟୁମ୍ନ ଶତପଥୀ ମହାରାଜାଙ୍କ ଗୁଣାବଳୀ ସମ୍ପର୍କରେ ସବିଶେଷ ଉପସ୍ଥାପନା କରିଥିଲେ । ପାରଳା ଗଜପତି ବିକାଶ ମଂଚର ସଭାପତି ଦିଗ୍‌ବିଜୟ ନାଥ ପାଢ଼ୀ ଓ ସମ୍ପାଦକ ରାଜ କିଶୋର ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ସହଯୋଗରେ ମଂଚର ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ବୃନ୍ଦ ସର୍ବଶ୍ରୀ ସତ୍ୟନାରାୟଣ ଦାସ, ରମେଶ ଚୌଧୁରୀ, ପ୍ରଶାନ୍ତ କୁମାର ପାଢ଼ୀ, କିଶୋର ପଟ୍ଟନାୟକ, ଉମାକାନ୍ତ ପାତ୍ର, ଅନୁକା ଜେନା, ରୁଦ୍ରପ୍ରସାଦ ନାୟକ, ବିଘ୍ନେଶ୍ୱର ସାହୁ, ରଘୁରାଜ ରାଜଗୁରୁ, କୃଷ୍ଣ ପ୍ରସାଦ ନାୟକ ଯୋଗଦାନ କରିଥିଲେ।



# ଚିରନ୍ତନ ବିକାଶ ଓ ପର୍ଯ୍ୟାବରଣ କର୍ମଶାଳା

ଭୁବନେଶ୍ୱର,୨୮।୪ (ମହାଭାରତ): ସ୍ୱଦେଶୀ ଜାଗରଣ ମଞ୍ଚ,ଓଡିଶା ତରଫରୁ ଦତ୍ତୋପନ୍ତ ଠେଙ୍ଗଡି ବିଚାର ପ୍ରବାହ ଆନୁକୂଲ୍ୟରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର ଠାରେ ଚିରନ୍ତନ ବିକାଶ ଓ ପର୍ଯ୍ୟାବରଣ ଉପରେ ଏକ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି । ଏହି କର୍ମଶାଳାର ମୁଖ୍ୟବକ୍ତା ଭାବେ ଉପସ୍ଥିତ ରହି ପ୍ରାକ୍ତନ ରାଷ୍ଟ୍ରୀୟ ସଂଯୋଜକ ଅରୁଣ କୁମାର ଓଝା ପ୍ରକୃତିରୁ ମିଳୁଥିବା ଉପାଦାନର ସଦୁପଯୋଗ ତଥା ଭବିଷ୍ୟପିଢି ପାଇଁ ଏହାର ସଂରକ୍ଷଣ ଉପରେ ଆଲୋକପାତ କରିଥିଲେ । ଏତଦ୍ ନିମନ୍ତେ ପଶ୍ଚିମର ଭୋଗବାଦୀ ଚିନ୍ତାଧାରାରୁ ନିବୃତ୍ତ ରହି ଭାରତୀୟ ଚିନ୍ତାଧାରା ଦ୍ୱାରା ଅନୁପ୍ରାଣିତ ଆବଶ୍ୟକତା ଆଧାରିତ ଉପାଦାନ ଉପଯୋଗ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ଓଝା ମତବ୍ୟକ୍ତ କରିଥିଲେ। ଭାରତୀୟ ମଜଦୁର ସଂଘର ପ୍ରାକ୍ତନ ସଂଗଠନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମିଶ୍ର ମହାନ ଅର୍ଥନୀତିଜ୍ଞ ଦତ୍ତୋପନ୍ତ ଠେଙ୍ଗଡିଙ୍କ ଜୀବନ ଓ ବିଚାର ଉପରେ ଆଲୋକପାତ କରିଥିଲେ । ଆଇଆଇଟି ଗୌହାଟିର ପ୍ରାଧ୍ୟାପକ ଶୁଭାଶିଷ ଦତ୍ତ ଜଳର ସଦୁପଯୋଗ, ସଂରକ୍ଷଣ ଉପରେ ନିଜର ମତ ରଖିଥିଲେ । ଯାଦବପୁର ୟୁନିଭରସିଟି, ପଶ୍ଚିମବଙ୍ଗର ଅବସରପ୍ରାପ୍ତ ବୈଜ୍ଞାନିକ ତୁଷାରକାନ୍ତ ଚକ୍ରବର୍ତ୍ତୀ ଅକ୍ଷୟ ଶକ୍ତିର ବିକାଶ ତଥା ସବୁଜ ଶକ୍ତିର ବ୍ୟବହାର ଏବଂ ପ୍ରକୃତିକୁ ପ୍ରଦୂଷିତ କରୁଥିବା ଶକ୍ତିର ଉତ୍ସମାନଙ୍କୁ ସମାପ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ । ଓୟୁଏଟିର ପ୍ରାକ୍ତନ ଅଧ୍ୟକ୍ଷ କୁମ୍ଭକର୍ଣ୍ଣ ରାଉତ ଭୂମିର ସୁପୋଷଣ ଉପରେ ଗୁରୁତ୍ୱାରୋପ କରିବା ସହ ଆସନ୍ତା ଅନେକ ଶତାବ୍ଦୀ ଯାଏଁ ଭୂମିକୁ ସୁପୋଷିତ ରଖିବା ବିଷୟରେ ମତବ୍ୟକ୍ତ କରିଥିଲେ । ବିଶିଷ୍ଟ ପରିବେଶବିତ୍ ଡ.ଜୟକୃଷ୍ଣ ପାଣିଗ୍ରାହୀ ସହରୀକରଣର ପରିବେଶ ପ୍ରଭାବ ଉପରେ ବିଚାର ପ୍ରକଟକରି ଅପରିକଳ୍ପିତ ସହରୀକରଣର ଭବିଷ୍ୟତ ପିଢି ଉପରେ ପ୍ରଭାବ ବିଷୟରେ ମତ ପ୍ରକଟ କରିଥିଲେ । ବିଶ୍ୱ ଇଞ୍ଜିନିୟରିଂ ଫେଡ୍ରେସନର ପ୍ରାକ୍ତନ ସଭାପତି ଅଶୋକ କୁମାର ପାଶା ଦୃତ୍ତ ସହରୀକରଣ ଏବଂ ପରିବେଶ ଅନୁକୂଳ ବିକାଶ ଉପରେ ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ପ୍ରାକ୍ତନ ରାଷ୍ଟ୍ରୀୟ ସହସଂଯୋଜକ ସରୋଜ ମିତ୍ର ଚିରନ୍ତନ ବିକାଶରେ ଆମର ଭୂମିକା ଉପରେ ନିଜର ମତବ୍ୟକ୍ତ କରିଥିଲେ । ରାଷ୍ଟ୍ରୀୟ ସମ୍ପର୍କ ପ୍ରମୁଖ ଅନ୍ନଦା ଶଙ୍କର ପାଣିଗ୍ରାହୀ ଆଗାମୀ ପିଢ଼ିପାଇଁ ପ୍ରାକୃତିକ ଉପାଦାନର ଉପଲବ୍ଧତା ଏବଂ ସୁସ୍ଥ ଜୀବନ ପାଇଁ ସମାଜକୁ ଆଗକୁ ବଢିବାକୁ ଆହ୍ୱାନ ଦେଇଥିଲେ । ଠେଙ୍ଗଡି ବିଚାର ପ୍ରବାହର ଆବାହକ ଗୋକୁଳାନନ୍ଦ ଜେନା, କ୍ଷେତ୍ରୀୟ ସଂଯୋଜକ ଆଶୁତୋଷ ମୁଖାର୍ଜୀ, ପ୍ରାନ୍ତ ସଂଯୋଜକ ଶ୍ରୀନିବାସ ରାଓ, ପ୍ରାନ୍ତ ସହସଂଯୋଜକ ଆଦିତ୍ୟ ମହାପାତ୍ର ଓ ପ୍ରଶାନ୍ତ ଭୁଇଁଆ, ପ୍ରାନ୍ତ ସମନ୍ୱୟକ ବିଜୟ ରାଉତରାୟ ଓ ପ୍ରାନ୍ତ ପ୍ରଚାର ପ୍ରମୁଖ ତପନ କୁମାର ନାୟକ, ପ୍ରାନ୍ତ ସଂଗଠନ ମନ୍ତ୍ରୀ ରାଜେଶ ଦାଶ, ପ୍ରସାଦ ବେହେରା, ଜେ ନିହାର ରଞ୍ଜନ ଆଦି ଉପସ୍ଥିତ ରହି କର୍ମଶାଳାକୁ ପରିଚାଳନା କରିଥିଲେ।



# ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୮।୪ (ମହାଭାରତ): ବିଶ୍ୱ ମ୍ୟାଲେରିଆ ଦିବସ ଅବସରରେ ସାମାଜିକ ସ୍ୱେଚ୍ଛାସେବୀ ସଂଗଠନ 'କ୍ରାନ୍ତିକାରୀ ଫାଉଣ୍ଡେସନ୍' ପକ୍ଷରୁ ଏକ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ ନନ୍ଦିନୀପଲ୍ଲୀ, ମୁଣ୍ଡାସାହି ବସ୍ତି ଠାରେ ତା ୨୫.୦୪.୨୦୨୬ରିଖ ଅନୁଷ୍ଠିତ ହୋଇଯାଇଅଛି । ମ୍ୟାଲେରିଆ ରୋଗ ସମ୍ବନ୍ଧରେ ସ୍ଥାନୀୟ ବସ୍ତି ବାସିନ୍ଦାଙ୍କୁ ସଚେତନ କରିବା ଓ ଏହାର ପ୍ରତିରୋଧ ଉପାୟ ସମ୍ବନ୍ଧରେ ସଚେତନତା ଆୟୋଜିତ ହୋଇଥିଲା । ଏହି ଅବସରରେ ଅନୁଷ୍ଠାନର ଭଲ୍ୟୁ□ରମାନେ ସମ୍ପୂର୍ଣ୍ଣ ବସ୍ତି ଭ୍ରମଣ କରି ବସ୍ତିବାସିନ୍ଦାଙ୍କୁ ନିଜ ଆଖପାଖ ଅ□ଳକୁ ପରିଷ୍କାର ଓ ପରିଚ୍ଛନ୍ନ ରଖିବା, ମଶାରି ଟାଣି ଶୋଇବା, ଏକ ସ୍ଥାନରେ ପାଣି ଜମା ନରଖିବା ଆଦି ସମ୍ବନ୍ଧରେ ଲୋକଙ୍କୁ ବୁଝାଇଥିଲେ । ମ୍ୟାଲେରିଆ ରୋଗର ଲକ୍ଷଣ, କାରଣ ଓ ପ୍ରତିରୋଧର ଉପାୟ ସମ୍ବନ୍ଧରେ ମଧ୍ୟ ସଚେତନତା କରାଯାଇଥିଲା । କିପରି ମ୍ୟାଲେରିଆ ରୋଗରୁ ମୁକ୍ତି ପାଇବା ସେ ସମ୍ବନ୍ଧରେ ଆଗାମୀ ଦିନରେ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ଏପରି ସଚେତନତା କାର୍ଯ୍ୟକ୍ରମ ଜାରି ରହିବ ବୋଲି ଅନୁଷ୍ଠାନ ତରଫରୁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ମନୋଜ କୁମାର ସାହୁ, ପ୍ରଜ୍ଞାପରମିତା ମହାନ୍ତି, ମନସ୍ତୃପ୍ତି ମହାପାତ୍ର, ଜଗନ୍ନାଥ ସାହୁ, ମାନସ ପ୍ରଧାନ, ବିଶ୍ୱମୋହନ ନାୟକ, କ୍ଷୀତିଶ କୁମାର ଜେନା, ଶୁଭଙ୍କର ସାହୁ, ପ୍ରଳୟ କୁମାର ଦାସ, ହରିଶଙ୍କର ଗୌଡ଼ଙ୍କ ସମେତ ଅନ୍ୟାନ୍ୟ ଭଲ୍ୟୁ□ରମାନେ ଉପସ୍ଥିତ ଥିଲେ ।



## କୃଷ୍ଣଚନ୍ଦ୍ର ଗଜପତିଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୮।୪ (ମହାଭାରତ): ଉତ୍କଳ ସମ୍ମିଳନୀର ପ୍ରାକ୍ତନ ସଭାପତି ତଥା ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟର ଦୁଇଥର ପ୍ରଧାନମନ୍ତ୍ରୀ ଆସନ ଅଳଙ୍କୃତ କରିଥିବା ଓଡ଼ିଶାର ବିଶିଷ୍ଟ ବରପୁତ୍ର ପାରଳା ମହାରାଜ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ୧୩୪ ତମ ଜୟନ୍ତୀ ଉପଲକ୍ଷେ ଉତ୍କଳ ସମ୍ମିଳନୀ ପକ୍ଷରୁ ସ୍ଥାନୀୟ ଏ.ଜି. ଛକ ଠାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ କରାଯାଇଥିଲା। ଏହାପରେ ଦିନ ୧୦ଟା ୩୦ ମିନିଟ୍ ସମୟରେ ୟୁନିଟ୍-୬ ଭୁବନେଶ୍ୱର ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟ ସଭାଗୃହରେ ଉପସଭାପତି ପ୍ରଫେସର ସୁରେନ୍ଦ୍ର ନାଥ ମହାନ୍ତିଙ୍କ ଅଧ୍ୟକ୍ଷତା ତଥା ସାଧାରଣ ସଂପାଦକ ଡା. ରାଧାନାଥ ପ୍ରହରାଜଙ୍କ ପରିଚାଳନାରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମହାରାଜଙ୍କ ପ୍ରଜାବତ୍ସଳ ଗୁଣାବଳୀ ବିଶେଷ କରି ମାନ୍ଦ୍ରାସ ପ୍ରେଭିନ୍ସ ଅଧୀନରେ ଥିବା ତାଙ୍କ ଅଂଚଳକୁ ଓଡ଼ିଶା ସହ ମିଶାଇବା ପାଇଁ ବାରମ୍ବାର ଲଣ୍ଡନ ଯାଇ ଗୋଲଟେବୁଲ ବୈଠକରେ ଦୃଢ ଦାବି ଉପସ୍ଥାପନ କରିବା ଫଳରେ ୧୯୩୬ ମସିହାରେ ଆଜିର ଓଡ଼ିଶା ଗଠନ ସମ୍ଭବ ହୋଇପାରିଥିବା କଥା ଆଲୋଚନା ହୋଇଥିଲା। ଏହି ପରିପ୍ରେକ୍ଷୀରେ ମହାରାଜଙ୍କୁ ଓଡ଼ିଶା ରାଜ୍ୟ ଗଠନର ଅନ୍ୟତମ ପ୍ରମୁଖ କାଣ୍ଡାରି ଭାବରେ ଯେପରି ସମ୍ମାନିତ, ପ୍ରଚାରିତ ଓ ପ୍ରସାରିତ କରାଯିବା କଥା ତାହା ହୋଇ ପାରିନଥିବାରୁ ଦୁଃଖ ପ୍ରକାଶ କରାଯିବା ସହ ବର୍ତ୍ତମାନର ସରକାର ଏଥିପ୍ରତି ଦୃଷ୍ଟି ଦେବେ ବୋଲି ଆଶା ପ୍ରକାଶ କରାଯାଇଥିଲା।

# 'ମନ୍ କୀ ବାତ୍' ଜନସମ୍ବାଦର ମାଧ୍ୟମ ହୋଇଛି : ଧର୍ମେନ୍ଦ୍ର

ଭୁବନେଶ୍ୱର,୨୮।୪ (ମହାଭାରତ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁଗୋଳ ଜିଲ୍ଲା ତାଳଚେର କଣିହାଁ ବ୍ଲକ ସ୍ଥିତ ନିଜ ପୈତୃକ ଗ୍ରାମ ନାଳମ ଗସ୍ତ କରି ଦଳୀୟ କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ଲୋକଙ୍କ ଗହଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ୍ କୀ ବାତ୍'ର ୧୩୩ତମ ସଂସ୍କରଣ ଶୁଣିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ, 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଦେଶବ୍ୟାପୀ ଜନସମ୍ବାଦର ଏକ ପ୍ରଭାବଶାଳୀ ମାଧ୍ୟମ ପାଲଟିଛି, ଯାହା ସମାଜରେ ସକାରାତ୍ମକ ଚିନ୍ତାଧାରା ଓ ସଚେତନତା ସୃଷ୍ଟି କରିବା ସହ ରାଷ୍ଟ୍ର ନିର୍ମାଣକୁ ଗତି ପ୍ରଦାନ କରୁଛି । ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାକୁ ନେଇ ମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ, ପରମାଣୁ କାର୍ଯ୍ୟକ୍ରମ କ୍ଷେତ୍ରରେ ଆମ ବୈଜ୍ଞାନିକଙ୍କ ସଫଳତା ଏବଂ ଗଣିତରେ କନ୍ୟାରତ୍ନଙ୍କ ପ୍ରତିଭା ଦେଶ ପାଇଁ ଗର୍ବର ବିଷୟ । ସ୍ଥାନୀୟ ବାଉଁଶ ସାମଗ୍ରୀକୁ ଉପହାର ଭାବେ ବ୍ୟବହାର କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ 'ଭୋକାଲ୍ ଫର୍ ଲୋକାଲ୍' ଅଭିଯାନକୁ ଆହୁରି ଶକ୍ତିଶାଳୀ କରିବ।

ଭଗବାନ ବୁଦ୍ଧଙ୍କ ଶିକ୍ଷା ଓ ରବୀନ୍ଦ୍ରନାଥ ଟାଗୋରଙ୍କ ସ୍ମୃତିଚାରଣ ସହ ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତ୍ତା ଓଡ଼ିଶା ସମେତ ସମଗ୍ର ଦେଶବାସୀଙ୍କୁ ଏକ ସଶକ୍ତ ଭାରତ ଗଠନ ପାଇଁ ନୂତନ ପ୍ରେରଣା ଯୋଗାଇଛି । ମାନ୍ୟବର ପ୍ରଧାନମନ୍ତ୍ରୀ 'ଡିଜିଟାଲ ଜନଗଣନା ୨୦୨୭' ପାଇଁ ଯେଉଁ ଆହ୍ୱାନ ଦେଇଛନ୍ତି, ତାହା ଦେଶର ପ୍ରଗତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ସମସ୍ତେ ଏହି ମହତ୍ ଅଭିଯାନର ଅଂଶବିଶେଷ ହୋଇ ବିକଶିତ ଭାରତର ସଂକଳ୍ପକୁ ସାକାର କରିବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ କରିଛନ୍ତି। ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ନିଜ ଗ୍ରାମର ଗୁରୁଜନ ଓ ଆତ୍ମୀୟସ୍ୱଜନଙ୍କୁ ଭେଟି ସୌଜନ୍ୟମୂଳକ ଆଲୋଚନା କରିଥିଲେ । ସେ କହିଥିଲେ, ଗାଁ ମାଟିର ସ୍ନେହ ଓ ଗୁରୁଜନମାନଙ୍କ ଆଶୀର୍ବାଦ ସବୁବେଳେ ପ୍ରେରଣା ହୋଇ ରହିବ । ସେମାନଙ୍କ ସହ କିଛି ସମୟ ଅତିବାହିତ କରି ନିଜକୁ ଖୁସି ଅନୁଭବ କରୁଛି । ଏହି ଗସ୍ତ କାଳରେ କେନ୍ଦ୍ର ମନ୍ତ୍ରୀ ଗ୍ରାମର କୂଳ ଦେବତା ଶ୍ରୀ ଶ୍ରୀ ନୃସିଂହ ଦେବଙ୍କ ଦର୍ଶନ କରି ସମସ୍ତଙ୍କର ମଙ୍ଗଳ କାମନା କରିବା ସହ ତାଳଚେର କଣିହାଁ ଠାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପ୍ରଜାମଣ୍ଡଳ ଆନ୍ଦୋଳନର ପୁରୋଧା ପବିତ୍ର ମୋହନ ପ୍ରଧାନଙ୍କ ତ୍ୟାଗ ଓ ନିର୍ଭୀକ ନେତୃତ୍ୱ ଯୁବପିଢ଼ିଙ୍କ ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ସେ ପ୍ରକାଶ କରିଛନ୍ତି।



## ଏଜିଆଇ ଇନଫ୍ରା ଲିମିଟେଡ୍ ଗ୍ରୁପ୍ ହାଉସିଂ ପ୍ରୋଜେକ୍ଟ ପାଇଁ ଜିଏମଏଡିଏ ଲାଇସେନ୍ସ ପାଇଛି

ଭୁବନେଶ୍ୱର,୨୮।୪ (ମହାଭାରତ): ଆବାସିକ ଏବଂ ବାଣିଜ୍ୟିକ ରିଅଲ୍ ଇଷ୍ଟେଟ୍ ବିକାଶରେ ବିଶେଷଜ୍ଞ ଏକ ଅଗ୍ରଣୀ କମ୍ପାନୀ ଇଏଓ ଇନଫ୍ରା ଲିମିଟେଡ୍ ଘୋଷଣା କରିଛି ଯେ ଏହା ଲାଇସେନ୍ସ ନମ୍ବର ପାଇଛି । ଗ୍ରେଟର ମୋହାଲି ଏରିଆ ଡେଭଲପମେଟ୍ ଅଥରିଟି ତରଫରୁ ଏଲ୍‌ସିଡି -୧୦୧/୨୦୨୬ ତାରିଖ ମାର୍ଚ୍ଚ ୩୧, ୨୦୨୬, ଏହାର ଗ୍ରୁପ୍ ହାଉସିଂ କଲୋନୀ, 'ୟୁଟୋପିଆ ବାଇ ଏଜିଆଇ'ର ବିକାଶ ପାଇଁ ନୂଆଦିଲ୍ଲୀ ଚଣ୍ଡିଗଡ଼ରେ କମ୍ପାନୀର ପ୍ରଥମ ପ୍ରକଳ୍ପକୁ ଚିହ୍ନିତ କରିଛି। ଏପ୍ରିଲ୍ ୧, ୨୦୨୬ରେ କମ୍ପାନୀ ଦ୍ୱାରା ଲାଇସେନ୍ସ ଗ୍ରହଣ କରାଯାଇଥିଲା। ନ୍ୟୁ ଚଣ୍ଡିଗଡ଼ର ଏକ ପ୍ରିମିୟମ୍ ଆବାସିକ ଅଂଚଳରେ ୧୦.୨୬ ଏକର ମାପ କରୁଥିବା ଏକ ଜମି ପାର୍ସଲରେ ଏହି ପ୍ରକଳ୍ପ ବିକଶିତ ହେବ। 'ୟୁଟୋପିଆ ବାଇ ଏଜିଆଇ' ପ୍ରାୟ ୩୧,୯୩,୬୯୭ ବର୍ଗଫୁଟର ଏକ ବିକ୍ରୟ ଯୋଗ୍ୟ କ୍ଷେତ୍ର ପ୍ରଦାନ କରିବ ଏବଂ ୩ବିଏଚ୍‌କେ, ୪ ବିଏଚ୍‌କେ, ଏବଂ ୫ ବିଏଚ୍‌କେ ୟୁନିଟ୍ ସହିତ ଏକାଧିକ ବିନ୍ୟାସରେ ୬୬୧ ଆବାସିକ ଫ୍ଲାଟକୁ ନେଇ ଗଠିତ ହେବ। ଏହା ସହିତ ବାସିନ୍ଦାଙ୍କ ପାଇଁ ସୁଚିନ୍ତିତ ଭାବରେ ଯୋଜନା କରାଯାଇଥିବା ସୁବିଧା ଏବଂ ସୁବିଧା ମଧ୍ୟ ରହିବ। 'ୟୁଟୋପିଆ ବାଇ ଏଜିଆଇ' ନୂତନ ଚଣ୍ଡିଗଡ଼ ମାଇକ୍ରୋ-ମାର୍କେଟରେ ଏଜିଆଇ ଇନଫ୍ରା ଲିମିଟେଡର ରଣନୀତିକ ପ୍ରବେଶକୁ ପ୍ରତିନିଧିତ୍ୱ କରେ ଏବଂ ଏକ ବୃହତ ଆକାରର ପ୍ରିମିୟମ୍ ଗୃହ ବିକାଶ ସହିତ ଏହାର ଆବାସିକ ପ୍ରକଳ୍ପ ପୋର୍ଟଫୋଲିଓକୁ ମଜବୁତ କରେ ।

# ବିରୋଧୀଦଳ ଏକ

ମୋଦି ସରକାରଙ୍କର ଏକ ନୈତିକ ପରାଜୟ କହିଲେ ଭୁଲ ହେବ ନାହିଁ। ଯେଉଁ ପ୍ରମୁଖ ବିରୋଧୀ ଦଳ ଏହି ପ୍ରସଙ୍ଗରେ ଏକାଠି ହୋଇଛନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି କଂଗ୍ରେସ, ବାମପନ୍ଥୀ, ଟିଏମସି, ଡିଏମକେ, ଏନସିପି, ଆରଜେଡି ଏବଂ ସମାଜବାଦୀ ପାର୍ଟୀ ପ୍ରମୁଖ। ଲୋକସଭାରେ ଏହିସବୁ ଦଳମାନଙ୍କର ସଂଖ୍ୟା ହେଲା ୨୩୦। ଅର୍ଥାତ ସରକାର ଗଠନ ପାଇଁ ଏମାନଙ୍କୁ ଆଉ ୪୨ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ। ଆସନ୍ତା ୨୦୨୯ରେ ଏମାନେ ମିଳିତ ଭାବେ ଆଉ ୫୦ ଆସନ ଅଧିକ ପାଇବାକୁ ଲକ୍ଷ୍ୟ ରଖିଛନ୍ତି। ଯଦି ଏହିସବୁ ପ୍ରମୁଖ ବିରୋଧୀ ଦଳମାନେ ପରସ୍ପର ସହ ଉପଯୁକ୍ତ ସମନ୍ୱୟ ରକ୍ଷା କରି ନିର୍ବାଚନ ଲଢ଼ନ୍ତି, ତେବେ ଏନଡିଏର ପରାଜୟ ଅସମ୍ଭବ ନୁହେଁ। ମହିଳା ସଂରକ୍ଷଣ ପ୍ରସଙ୍ଗ ବିରୋଧୀଙ୍କୁ ଏକତ୍ରିତ କରିଛି। ଲୋକସଭାରେ ମହିଳା ସଂରକ୍ଷଣ ବିଲ ସପକ୍ଷରେ ୨୯୮ ଏବଂ ବିପକ୍ଷରେ ୨୩୦ ସଦସ୍ୟଙ୍କ ଭୋଟ ପଡ଼ିଥିଲା। ଏହା ସତ୍ତ୍ୱେ ବିଲଟି ସଂସଦରେ ଗୃହୀତ ହୋଇପାରିନଥିଲା। ଏହି ବିଲ ସଂସଦରେ କାଟ ଖାଇବା ପରେ ସରକାର ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ବିଲକୁ ମଧ୍ୟ ପ୍ରତ୍ୟାହାର କରି ନେଇଛନ୍ତି। ବିରୋଧୀ ଏହାକୁ ଗଣତନ୍ତ୍ରର ବିଜୟ, ସମ୍ବିଧାନ ରକ୍ଷା ପାଇଗଲା ଏବଂ ମୋଦିଙ୍କ ପରାଜୟ ବୋଲି କହୁଥିବା ବେଳେ ଶାସକ ଦଳର ସଭ୍ୟମାନେ ଏହା ମହିଳାଙ୍କ ପ୍ରତି ବିରୋଧୀ ସଦସ୍ୟଙ୍କ ପ୍ରତାରଣା ବୋଲି କହିଛନ୍ତି। ବିଲ ଉପରେ ଆଲୋଚନା ବେଳେ ଗୃହମନ୍ତ୍ରୀ ଅମିତ ଶାହ କହିଥିଲେ ଯେ, ଏହି ବିଲକୁ ବିରୋଧ ପଛରେ କେବଳ ମହିଳା ସଂରକ୍ଷଣ ବ୍ୟବସ୍ଥାକୁ ବିରୋଧର ଉଦ୍ଦେଶ୍ୟ ରହିଛି। ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣକୁ ବିରୋଧର କିଛି ଅର୍ଥ ନାହିଁ। ଗୃହମନ୍ତ୍ରୀ କହିଥିଲେ ଯେ, ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ଦ୍ୱାରା କୌଣସି ରାଜ୍ୟ କ୍ଷତିଗ୍ରସ୍ତ ହେବେ ନାହିଁ କିମ୍ବା ଲୋକସଭାରେ କାହାର ଆସନ ସଂଖ୍ୟା କମିବ ନାହିଁ। ସବୁ ରାଜ୍ୟର ଲୋକସଭା ଆସନ ସଂଖ୍ୟା ହାରାହାରି ୫୦% ବଢ଼ିବ। ଦକ୍ଷିଣ ଭାରତର ୫ ରାଜ୍ୟର ଆସନ ସଂଖ୍ୟା ଏବେ ୧୨୯ ଥିବା ବେଳେ ପ୍ରସ୍ତାବିତ ସୀମା ପୁନଃନିର୍ଦ୍ଧାରଣ ଦ୍ୱାରା ଏହି ସଂଖ୍ୟା ୧୯୬କୁ ବୃଦ୍ଧି ପାଇବ। ତେଣୁ ଦକ୍ଷିଣ ଭାରତୀୟ ରାଜ୍ୟମାନେ ଲୋକସଭାରେ ସେମାନଙ୍କ ପ୍ରତିନିଧିତ୍ୱ ହ୍ରାସ ପାଇବ ବୋଲି ଯେଉଁ ଆଶଙ୍କା କରୁଛନ୍ତି ତାହା ଅମୂଳକ ବୋଲି ସରକାର କହିଥିଲେ ମଧ୍ୟ ବିରୋଧୀ ଏଥିପ୍ରତି କର୍ଣ୍ଣପାତ କରିନଥିଲେ। ଶେଷରେ ସରକାରଙ୍କ ଦ୍ୱାରା ଆଗତ ବିଧେୟକ ଅଗ୍ରାହ୍ୟ ହେଲା। ଅମିତ ଶାହଙ୍କ ଭାଷାରେ କେବଳ ମୋଦିଙ୍କୁ ଅପଦସ୍ତ ଏବଂ ନିଚା ଦେଖାଇବା ନିମନ୍ତେ ବିରୋଧୀ ଦଳମାନେ ଏହି ବିଲକୁ ଅଟକାଇଲେ। ମୋଦିଙ୍କ ନେତୃତ୍ୱ ଏବଂ ସଫଳତାରେ ସେମାନେ ଏତେ ଅସହିଷ୍ଣୁ ଯେ, ମୋଦିଙ୍କୁ ବିରୋଧ ଏବଂ ପରାଜିତ କରିବା ନିମନ୍ତେ ସେମାନେ ଯେ କୌଣସି ସ୍ତରକୁ ଯାଇପାରନ୍ତି। ଏପରିକି ଦେଶ ବିରୋଧରେ ମଧ୍ୟ ଯାଇପାରନ୍ତି। ଏହା ଅନେକାଂଶରେ ସତ୍ୟ। ତେବେ ଏଥିପାଇଁ ବିରୋଧୀଙ୍କୁ ଦୋଷ ଦିଆଯାଇପାରିବ ନାହିଁ। ସେମାନେ ନିଜ ଇଚ୍ଛାରେ ନିଷ୍ପତ୍ତି ନେଇପାରିବେ। କିନ୍ତୁ ପ୍ରଶ୍ନ ଉଠୁଛି ଯେ, ମହିଳାଙ୍କ ପାଇଁ ୩୩% ସଂରକ୍ଷଣର ଆବଶ୍ୟକତା ରହିଛି କି? ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣର ଯଥାର୍ଥତା ରହିଛି କି? ଉତ୍ତର ହେଉଛି ହିଁ। ମହିଳାଙ୍କୁ ଆଇନ ପ୍ରଣୟନର ଅଧିକାର ଦେବା ଏବଂ ଶାସନ କ୍ଷମତାର ଅଂଶୀଦାର ହେବାକୁ ସଂରକ୍ଷଣ ଜରୁରୀ। ଦ୍ୱିତୀୟରେ ଏବେ ଦେଶର ଜନସଂଖ୍ୟା ଏତେ ବଢ଼ିଯାଇଛି ଯେ, ଦେଶର ୧୨୭ ଲୋକସଭା ଆସନରେ ମତଦାତାଙ୍କ ୨୦ ଲକ୍ଷ ବା ତାହାଠାରୁ ଅଧିକ ହୋଇଯାଇଛି। ତେଣୁ ଲୋକସଭା ଆସନ ସଂଖ୍ୟା ବୃଦ୍ଧି ଜରୁରୀ। ଏହା ଫଳରେ ଜନପ୍ରତିନିଧିତ୍ୱ ବିସ୍ତାରିତ ହୋଇପାରିବ। ପ୍ରତି ୧୦ ଲକ୍ଷ ମତଦାତାଙ୍କ ପାଇଁ ଜଣେ ସଂସଦ ସଦସ୍ୟ ରହିବା ଉଚିତ।

# ଶିକ୍ଷା : ସମସ୍ତଙ୍କ ପାଇଁ ଓ ସମାଜ ପାଇଁ

**॥ ଶ୍ୟାମ ସୁନ୍ଦର ସାମଲ ॥**

> “ ଜୀବନରେ ଆମ୍ଭେମାନେ ଅନେକ ଅଙ୍ଗେଲିଭା ପ୍ରସଙ୍ଗକୁ ସାମ୍ନା କରିଥାଉ। ଯାହାପଛର ସତକୁ ପ୍ରାୟତଃ ଲୋକଲୋଚନକୁ ଅଣାଯାଇ ନଥାଏ। ଶିକ୍ଷା ଆଜିର ସମୟରେ ଏକ ବିରାଟ ବଡ଼ ବ୍ୟବସାୟର ରୂପ ନେଲାଣି। ରାଜସ୍ଥାନର କୋଟାର କଥାକୁ ମନେପକାନ୍ତୁ ଲକ୍ଷାଧିକ ଟଙ୍କା ଦେଇ ଡାକ୍ତର, ଇଞ୍ଜିନିୟର ବା ଆଇଏଏସ୍ ହେବାର ସ୍ୱପ୍ନ ନେଇ ସେ ଯାଗାକୁ ଭାରତ ବର୍ଷରୁ ମେଧାବୀ ଛାତ୍ରମାନେ ଯାଉଛନ୍ତି। ଭୟଙ୍କର ମାନସିକ ଚାପ ସେମାନଙ୍କୁ ମୃତ୍ୟୁର ବାଟ ଦେଖାଉଛି। ପ୍ରତିବର୍ଷ ତିରିଶ ଚାଳିଶ ଜଣ ପିଲା ସେଠାରେ ଆତ୍ମହତ୍ୟା କରୁଛନ୍ତି।

ଆନ୍ତର୍ଜାତିକ ସାକ୍ଷରତା ଦିବସ ସମଗ୍ର ବିଶ୍ୱରେ ପାଳିତ ହୋଇଛି। ଓଡ଼ିଶା ସର୍ବୋପରି କଟକରେ ମଧ ଅନେକ ଅନୁଷ୍ଠାନରେ ଏହି ଦିବସ ବେଶ ଧୁମଧାମରେ ପାଳିତ ହୋଇଛି। ବାସ୍ତବରେ ଶିକ୍ଷା କ’ଣ? ସର୍ବୋପରି ଦୈନନ୍ଦିନ ଜୀବନରେ ଶିକ୍ଷାର ଆବଶ୍ୟକତା କ’ଣ ଅଛି? ଏହା ତ ସାଧାରଣ କଥା ଶିକ୍ଷା ବିନା ଜଣେ ମଣିଷ ମୂର୍ଖ ନିଶ୍ଚୟ। ସେଥିପାଇଁ ଆମେ ପ୍ରାୟତଃ କଥାରେ କଥାରେ କହୁ ତୁ ମୂର୍ଖଟା କିରେ? ସରକାରଙ୍କ ଶିକ୍ଷାକୁ ନେଇ ବଡ଼ ସ୍ଲୋଗାନ ହେଉଛି ‘ପିଲାଏ ପଢ଼ିବେ, ପିଲାଏ ଗଢ଼ିବେ’ର ଆନ୍ତରିକ ଅର୍ଥ ହେଉଛି ଗଢ଼ା ହେବେ। ତେବେ ଆଇନର ଏକ ସଚରାଚର ବାକ୍ୟ ଯେପରି ରହିଛି ଆଇନ ତା ବାଟରେ ଯିବ ଠିକ ସେହିପରି କୁହାଯାଏ ଶିକ୍ଷା ମଧ ତା ବାଟରେ ଯାଏ। ଶିକ୍ଷାର ବାଟ ଦେଖାଇଥାନ୍ତି ପୂଜ୍ୟ ଗୁରୁଦେବମାନେ। ପ୍ରତ୍ୟେକ ବ୍ୟକ୍ତିର ଜୀବନ ଓ ଆଦର୍ଶ ଗଢ଼ା ହେବାରେ ଗୁରୁ ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେବେ କେତେକ କ୍ଷେତ୍ରରେ ଦେଖାଯାଉଛି ଗୁରୁ ଓ ଶିକ୍ଷାୟତନ ସର୍ବୋପରି ଅଭିଭାବକମାନେ ଶିକ୍ଷାକୁ ଯେଉଁପର ରାସ୍ତାରେ ନେଉଛନ୍ତି ତାହା ସାଧାରଣ ବୁଦ୍ଧିଜୀବୀମାନଙ୍କୁ ବଡ଼ ଅଶ୍ୱସ୍ତିକର ଭିତରକୁ ଠେଲି ଦେଇଛି। ଶିକ୍ଷକମାନେ ଆମ ପାଇଁ ଗୁରୁ କିନ୍ତୁ ଶିକ୍ଷକମାନେ ସେମାନଙ୍କ ଅଧିକାର ଓ ଦାବୀ ପାଇଁ ରାସ୍ତାକଡ଼ରେ ସରକାରଙ୍କ ଠାରୁ ନ୍ୟାୟ ମାଗୁଛନ୍ତି। ତେବେ କିଛି ଦିନ ତଳେ କଟକ କଳାବିକାଶ କେନ୍ଦ୍ର ମାର୍ଗସ୍ଥିତ ଏକ ପ୍ରତିଷ୍ଠିତ ବିଦ୍ୟାଳୟରେ ସାଧାରଣରେ ଦେଖାଗଲା ଶିକ୍ଷକ ଶିକ୍ଷୟିତ୍ରୀମାନେ ବିଦ୍ୟାଳୟରେ ତାଲା ପକାଇ ଧାରଣାରେ ବସିଛନ୍ତି। ପିଲାମାନଙ୍କୁ ଓ ପରିଚାଳନା କମିଟିକୁ ବିଦ୍ୟାଳୟକୁ ପ୍ରବେଶ ନକରାଇ ଏକ ପ୍ରକାର ହଲାବୋଲ ଆରମ୍ଭ କରିଦେଲେ। କିନ୍ତୁ ଏହା ଭିତର ଘଟଣା କ’ଣ? ସତ୍ୟତା କ’ଣ? କେହି ଜାଣିବାର ସୁଯୋଗ ପାଇପାରିଲେ ନାହିଁ। ଯେଉଁମାନେ ସାଧାରଣତଃ ସେହି ରାସ୍ତା ଦେଇ ଯାଉଥାନ୍ତି। ବିଦ୍ୟାଳୟର ଭିତ୍ତିଭୂମି ଅଛି, ପ୍ରତିଷ୍ଠା ଅଛି, ସୁନାମ ଅଛି, କୃତୀତ୍ୱର ସହ ପିଲାମାନେ ବିଦ୍ୟାଳୟର ସୁନାମ ମଧ ବଢ଼ାଉଛନ୍ତି। ତେବେ ଶିକ୍ଷକ ଶିକ୍ଷୟିତ୍ରୀମାନେ ରାସ୍ତାକଡ଼ରେ କାହିଁକି ବସିଲେ ଏହା ଏକ ବିରାଟ ବଡ଼ କଥା। ଏହି ଲେଖକ ଶିକ୍ଷକ ସମାଜକୁ ନିନ୍ଦିତ କରୁନାହିଁ କି ପରିଚାଳନା କମିଟିର ଦୋଷ ଦେବା ପାଇଁ ଏହି ଲେଖାର ଉଦ୍ଦେଶ୍ୟ ନୁହେଁ। ଅଭିଭାବକମାନେ ବିଦ୍ୟାଳୟକୁ ପିଲାମାନଙ୍କୁ ଛାଡ଼ି ଦେବା ପରେ ସେମାନେ ଭାବନ୍ତି ଆମେ ଏପରି ଏକ ମେସିନ ଭିତରକୁ ପିଲାମାନଙ୍କୁ ଠେଲି ଦେଇଛୁ କିଛି ଅର୍ଥର ବିନିମୟରେ ପିଲାମାନେ ସିଧା ସଳଖ ଡାକ୍ତର, ଇଞ୍ଜିନିୟର ବା ଆଇଏଏସ୍ ଅଫିସର ହୋଇ ମେସିନର ଅପର ବାଟେ ବାହାରି ପଡ଼ିବେ।

ଜୀବନରେ ଆମ୍ଭେମାନେ ଅନେକ ଅଙ୍ଗେଲିଭା ପ୍ରସଙ୍ଗକୁ ସାମ୍ନା କରିଥାଉ। ଯାହାପଛର ସତକୁ ପ୍ରାୟତଃ ଲୋକଲୋଚନକୁ ଅଣାଯାଇ ନଥାଏ। ଶିକ୍ଷା ଆଜିର ସମୟରେ ଏକ ବିରାଟ ବଡ଼ ବ୍ୟବସାୟର ରୂପ ନେଲାଣି। ରାଜସ୍ଥାନର କୋଟାର କଥାକୁ ମନେପକାନ୍ତୁ ଲକ୍ଷାଧିକ ଟଙ୍କା ଦେଇ ଡାକ୍ତର, ଇଞ୍ଜିନିୟର ବା ଆଇଏଏସ୍ ହେବାର ସ୍ୱପ୍ନ ନେଇ ସେ ଯାଗାକୁ ଭାରତ ବର୍ଷରୁ ମେଧାବୀ ଛାତ୍ରମାନେ ଯାଉଛନ୍ତି। ଭୟଙ୍କର ମାନସିକ ଚାପ ସେମାନଙ୍କୁ ମୃତ୍ୟୁର ବାଟ ଦେଖାଉଛି। ପ୍ରତିବର୍ଷ ତିରିଶ ଚାଳିଶ ଜଣ ପିଲା ସେଠାରେ ଆତ୍ମହତ୍ୟା କରୁଛନ୍ତି। କେବଳ ରାଜସ୍ଥାନର କୋଟାରେ ନୁହେଁ ଓଡ଼ିଶାରେ ମଧ ଏହା ଘଟୁଛି। କଟକରେ ବି ଏପରି ଅନେକ ନଜିର ରହିଛି। ଅନେକ ଜାଣି ନଥାନ୍ତି ସମ୍ଭବତଃ କିଛି ବାପା ମାଆମାନେ ପିଲାମାନଙ୍କୁ ଅର୍ଥ ନଦେଇ ପାରି ସେମାନେ ଜୀବନ ହାରନ୍ତି। ଏ ଖବର ବଡ଼ ଭାବେ ପ୍ରକାଶ ହୁଏନି। କେଉଁଠି ଦେଖାଯାଇଛି କି କୋଚିଂ ସେଣ୍ଟରର ମାଲିକମାନେ ପିଲାଙ୍କ ଅସଫଳ ଦୁଃଖରେ ମ୍ରିୟମାଣ ହୋଇ ଆତ୍ମହତ୍ୟା କରିଛନ୍ତି। ଏହାର ଉତ୍ତର ଆଦୌ ନୁହେଁ। ଶିକ୍ଷାକୁ ଏକ ପ୍ରକାର ବ୍ୟବସାୟ କରିଦିଆଗଲାଣି। ଅନେକ ଶିକ୍ଷକମାନେ ଶିକ୍ଷା ଛାଡ଼ି ବେପାର ଓ ରାଜନୀତିକୁ ନିଜ ମୁଖ୍ୟ ବୃତ୍ତି ଭାବେ ଗ୍ରହଣ କଲେଣି। ଦସ୍ତଖତ ମାରିଲେ ଦରମା ଗଣ୍ଡା ମାସ ଶେଷରେ ବ୍ୟାଙ୍କ ଆକାଉଣ୍ଟରେ ଡିପୋଜିଟ ହେଲା। କେତେକ ଶିକ୍ଷା ପ୍ରତିଷ୍ଠାନରେ ଦେଖାଯାଏ ବିଶୃଙ୍ଖଳାର ବଡ଼ କାରଣ ଥାନ୍ତି ଏହି ଶିକ୍ଷକ ସମାଜ। ସେମାନଙ୍କ ନ୍ୟସ୍ତ ସ୍ୱାର୍ଥ ପୂରଣ ନହେଲେ ମ୍ୟାନେଜମେଣ୍ଟ ବେକରେ ଦଉଡା ପକାଇ ବିଦ୍ୟାଳୟରେ ତାଲା ପକାଇ ଦିଅନ୍ତି। ଶିକ୍ଷା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ଗଣମାଧ୍ୟମରେ ଏହା ପ୍ରମୁଖ ଖବର ପାଲଟି ଯାଏ। କିନ୍ତୁ ମ୍ୟାନେଜମେଣ୍ଟର ମୁଣ୍ଡ କିପରି ବିନ୍ଧିଥାଏ ତାହା କେବେ କେହି ଭାବନ୍ତି ନାହିଁ। ଶିକ୍ଷା ବ୍ୟବସ୍ଥାରେ କେହି ବୁଝନ୍ତିନି ଯେ ଯେଉଁ ବିଦ୍ୟାଳୟରେ ପ୍ରଭୂତ ସଂଖ୍ୟାରେ ପିଲାମାନେ ପଢ଼ନ୍ତି ଯାହାଫଳରେ ସେମାନଙ୍କର ଆଦାୟ ଫିସ ଶିକ୍ଷକ ମାନଙ୍କୁ ହିଁ ପ୍ରଦାନ କରାଯାଇଥାଏ। ଯଦି ଛାତ୍ରଛାତ୍ରୀଙ୍କ ସଂଖ୍ୟା ଆଶାତୀତ ଭାବେ ହ୍ରାସ ପାଇଯାଏ ତାହାହେଲେ ମ୍ୟାନେଜମେଣ୍ଟ ନିୟମିତ ଦରମା ଠାରୁ ବର୍ଦ୍ଧିତ ଦରମା ଦେବା କେତେ ଯେ କାଠିକର ପାଠ ତାହା କେହି ବୁଝିପାରନ୍ତିନି। ଜଣେ ଶିକ୍ଷକ ଭାଇର ସ୍ୱାର୍ଥରେ ବାଧା ହେଲେ ଯେପରି ଅନ୍ୟ ଶିକ୍ଷକମାନେ ମେଳି ହୋଇଯାଉଛନ୍ତି ସେମାନେ ଚିନ୍ତା କରୁନାହାଁନ୍ତି ଯେ ପିଲାଙ୍କ ସଂଖ୍ୟା ଯଦି କହି ଯାଇଥାନ୍ତି ତାହାଲେ ଆମ୍ଭମାନଙ୍କ ଭିତରୁ କିଛିକୁ ମନୋନୀତ କରି ଅନ୍ୟତ୍ର କର୍ମ ସଂସ୍ଥାନ ଦେଖିବା। ନାଁ, ବ୍ୟକ୍ତି ସ୍ୱାର୍ଥ ବା ବଡ଼। ଯେଉଁ ଶିକ୍ଷକ ଶିକ୍ଷୟିତ୍ରୀ ଅମଡ଼ା ବାଟରେ ଯାଉଛନ୍ତି ତାଙ୍କୁ ବିଦ୍ୟାଳୟର ବାହାର ବାଟ ଅନୁଶାସନର ନିୟମରେ ମ୍ୟାନେଜମେଣ୍ଟ ତୁରନ୍ତ ରାସ୍ତା ଦେଖାଇ ଦେଉ କାରଣ ଏହା ହେଉଛି ଅନୁଶାସନର କଥା। ଶିକ୍ଷକମାନେ ନୀତିନିଷ୍ଠ ହୁଅନ୍ତୁ ସେମାନେ ଭୁଲି ଯାଆନ୍ତୁ ନାହିଁ ସେମାନେ ମହର୍ଷି ବ୍ୟାସଦେବଙ୍କ ମାର୍ଗ ନିର୍ଦ୍ଦେଶିତ ଜଣେ ଜଣେ ଗୁରୁ। ସେମାନେ ଏ ସମାଜରେ ଭଗବାନଙ୍କ ମର୍ଯ୍ୟାଦା ପାଇଥାନ୍ତି। କିନ୍ତୁ ସେମାନେ ଯେତେବେଳେ ଠକାମୀ କରନ୍ତି ସ୍କୁଲ ପାଠ ଛାଡ଼ି ଟ୍ୟୁସନରେ ବେଶି ମନ ଦିଅନ୍ତି, ନିଶାଗ୍ରସ୍ତ ହୁଅନ୍ତି, ଲମ୍ପଟ-କାମୁକ ହୁଅନ୍ତି ଏହାର ପ୍ରଭାବ କେଉଁପରି ଭାବରେ ସମାଜ ଉପରେ ପଡ଼ିବ କେବେ ଚିନ୍ତା କରିଛନ୍ତି। ଏହି ଲେଖକ ଏକ ସୁଉଜ୍ଜ୍ୱଳ ଶିକ୍ଷା ବୁନିୟାଦି ଥିବା ପରିବାରରୁ ଆସିଛି। ଯାହାଙ୍କର ଜଣେ ଅଗ୍ରଜ ଭଦ୍ରକ ଜିଲ୍ଲାରେ ଜଣେ ସୁନାମଧନ୍ୟ ମହାନ ଶିକ୍ଷା ବ୍ୟକ୍ତିତ୍ୱ ଭାବେ ପୂଜିତ। ତେଣୁ ଆମେ ସମୁଦାୟ ଶିକ୍ଷକ ସମାଜକୁ ନିନ୍ଦିତ କରୁନୁ। କାରଣ କିଛି ଶିକ୍ଷକଙ୍କ ପାଇଁ ଏହି ଯୁଗରେ ଶିକ୍ଷାର ଧର୍ମ ଡଙ୍ଗା ଚାଲିଛି। ଆଜିକାଲି ଛତୁ ଫୁଟିବା ପରି ଶିକ୍ଷା ଅନୁଷ୍ଠାନ ଗଢ଼ିଉଠୁଛି, ସେ ତୁଳନାରେ ନୈତିକ ଶିକ୍ଷା କିନ୍ତୁ ବଢୁନି। ମଣିଷ ପଣିଆ ହ୍ରାସ ପାଉଛି। ସ୍ୱାର୍ଥ, ବ୍ୟବସାୟ, ଚାଟୁକାର, ପରଶ୍ରୀକାତରତା, ଈର୍ଷାପରାୟଣତା ଏହି ନିନ୍ଦିତ ଗୁଣ ଗୁଡ଼ିକୁ କିଛି ଶିକ୍ଷକମାନେ ନିଜର ଭୂଷଣ କରୁଛନ୍ତି। ଶିକ୍ଷାୟତନର ତଥାକଥିତ ମାମଲତକାରମାନେ କେବଳ ନିୟମିତ ଓ ନିର୍ଦ୍ଧାରିତ ସ୍କୁଲ ମିଟିଂ ଭିତରେ ନିଜ ଦାୟିତ୍ୱ ସାରନ୍ତୁନାହିଁ। ସେମାନେ ଭୁଲ ଯାଆନ୍ତୁ ନାହିଁ ସେ ଅନୁଷ୍ଠାନକୁ ସେମାନେ ଏକ ଛୋଟ ପିଲାପରି ଆଙ୍ଗୁଳି ଧରି ବାଟ କଢ଼ାଇବାର କଥା। ନିୟମିତ ସମୟ ଦେବା କଥା, ଛାତ୍ରଛାତ୍ରୀ - ଶିକ୍ଷକ ଶିକ୍ଷୟିତ୍ରୀ - ଅଭିଭାବକ ଏହି ତ୍ରିଭୁଜ ସହ ସେମାନଙ୍କର ସ୍ୱାଭାବିକ ଓ ନିୟମିତ ସମ୍ପର୍କ ରହିବା କଥା। ନିଜ ସ୍ୱାର୍ଥପାଇଁ ବିଦ୍ୟାଳୟରେ ତାଲା ପକାଇ ପିଲାମାନଙ୍କର ପାଠପଢ଼ାର କ୍ଷତି ସହ ସେହି ବିଦ୍ୟାଳୟର ଯେଉଁ ସୁନାମ ଦାଣ୍ଡରେ ପଡ଼ିଲା ତାହା କ’ଣ ଆଉ ଫେରି ଆସିପାରିବ। କିଛି ଦରମା ବଢ଼ିପାରେ, କିଏ ପ୍ରମୋସନ ବି ପାଇପାରେ କିନ୍ତୁ ଯେଉଁ ଶିକ୍ଷାୟତନର ଦାନା ପାଣିରେ ଆମ ପରିବାର ଚଳୁଛି ଆମେ ସୁନାମ ପାଉଛୁ ତାକୁ କ’ଣ ଆମେ ଫେରାଇ ଦେଇପାରିବା। ଏହାକୁ ଟିକେ ମାନବିକ ଦୃଷ୍ଟିକୋଣରୁ ଚିନ୍ତା କରନ୍ତୁ। ଏ ଆହ୍ୱାନ କେବଳ ପ୍ରଶାସନ ଓ ଶିକ୍ଷାବିତଙ୍କ ଉପରେ ଛାଡ଼ି ଦିଅନ୍ତୁ ନାହିଁ। ଏ ଗୁରୁ ଦାୟିତ୍ୱ ପ୍ରତିଷ୍ଠାନର ସଂସ୍ଥାପକ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କର। ଅଭିଭାବକମାନେ ନିର୍ଦ୍ଧାରିତ ସମୟରେ ବିଦ୍ୟାଳୟର ଦରମା ଦିଅନ୍ତୁ, ଶିକ୍ଷକ ଶିକ୍ଷୟିତ୍ରୀମାନେ ପୋଷକ ପରିପାଟୀ ସୁଉନ୍ନତ ହୁଅନ୍ତୁ। ନିଜର ଆଚରଣ ପ୍ରଦର୍ଶନ ବେଳେ ଭାବନ୍ତୁ ଆମେ ଜଣେ ଗୁରୁ। ପିଲାମାନେ କେବଳ ପାଠରେ ହିଁ ମନୋନିବେଶ କରନ୍ତୁ। ଏହିପରି ସବୁ କିଛି ଛୋଟିଆ ଜିନିଷ ବୁଝିଗଲେ ଶିକ୍ଷାକୁ ନେଇ ଆଉ ଝିନଝଟ ରହିବ ନାହିଁ। ପିଲାମାନେ ଯଥାର୍ଥରେ ଭଗବାନ ଶ୍ରୀସତ୍ୟସାଇଙ୍କ ମାନବୀୟ ମୂଲ୍ୟବୋଧ ଶିକ୍ଷାକୁ ଗ୍ରହଣ କରି ନିଜ ଶ୍ରେଷ୍ଠ ଚରିତ୍ର ଗଠନ କରିପାରିବେ, ପରିବାରର ବାପା-ମାଆଙ୍କର ସୁନାମ ବଢ଼ାଇବେ, ସମାଜର, ଦେଶର ଓ ପାଠପଢ଼ିଥିବା ସେମାନଙ୍କର ବିଦ୍ୟାଳୟର ଯେଉଁ ସୁନାମକୁ ଆଗକୁ ନେବେ ତାକୁ ପର ପିଢି ନିଶ୍ଚିନ୍ତ ଦୃଷ୍ଟିରେ ରଖି ନିଜକୁ ତିଆରି କରିବେ।

ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ, ଶ୍ରୀସତ୍ୟସାଇ ସେବା ସମିତି, କଟକ, ଦୂରଭାଷ : ୯୭୭୮୭୩୫୯୨୬

# ଆତ୍ମହତ୍ୟା : ଦିନକୁ ଯାଉଛି ୧୨ ଜୀବନ

**॥ ଡାକ୍ତର ସମ୍ରାଟ କର ॥**

ଆନ୍ତର୍ଜାତିକ ସ୍ତରରେ ଆତ୍ମହତ୍ୟା ନିରାକରଣ ଚେଷ୍ଟା କରୁଥିବା ଏକ ସଂସ୍ଥା ୨୦୧୧ରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସହ ଜଡ଼ିତ ହୋଇ ବିଶ୍ୱବାସୀଙ୍କ ନିମନ୍ତେ ଏକ ନୂତନ ପଦକ୍ଷେପ ନେବାକୁ ସ୍ଥିର କଲେ। ସେବେଠାରୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଆନୁକୂଲ୍ୟରେ ସେପ୍ଟେମ୍ବର ୧୦କୁ ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ଭାବେ ପାଳନ କରାଯାଉଛି। ସର୍ବେକ୍ଷଣ ଅନୁସାରେ ୧୯୯୦ ପରଠାରୁ ଯୁବପିଢ଼ିରେ ଆତ୍ମହତ୍ୟା ହାର ବୃଦ୍ଧି ପାଇଛି। ସେସବୁ ତଥ୍ୟକୁ ଲକ୍ଷ୍ୟ କରି ୨୦୧୧ରେ ବିଶ୍ୱର ୪୦ଟି ରାଷ୍ଟ୍ରମୁଖ୍ୟଙ୍କ ସହମତିରେ ପ୍ରଥମଥର ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ପାଳନ ହୋଇଥିଲା। ବିଭିନ୍ନ ସ୍ଥାନରେ ନାଟକ ଦ୍ୱାରା ସଚେତନ କରାଇବା ସହ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପ୍ରାୟ ୧୫ଟି ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାଣ କରିଛି। ପ୍ରତ୍ୟେକଙ୍କ ଜୀବନ ମୂଲ୍ୟବାନ, ତେଣୁ ଏହାର ଯଥାର୍ଥତା ହୃଦୟଙ୍ଗମ କରିବା ଆବଶ୍ୟକ ହେଉଛି ଦିବସର ବାର୍ତ୍ତା।

ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ ଅବସରରେ ଏକ ସର୍ବଶେଷ ପରିସଂଖ୍ୟାନ ତଥ୍ୟ ଅନୁଯାୟୀ ଆତ୍ମହତ୍ୟା କାରଣ ପାଇଁ ଦିନକୁ ବାରଜଣଙ୍କ ଜୀବନ ଯାଉଥିବାବେଳେ ପାରିବାରିକ ସମସ୍ୟା କାରଣରେ ଓଡ଼ିଶାର ସ୍ଥାନ ଦୁଇ ନମ୍ବରରେ ରହିଛି। ଏହା ସତ୍ୟ ଯେ ଗତ କିଛି ବର୍ଷ ଧରି ଲଗାତାର ଦେଶରେ ଆତ୍ମହତ୍ୟା ମାମଲା ବଢ଼ିବାରେ ଲାଗିଛି। ରାଷ୍ଟ୍ରୀୟ ଅପରାଧ ରେକର୍ଡ଼ ବ୍ୟୁରୋର ସଦ୍ୟତମ ରିପୋର୍ଟ ଅନୁସାରେ ଭାରତରେ ୨୦୧୯ରେ ମୋଟ ୧,୩୯,୧୨୩ ଲୋକ ଆତ୍ମହତ୍ୟା କରିଛନ୍ତି ଅର୍ଥାତ୍ ଦେଶରେ ପ୍ରତି ଚାରିମିନିଟରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରୁଛନ୍ତି। ଓଡ଼ିଶାରେ ଏହି ସଂଖ୍ୟା ୪୫୮୨। ୨୦୧୯ରେ ଦୈନିକ ହାରାହାରି ବାରଜଣ ଆତ୍ମହତ୍ୟା କରୁଛନ୍ତି। ପାରିବାରିକ ସମସ୍ୟା କାରଣରୁ ଆତ୍ମହତ୍ୟା ହାର ଅଧିକ। ୪୫୮୨ ଜଣଙ୍କ ମଧ୍ୟରୁ ୨୭୭୯ଜଣ ଏହି କାରଣରୁ ଆତ୍ମହତ୍ୟା କରିଛନ୍ତି। ମୋଟ ଆତ୍ମହତ୍ୟା ଘଟଣା ମଧ୍ୟରୁ ୬୦.୭ ହେଉଛି ପାରିବାରିକ କାରଣ। ୭୬.୪ ପ୍ରତିଶତ ସହ ଉତ୍ତରାଖଣ୍ଡ ରହିଛି ଦେଶର ତାଲିକା ଟପରେ। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅନ୍ତର୍ଗତ କାର୍ଯ୍ୟ କରୁଥିବା ଏନ୍‌ସିଆରବିର ତଥ୍ୟ ଅନୁସାରେ ୨୦୧୯ରେ ସହରାଞ୍ଚଳରେ ଆତ୍ମହତ୍ୟା ହାର ୧୩.୯ ପ୍ରତିଶତ ରହିଥିଲାବେଳେ ଦେଶରେ ଏହି ହାର ୧୦.୪ ପ୍ରତିଶତ ରହିଛି। ଏହି ବର୍ଷରେ ୫୩.୬ ପ୍ରତିଶତ ଲୋକ ଦଉଡି ଦେଇ ଆତ୍ମହତ୍ୟା କରିଥିଲାବେଳେ ୨୫.୮ ପ୍ରତିଶତ ଲୋକ ବିଷଖାଇ, ୫.୨ ପ୍ରତିଶତ ପାଣିରେ ବୁଡ଼ି ଏବଂ ୩.୮ ପ୍ରତିଶତ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି।

ଦେଶର ମୋଟ ଆତ୍ମହତ୍ୟା ମଧ୍ୟରୁ ୩୨.୪ ପ୍ରତିଶତ ମାମଲା ପାରିବାରିକ ସମସ୍ୟା ପାଇଁ ହୋଇଥିଲାବେଳେ ୧୭.୧ ପ୍ରତିଶତ ମାମଲା ଜଟିଳ ରୋଗ କାରଣରୁ, ୫.୫ ପ୍ରତିଶତ ବୈବାହିକ ସମସ୍ୟା କାରଣରୁ ହୋଇଛି। ୨୦୧୮ ତୁଳନାରେ ୨୦୧୯ରେ ଆତ୍ମହତ୍ୟା ମାମଲାରେ ୩.୪ ପ୍ରତିଶତ ବୃଦ୍ଧି ଘଟିଛି। ପ୍ରତି ୧୦୦ ମାମଲାରୁ ୨୯.୮ ପ୍ରତିଶତ ମହିଳା ଏବଂ ୭୦.୨ ପ୍ରତିଶତ ପୁରୁଷ ଆତ୍ମହତ୍ୟା କରୁଛନ୍ତି। ଆତ୍ମହତ୍ୟାର ସର୍ବାଧିକ ମାମଲା ମହାରାଷ୍ଟ୍ରରେ ଦେଖିବାକୁ ମିଳିଛି। ଏଠାରେ ୨୦୧୯ରେ ୧୮,୯୧୬ ଜଣ ଆତ୍ମହତ୍ୟା କରିଥିଲାବେଳେ ତାମିଲନାଡୁ (୧୩,୪୯୩), ପଶ୍ଚିମବଙ୍ଗ (୧୨,୬୬୫), ମଧ୍ୟପ୍ରଦେଶ (୧୨,୪୫୭), କର୍ଣ୍ଣାଟକ (୧୧,୨୮୮) ଯଥାକ୍ରମେ ଦ୍ୱିତୀୟରୁ ପଞ୍ଚମ ସ୍ଥାନରେ ଅଛନ୍ତି। ୨୦୧୭ରେ ଓଡ଼ିଶାରେ ଆତ୍ମହତ୍ୟା ମାମଲା ୪୪୯୩ ଥିଲାବେଳେ ୨୦୧୯ରେ ଏହା ବୃଦ୍ଧି ପାଇ ୪୫୮୨ରେ ରହିଛି। ଏଥିରୁ ୨୫୯୬ଜଣ ପୁରୁଷ ଥିଲାବେଳେ ୧୯୮୬ଜଣ ହେଉଛନ୍ତି ମହିଳା। ବିଭିନ୍ନ କାରଣରୁ ଲୋକେ ଆତ୍ମହତ୍ୟା ଭଳି ଘୃଣ୍ୟ ନିଷ୍ପତ୍ତି ନେଇଥାଆନ୍ତି। ଆଉ ଓଡ଼ିଶାରେ ଆତ୍ମହତ୍ୟା କରିବାର ସବୁଠୁ ବଡ଼କାରଣ ପାଲଟିଛି ପାରିବାରିକ ସମସ୍ୟା। ପାରିବାରିକ ସମସ୍ୟା କାରଣରୁ ଆତ୍ମହତ୍ୟା କରୁଥିବାର ସର୍ବାଧିକ ହାର ଉତ୍ତରାଖଣ୍ଡରେ ରହିଛି। ଉତ୍ତରାଖଣ୍ଡ ୨୦୧୯ରେ ୫୧୬ ଜଣ ଆତ୍ମହତ୍ୟା କରିଥିଲାବେଳେ ୩୯୪ ଜଣ ଅର୍ଥାତ୍ ୭୬.୪ ପ୍ରତିଶତ ମାମଲା ପାରିବାରିକ ବିବାହ କାରଣରୁ ଘଟିଛି। ଦ୍ୱିତୀୟରେ ରହିଛି ଓଡ଼ିଶା। ଏଠାରେ ମୋଟ ୪୫୮୨ ଜଣଙ୍କ ମଧ୍ୟରୁ ୨୭୭୯ଜଣ ଏହି କାରଣରୁ ଆତ୍ମହତ୍ୟା କରିଛନ୍ତି। ତୃତୀୟରେ ତ୍ରିପୁରା (୫୫.୪%) ଏବଂ ଚତୁର୍ଥରେ ରହିଛି ତାମିଲନାଡୁ (୬୮୪୩-୫୦.୭%)। ୨୦୧୯ ବର୍ଷରେ ଓଡ଼ିଶାରେ ୫୫୮ ଜଣ ଅବିବାହିତ ଯୁବକ, ୬୧୭ ଜଣ ଅବିବାହିତ ଯୁବତୀ ଆତ୍ମହତ୍ୟା କରିଥିଲେ। ମୋଟ ଆତ୍ମହତ୍ୟା ମଧ୍ୟରୁ ପୁରୁଷଙ୍କ ସଂଖ୍ୟା ୨୫୯୬ ଏବଂ ମହିଳାଙ୍କ ସଂଖ୍ୟା ୧୯୮୬ ରହିଛି। ତେବେ ଚିନ୍ତାର ବିଷୟ ହେଉଛି ଯେ ପାରିବାରିକ ସମସ୍ୟା ରାଜ୍ୟରେ ବଢ଼ିବା। ତଥ୍ୟ ସୂଚାଉଛି ରାଜ୍ୟରେ ମୋଟ ଆତ୍ମହତ୍ୟାରୁ ଅଧାରୁ ଅଧିକ ହେଉଛି ଏହି କାରଣ। ବିବାହିତ ଦମ୍ପତି ପାରିବାରିକ ସମସ୍ୟାରେ ଏତେ ଛନ୍ଦି ହୋଇପଡୁଛନ୍ତି ଯେ ବାଧରେ ଆତ୍ମହତ୍ୟା ଭଳି ପନ୍ଥାକୁ ଆପଣାଇବାକୁ ବାଧ ହେଉଛନ୍ତି।

ମନୁଷ୍ୟର ଚେତନା ଯଦି ବ୍ୟକ୍ତିକୈନ୍ଦ୍ରିକ ଓ ଆକାଶଚୁମ୍ବୀ ଆଶା ସହିତ ଜଡ଼ିତ ହୁଏ, ତେବେ ତାର ଚେତନା ଦେହ, ମନ, ଇନ୍ଦ୍ରିୟ, ବୁଦ୍ଧି ଭଳି ନିମ୍ନ ସ୍ତରରେ ଅଟକି ଯିବା ସାର ହେବ ଯେଉଁଠି ନୈରାଶ୍ୟ ଓ ମାନସିକ ଚାପ କବଳରେ ପଡ଼ିଯାଇ ଆତ୍ମହତ୍ୟାର ଶିକାର ହେବା ସହଜ ହେବ। ମୋଟ ଉପରେ କହିବାକୁ ଗଲେ, ପ୍ରତ୍ୟେକ ମନୁଷ୍ୟ ଆସ୍ତିକ ହେଉ ବା ନାସ୍ତିକ, ବୁଝିବା ଉଚିତ ଯେ ଜଡ଼ ଓ ଚେତନା ସମ୍ମିଶ୍ରିତ ଜୀବନ ପ୍ରକୃତିର ଏକ ଅବଦାନ ଯାହାକୁ ସଫଳତା ଓ ବିଫଳତାର ଦ୍ୱାହି ଦେଇ ଆମର ନଷ୍ଟ କରିବାର ଅଧିକାର ନାହିଁ। ଆଶା ଓ ନିରାଶା, ଦୁଃଖ ଓ ସୁଖର ଲୁଚକାଳି ଖେଳ ମଣିଷ ମନରେ ଘଟିବ ହିଁ ଘଟିବ। ସେସବୁ ଆବେଗ ସହିତ ନିଜକୁ ବାନ୍ଧି ହର୍ଷୋତ୍‌ଫୁଲ୍ଲତା କି ନୈରାଶ୍ୟରେ ନିଜକୁ ଭସାଇ ଦେବା ଉଚିତ ନୁହେଁ। ଆଜିର ଶିକ୍ଷା ପ୍ରଣାଳୀରେ ଏପରି ଦାର୍ଶନିକ ଭାବଧାରା ସାମିଲ ହେବା ଉଚିତ। ଭାରତରେ ବି ମେଣ୍ଟାଲ ହେଲ୍‌ଥ କେୟାର ଆକ୍ଟ-୨୦୧୭ରେ ମାନସିକ ରୋଗର ନିରାକରଣ ପାଇଁ ବିଧି ବ୍ୟବସ୍ଥା ହୋଇଛି। ସେହି ଆଇନରେ ମନୋବିଜ୍ଞାନୀମାନଙ୍କ ପରାମର୍ଶ, ସାମାଜିକ କର୍ମୀଙ୍କ ନିଯୁକ୍ତି ଭଳି ଅନେକ ପ୍ରକାର ଉତ୍ତମ ବ୍ୟବସ୍ଥା ବି ରହିଛି। ତେବେ କେବଳ ଆଇନ ଭିତରେ ଏହାକୁ ସୀମିତ ରଖିଲେ ଚଳିବନି, ସେଗୁଡ଼ିକ କାର୍ଯ୍ୟକାରୀ ହେଲେ ହିଁ ଆତ୍ମହତ୍ୟାକୁ ଟାଳି ହେବ। ଏତଦ୍‌ବ୍ୟତୀତ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ନିଯୁକ୍ତି ଯେତେ ମାତ୍ରାରେ ଅଧିକ ହେବ, ସେତେ ମାତ୍ରାରେ ମହିଳାମାନଙ୍କ ଆତ୍ମହତ୍ୟା ପ୍ରବଣତାର ଅବସାନ ଘଟିବ ଯେମିତି ଚୀନରେ ସମ୍ଭବ ହୋଇଛି। ଆତ୍ମହତ୍ୟାକୁ ଏକ ଉତ୍କଟ ସାମାଜିକ ବ୍ୟାଧି ଭାବରେ ଆମକୁ ଗ୍ରହଣ କରିବାକୁ ହେବ। ଏଥିପାଇଁ ସରକାରଙ୍କ ଉପରକୁ କେବଳ ଦାୟିତ୍ୱ ଖସାଇ ଦେଇ ଆମେ ନିରବଦ୍ରଷ୍ଟା ସାଜିଲେ ଲାଭ ହେବନାହିଁ। ସରକାର, ମନୋବିଜ୍ଞାନୀ, ସାମାଜିକକର୍ମୀ, ମନସ୍ତାତ୍ତ୍ୱିକ ପରାମର୍ଶଦାତା, ଧାର୍ମିକ, ବ୍ୟକ୍ତିବିଶେଷ, ଦାର୍ଶନିକ, ବୁଦ୍ଧିଜୀବୀ ଓ ଶିକ୍ଷକଙ୍କ ଭଳି ବିଜ୍ଞଜନମାନେ ଏ ବାବଦରେ ସଚେତନତା ସୃଷ୍ଟି ପାଇଁ ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ ସ୍ତରରେ ପ୍ରୟାସ କରିବା ଉଚିତ।

ମାନସିକ ରୋଗ ବିଶେଷଜ୍ଞ, ଦି’ବ୍ରେନ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ପୁଣି ବିବାଦରେ ଆଦାନୀ ଗ୍ରୁପ୍

**॥ ଗୋପାଳ ମହାପାତ୍ର ॥**

ହିଣ୍ଡେନବର୍ଗର ରିସର୍ଚ୍ଚ ରିପୋର୍ଟ ପରେ ଏବେ ଅର୍ଗାନାଇଜଡ କ୍ରାଇମ୍ ଆଣ୍ଡ କରପସନ ରିପୋଟିଙ୍ଗ୍ ପ୍ରୋଜେକ୍ଟ ଆଦାନୀ ଗ୍ରୁପ୍ ବାବଦରେ ଏକ ରିପୋର୍ଟ ପ୍ରକାଶ କରିଛି। ରିପୋର୍ଟରେ କୁହାଯାଇଛି ଯେ ଆଦାନୀ ଗ୍ରୁପର ମାଲିକ ଲୁଚା ଛପାରେ ଲକ୍ଷ ଲକ୍ଷ ଡଲାରର ପୁଞ୍ଜି ନିବେଶ ନିଜର କମ୍ପାନୀରେ କରିଛନ୍ତି। ଅର୍ଥାତ୍ ନିଜ କମ୍ପାନୀର ଲକ୍ଷ ଲକ୍ଷ ଡଲାର୍ ର ଅଂଶ ଧନକୁ ବେଆଇନ୍ ଭାବେ ନିଜେ ହିଁ କିଣିଛନ୍ତି। ଏଥିରେ ବ୍ୟାପକ ଦୁର୍ନୀତି କରିଛନ୍ତି। ଏହି ରିପୋର୍ଟ ପ୍ରକାଶ ପାଇବା ପରେ ଆଦାନୀ ଗ୍ରୁପ୍ ପକ୍ଷରୁ ଅଭିଯୋଗର ଖଣ୍ଡନ କରାଯାଇଛି କିନ୍ତୁ ରିପୋର୍ଟରେ ଯେଉଁ ସବୁ ତଥ୍ୟ ପ୍ରମାଣ ଦିଆଯାଇଛି ସେଥିରୁ ସ୍ପଷ୍ଟ ଯେ ଆଗାମୀ ଦିନରେ ଏହା ଆଦାନୀ ଗ୍ରୁପ୍ ପାଇଁ ଅନେକ ଅସୁବିଧା ସୃଷ୍ଟି କରିବ। ଆଦାନୀ ଗ୍ରୁପ୍ ବିରୋଧରେ ଏ ଯେଉଁ ରିପୋର୍ଟ ଅର୍ଗାନାଇଜଡ୍ କ୍ରାଇମ୍ ଆଣ୍ଡ କରପସନ ରିପୋଟିଙ୍ଗ୍ ପ୍ରୋଜେକ୍ଟ ଦ୍ୱାର ଜାରି କରାଯାଇଛି ତାକୁ ନେଇ ବିରୋଧି ଦଳ ମାନେ ସରକାରଙ୍କୁ ଘେରିଛନ୍ତି। ଅନ୍ୟ ପକ୍ଷରେ ପ୍ରକାଶିତ ରିପୋର୍ଟ ସତ୍ୟତା ଉପରେ ପର୍ଯ୍ୟବେସିତ ଓ ଅନେକ ପରିଶ୍ରମ କରାଯାଇ ତଥ୍ୟ ଯୋଗାଡ ପରେ ରିପୋର୍ଟ ପ୍ରକାଶ କରାଯାଇଛି ବୋଲି କହିଛି ସଂପୃକ୍ତ ସଂସ୍ଥା। ବିଶ୍ୱର ଦୁଇଟି ପ୍ରମୁଖ ସମ୍ବାଦ ପତ୍ରରେ ଏହି ରିପୋର୍ଟ ପ୍ରକାଶିତ ହୋଇଛି। ବିଶ୍ୱର ଦୁଇଟି ପ୍ରମୁଖ ସମ୍ବାଦ ପତ୍ର ହେଉଛି ଦି ଗାର୍ଡିଆନ ଏବଂ ଦି ଫାଇନାନ୍‌ସିଆଲ୍ ଟାଇମ୍ସ ଏ ଦୁଇ ସମ୍ବାଦପତ୍ରକୁ ବିଶ୍ୱର ଆର୍ଥିକ ଜଗତ ଅଧିକ ଗୁରୁତ୍ୱ ଦେଇଥାନ୍ତି। ରିପୋର୍ଟ ପ୍ରକାଶ ପାଇବା ପରେ ଆଦାନୀ କମ୍ପାନୀର ୧୦ଟି କମ୍ପାନୀ ମଧ୍ୟରୁ ୯ଟି କମ୍ପାନୀର ଅଂଶ ଧନର ମୂଲ୍ୟ ୨ରୁ ଅଢେଇ ପ୍ରତିଶତ ହ୍ରାସ ପାଇଥିବା ଜଣାପଡିଛି।

ଅର୍ଗାନାଇଜଡ଼ କ୍ରାଇମ୍ ଆଣ୍ଡ କରପସନ୍ ପକ୍ଷରୁ ରିପୋର୍ଟ ପ୍ରକାଶିତ ହେବାପରେ ଭାରତ ସମେତ ସାରା ବିଶ୍ୱରେ ଆଦାନୀ ଗ୍ରୁପ୍‌କୁ ନେଇ କିମ୍ଭୁତ କିମ୍ଭାକାର ସ୍ଥିତି ସୃଷ୍ଟି ହୋଇଛି। କିନ୍ତୁ ଭାରତର ପ୍ରମୁଖ ଗଣମାଧ୍ୟମ ମାନେ ଏ ପ୍ରସଙ୍ଗକୁ ନେଇ ଚୁପ୍ ରହିଛନ୍ତି। ସାମାଜିକ ଗଣମାଧ୍ୟମ ଓ ୟୁଟ୍ୟୁବରେ ଏ ସମ୍ପର୍କରେ ଅଧିକ ତଥ୍ୟ ପ୍ରସାରିତ ହେଉଛି। ରିପୋର୍ଟରେ ଟିକସ ଚୋରୀକୁ ପ୍ରୋତ୍ସାହିତ କରୁଥିବା ଦେଶର ଅନେକ କମ୍ପାନୀ ସମ୍ପର୍କୀତ ତଥ୍ୟ ପ୍ରଦାନ କରାଯାଇଛି। ଏପରିକି ଆଦାନୀ ଗ୍ରୁପର ନେଣ ଦେଣ ପ୍ରସଙ୍ଗ ସମେତ ଆଦାନୀ ଗ୍ରୁପର ଇମେଲକୁ ଭିତ୍ତି କରି ରିପୋର୍ଟ କରାଯାଇଥିବା କଥା ରିପୋର୍ଟରେ ଉଲ୍ଲେଖ ରହିଛି। ରିପୋର୍ଟରେ ରହସ୍ୟମୟ ନିବେଶକ ଏବଂ ବେନାମୀ କମ୍ପାନୀମାନଙ୍କ ସମ୍ପର୍କରେ ଅନେକ ତଥ୍ୟ ପ୍ରଦାନ କରାଯାଇଛି। କେମିତି ଭୁଲ ତଥ୍ୟ ପ୍ରଦାନ କରାଯାଇ ଅଂଶଧନ କ୍ରୟ ବିକ୍ରୟ କରାଯାଇଛି ସେ ବାବଦରେ ରିପୋର୍ଟରେ ଅନେକ ତଥ୍ୟ ପ୍ରଦାନ କରାଯାଇଛି। କେମିତି ଭାରତରୁ କଳାଧନ ବିଦେଶକୁ ପଠାଯାଇଥିଲା ଓ ପରବର୍ତ୍ତୀ ପର୍ଯ୍ୟାୟରେ ଏହି ଟଙ୍କା ଭାରତକୁ ଫେରି ଶେୟାର ବଜାରରେ ନିବେଶ କରାଯାଇଥିଲା ସେ ବାବଦରେ ବିସ୍ତୃତ ବିବରଣୀ ରିପୋର୍ଟରେ ରହିଛି।

ରିପୋର୍ଟ ପ୍ରକାଶ କରିଥିବା ସଂସ୍ଥା ଅର୍ଗାନାଇଜଡ୍ କ୍ରାଇମ୍ ଆଣ୍ଡ କରପସନ ସଂସ୍ଥା ପକ୍ଷରୁ କୁହାଯାଇଛି ଯେ ଆଦାନୀ ପରିବାର ସହ ନାସିର ଅଲ୍ଲୀ ଏବଂ ଚେଙ୍ଗ ଚୁଙ୍ଗଙ୍କର ସମ୍ପର୍କ ଦୀର୍ଘ ଦିନରୁ ରହିଥିଲା। ଏମାନେ ଆଦାନୀ ଗ୍ରୁପ୍‌ରେ ନିବେଶ କରିଥିଲେ। ଗୌତମ ଆଦାନୀଙ୍କ ଭାଇ ବିନୋଦ ଆଦାନୀଙ୍କ ସହ ନାସିର ଅଲ୍ଲୀ ଓ ଚେଙ୍ଗ ଚୁଙ୍ଗଙ୍କର ଘନିଷ୍ଠତା ଥିଲା ଏବଂ ବିନୋଦଙ୍କ କମ୍ପାନୀର ଏ ଦୁହେଁ ହେଉଛନ୍ତି ଅଂଶୀଦାର। ବିନୋଦଙ୍କ ପରାମର୍ଶ କ୍ରମେ ଏ ଦୁହେଁ ଆଦାନୀ ଗ୍ରୁପ୍‌ରେ ପୁଞ୍ଜି ନିବେଶ କରିଥିଲେ। ସେବି ସୁପ୍ରମ୍‌କୋର୍ଟଙ୍କ ଆଦେଶ ପରେ ଆଦାନୀ ଗ୍ରୁପ୍ ବିରୋଧରେ ହିଡେନ୍‌ବର୍ଗ ରିପୋର୍ଟ ଉପରେ ତଦନ୍ତ କରିଥିଲା ଓ ରିପୋର୍ଟ ସୁପ୍ରିମ୍‌କୋର୍ଟଙ୍କୁ ଦେଇଥିଲା। କିନ୍ତୁ ଟିକସ ଚୋରୀକୁ ପ୍ରୋତ୍ସାହିତ କରୁଥିବା ଦେଶ ମାନଙ୍କରୁ ଆସୁଥିବା ପୁଞ୍ଜି ବାବଦରେ ତଦନ୍ତ କରାଯିବା କଥା ହେଲେ ସେବି ଏ ବାବଦରେ ଅସମର୍ଥତା ପ୍ରଦର୍ଶନ କରିଥିଲା। ସେବି ପକ୍ଷରୁ ସୁପ୍ରିମ୍‌କୋର୍ଟଙ୍କୁ କୁହାଯାଇଥିଲା ଯେ ସବୁ ତଥ୍ୟ ଏକତ୍ରିତ କରିବା ସେହି ପକ୍ଷରୁ ସମ୍ଭବ ନୁହେଁ। ହିଡେନ୍‌ବର୍ଗ ରିପୋର୍ଟ ପରେ ଏବେ ପ୍ରକାଶ ପାଇଥିବା ଅର୍ଗାନାଇଜଡ୍ କ୍ରାଇମ୍ ଆଣ୍ଡ କରପୋରେସନ ରିପୋର୍ଟ ଆଦାନୀ ଗ୍ରୁପ୍ ପାଇଁ ଅସୁବିଧା ସୃଷ୍ଟି କରିବ ନିଶ୍ଚୟ। ଆଦାନୀ ଗ୍ରୁପ୍ ଭାରତରେ କରାଯାଉଥିବା ତାଙ୍କ ବିରୋଧରେ ତଦନ୍ତ ପ୍ରକ୍ରିୟାକୁ ପ୍ରଭାବିତ କରିପାରେ କିନ୍ତୁ ଆନ୍ତର୍ଜାତୀୟ ସ୍ତରରେ ତଦନ୍ତ ପ୍ରକ୍ରିୟାକୁ ପ୍ରଭାବିତ କରିପାରିବେ ନାହିଁ। ଆମେରିକା ଓ ଅନ୍ୟ ଦେଶ ମାନଙ୍କରେ ଏଭଳି ମାମଲାର ତଦନ୍ତ ସ୍ୱନନ୍ତ୍ର ସଂସ୍ଥା କରିଥାନ୍ତି। ସେସବୁ ଦେଶରେ ସରକାର ତଦନ୍ତ କାରୀ ସଂସ୍ଥା ଉପରେ ଚାପ ପ୍ରୟୋଗ କରନ୍ତିନି। ଆଦାନୀ ଗ୍ରୁପର ବ୍ୟବସାୟ ଏବଂ ନିବେଶ ବିଶ୍ୱର ଅନେକ ଦେଶରେ ରହିଥିବାବେଳେ ଅନେକ ଆନ୍ତର୍ଜାତୀୟ ସଂସ୍ଥାରୁ ଆଦାନୀ ଗ୍ରୁପ୍ ଋଣ ମଧ୍ୟ ଆଣିଛି। ଏଣୁ ତଦନ୍ତ ବେଳେ ଆଦାନୀ ଗ୍ରୁପ୍‌କୁ ସମସ୍ତ ତଥ୍ୟ ତଦନ୍ତକାରୀ ସଂସ୍ଥାକୁ ଦେବାକୁ ପଡିବ।

କୁହାଯାଉଛି ଯେ ବିଗତ କିଛି ବର୍ଷ ମଧ୍ୟରେ ଆଦାନୀ ଗ୍ରୁପ୍ ଅନେକ ଆର୍ଥିକ ଅନିୟମିତତା କରିଛି। ଆନ୍ତର୍ଜାତୀୟ ସ୍ତରରେ ନିଜକୁ ପ୍ରତିଷ୍ଠିତ କରାଇବା ପାଇଁ କରାଯାଇଥିବା ବେଆଇନ କାର୍ଯ୍ୟ ଏବେ ଆଦାନୀ ଗ୍ରୁପ୍ ପାଇଁ କାଳ ପାଲଟିବାକୁ ଯାଉଛି। ଅନେକ ଆର୍ଥିକ ବିଶେଷଜ୍ଞଙ୍କ ମତରେ ଅର୍ଗାନାଇଜଡ୍ କ୍ରାଇମ୍ ଆଣ୍ଡ କରପୋରେସନ ସଂସ୍ଥାର ରିପୋର୍ଟ ପ୍ରକାଶ ପାଇବା ପରେ ପୁି ନିବେଶକ ତଥା ଅନେକ ବ୍ୟାଙ୍କ ଓ ଜୀବନ ବୀମା ନିଗମ ଭଳି ସଂସ୍ଥାମାନେ ପ୍ରଭାବିତ ହେବେ। ଭାରତୀୟ ଜୀବନ ବୀମା ନିଗମ ଓ ଅନେକ ବ୍ୟାଙ୍କ ଆଦାନୀ ଗ୍ରୁପ୍‌ରେ ବ୍ୟାପକ ଅର୍ଥ ନିବେଶ କରିଛନ୍ତି। ଯଦି ପ୍ରକାଶିତ ଏହି ରିପୋର୍ଟ ସତ୍ୟ ହୋଇଥାଏ ତେବେ ଭାରତର ଅର୍ଥ ବ୍ୟବସ୍ଥା ଏଥିପାଇଁ ପ୍ରଭାବିତ ହେବ ନିଶ୍ଚୟ।



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଉତ୍ତରପ୍ରଦେଶରୁ ନିଖୋଜ ଯୁବକ ପାରାଦୀପରୁ ଉଦ୍ଧାର

ପାରାଦୀପ, (ମହାଭାରତ) : ମାସେତଳେ ହଜି ଯାଇଥିବା ପୁଅ ଆଜି ଘରକୁ ଫେରୁଛି, ଘରେ ଖେଳିଯାଇଛି ଖୁସି ର ଲହରୀ, ସୁଦୂର ଉତ୍ତରପ୍ରଦେଶରୁ ନିଖୋଜ ହୋଇଯାଇଥିବା ଯୁବକକୁ ପାରାଦୀପରୁ ଉଦ୍ଧାର କରିଛନ୍ତି ପରିବାର ଲୋକ । ଏହି ଖବର ପାଇବା ପରେ ଉତ୍ତରପ୍ରଦେଶରେ ପରିବାର ସଦସ୍ୟ ମାନେ ଖୁସିରେ ଆତ୍ମହରା ହୋଇଯାଇଥିବା ନେଇ କହିଛନ୍ତି । ପାରାଦୀପରୁ ମୁନଲାଲକୁ ଉଦ୍ଧାର କରିଥିବା ପରିବାର ଆତ୍ମୀୟ ସ୍ୱଜନ, ଘର ଲୋକଙ୍କୁ ଭିଡିଓ କଲ ଜଣାଇଛନ୍ତି ।

## କ୍ୟାଡେଟ ଜୁନିଅର ଓ ସବ-ଜୁନିଅର ରାଜ୍ୟ କରାଟେ ଚମ୍ପିୟନସିପ ରେ ଜଗତସିଂହପୁର ଜିଲ୍ଲାର ସଫଳତା



ଜଗତସିଂହପୁର/ପାରାଦୀପ, (ମହାଭାରତ) : ୩୭ତମ କ୍ୟାଡେଟ ଜୁନିଅର ଓ ୩୮ତମ ସବ-ଜୁନିଅର ରାଜ୍ୟ ସ୍ତରୀୟ କରାଟେ ଚମ୍ପିୟନସିପ ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲ ଠାରେ ଗତ ଏପ୍ରିଲ ୨୪ ରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟର ସମସ୍ତ ଜିଲ୍ଲାର ଖେଳାଳି ମାନେ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତାରେ ଜଗତସିଂହପୁର ଜିଲ୍ଲା ମୋଟ ୬ ଟି ପଦକ ହାସଲ କରି କୃତିତ୍ୱ ବଜାୟ ରଖିଥିଲା । କୋଚ କାହ୍ନୁ ଚରଣ ମଲ୍ଲିକ ଦ୍ୱାରା ପ୍ରଶିକ୍ଷିତ ଅରମାନ ସ୍ୱାଇଁ ରୌପ୍ୟ, ଆତିଥ୍ୟା ମିଶ୍ର ରୌପ୍ୟ, ଶୁଭଲକ୍ଷ୍ମୀ ମହାପାତ୍ର ବ୍ରୋଞ୍ଜ, ଭୀଷ୍ମରାଜ ନନ୍ଦୀ ବ୍ରୋଞ୍ଜ, ଶ୍ରୀତମ ସାହୁ ବ୍ରୋଞ୍ଜ, କିମାୟା ଭୂଷତା ବ୍ରୋଞ୍ଜ ପଦକ ହାସଲ କରି ସଫଳତା ଅର୍ଜନ କରିଥିଲେ । କୃତି ଛାତ୍ରଛାତ୍ରୀ ମାନଙ୍କୁ ଉତ୍କଳ କରାଟେ ସ୍କୁଲର ସଭାପତି ଡ଼. ହରି ପ୍ରସାଦ ପଟ୍ଟନାୟକ ପଦକ ଓ ମାନପତ୍ର ପ୍ରଦାନ କରିଥିଲେ ।

## ପୋଖରୀରେ ବୁଡି ଯୁବକ ମୃତ

କୃଷ୍ଣପ୍ରସାଦ, (ମହାଭାରତ ) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ବଡଝାଡ ଗ୍ରାମ ପଞ୍ଚାୟତ ଗୋବରଧୂଳି ଗ୍ରାମରେ ଜଣେ ଯୁବକ ପାଣିରେ ବୁଡି ମୃତ୍ୟୁ ହୋଇଥିବା ଜଣାଯାଇଛି । ସୂଚନା ମୁତାବକ ଗୋବରଧୂଳି ଖଳା ପୋଖରୀରେ ଗାଧେଇବାକୁ ଯାଇ ଯୁବକ ଜଣକ ବହୁ ସମୟ ଧରି ଘରକୁ ଫେରି ନ ଥିଲେ । ଦୀର୍ଘ ସମୟ ଆଉ ନ ଫେରିବାରୁ ପରିବାର ଲୋକ ମାନେ ଖୋଜା ଖୋଜି କରିଥିଲେ । ଉକ୍ତ ଘଟଣା ପ୍ରଘଟ ହେବା ପରେ ଗ୍ରାମର ଯୁବକ ମନେ ଖୋଜାଖୋଜି କରି ନିରାଶ ହୋଇଥିଲେ । ଶେଷରେ ସନ୍ଦେହ କରି ପୋଲିସ ଏବଂ ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ । ଅଗ୍ନିଶମ ବିଭାଗ ଉକ୍ତ ପୋଖରୀ ରୁ ମୃତ ଯୁବକ କୁ ଉଦ୍ଧାର କରିଥିଲେ । ମୃତ ଯୁବକ ହେଉଛନ୍ତି ଗୋଲଖ ପାହାନ ଙ୍କ ପୁଅ ବାଦଲ ପାହାନ । ଉକ୍ତ ଖବର ପାଇ ଗ୍ରାମରେ ଶୋକର ଛାୟା ଖେଳି ଯାଇଛି । ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ କୁ ଜବତ କରିଛି ।

## ଏରସମା ବ୍ଲକରେ ଜିଲ୍ଲାପାଳଙ୍କ ବ୍ୟବହାରକୁ କଂଗ୍ରେସ ପକ୍ଷରୁ ଦୃଢ଼ ନିନ୍ଦା

ଏରସମା, (ମହାଭାରତ) : ଗତକାଲି ଏରସମା ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଚାଲୁଥିବା ସମୟରେ ଗଡ଼ବିଶୁନପୁର ଗ୍ରାମପଞ୍ଚାୟତର ୧୨ନମ୍ବର ୱାର୍ଡର ୱାର୍ଡସଭ୍ୟ ଶ୍ରୀମତୀ ପ୍ରତିମା ଭୌମିକଙ୍କ ନେତୃତ୍ୱରେ କିଛି ମହିଳା ପାନୀୟ ଜଳର ଅଭାବ ଓ ତୁରନ୍ତ ପାନୀୟ ଜଳ ଯୋଗାଇଦେବା ଦାବୀ ନେଇ ବ୍ଲକ ସମ୍ମୁଖରେ ଧାରଣାରେ ବସିଥିଲେ । ପରବର୍ତ୍ତୀ ଅବସ୍ଥାରେ ଜିଲ୍ଲାପାଳ ପ୍ରତିମାଙ୍କ ସମେତ ୪ଜଣଙ୍କୁ ଭେଟିବା ପାଇଁ ଅନୁମତି ଦେଇଥିଲେ କିନ୍ତୁ ଜିଲ୍ଲାପାଳ ମହୋଦୟ ମହିଳାମାନଙ୍କ ଅଭିଯୋଗ ଶୁଣିବା ପରିବର୍ତ୍ତେ ସେମାନଙ୍କୁ କୁକୁର ମାଙ୍କଡ଼ ଭଳି ବ୍ୟବହାର କରିଥିଲେ । ସବୁଠାରୁ ଦୁଖଦଃ ବିଷୟ ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଧରିତ୍ରୀ ଖବର କାଗଜର ଏରସମା ସାମ୍ବାଦିକ ଶ୍ରୀଯୁକ୍ତ ଦୀପ୍ତି ରଞ୍ଜନ ଖଣ୍ଡୁଆଲଙ୍କୁ ମଧ୍ୟ ଅସଭ୍ୟ ବ୍ୟବହାର କରିବା ସହିତ ତାଙ୍କ କ୍ୟାମେରା ନେଇ ଫଟୋ ଓ ଭିଡିଓ ଡିଲିଟ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ । ପୋଲିସ ମଧ୍ୟ ସାମ୍ବାଦିକ ଦିପ୍ତୀଙ୍କୁ ଅପରାଧୀଙ୍କ ଭଳି ବ୍ୟବହାର କରିବା ସହିତ ତାଙ୍କ କ୍ୟାମେରା ଛଡେଇ ନେଇ ଫଟୋ ଓ ଭିଡ଼ିଓ ଡିଲିଟ କରିଦେଇଥିଲେ । ଏହି ଘଟଣାକୁ ଜାତୀୟ କଂଗ୍ରେସ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି । ଜିଲ୍ଲା କଂଗ୍ରେସ ଉପସଭାପତି ବଲ୍ଲଭାନନ୍ଦ ସ୍ୱାଇଁ, ମୁଖପାତ୍ର ଅଭିଜିତ ସାହୁ, ପୂର୍ବତନ ବ୍ଲକ ଅଧକ୍ଷ ଦ୍ୱିଜବର ଦାସ, ପୂର୍ବତନ ବ୍ଲକ ସଭାପତି ନିତ୍ୟାନନ୍ଦ ଦାସ ପ୍ରମୁଖ ଜିଲ୍ଲାପାଳ ଓ ଜିଲ୍ଲା ପ୍ରଶାସନର ଏତାଦୃଶ ବ୍ୟବହାରକୁ ନାପସନ୍ଦ କରିବା ସହିତ ଆମେ ଗଣତନ୍ତ୍ରରେ ବସବାସ କରୁଛୁ, ରାଜତନ୍ତ୍ରରେ ନୁହେଁ ଓ କଂଗ୍ରେସ ସାଧାରଣ ଲୋକଙ୍କ ବାକ ସ୍ୱାଧୀନତା ଓ ପ୍ରତିବାଦ କରିବାର ଅଧିକାରର ସୁରକ୍ଷା ସହିତ କୌଣସି ସାଲିସ କରିବ ନାହିଁ ବୋଲି କହିଛନ୍ତି । ଏରସମା ମାଟି ଅତ୍ୟନ୍ତ ରାଜନୈତିକ ସଚେତନ ମାଟି । ଯଦି ଜନସାଧାରଣ ଓ ସାମ୍ବାଦିକଙ୍କ ପ୍ରତି ଜିଲ୍ଲାପାଳଙ୍କ ଆଚରଣ ଓ ଉଚ୍ଚାରଣରେ ପରିବର୍ତ୍ତନ ନ ଘଟେ ଜିଲ୍ଲାପାଳଙ୍କୁ ଏରସମାରେ ଜୋରଦାର ବିରୋଧ କରାଯିବ ବୋଲି ଜିଲ୍ଲା କଂଗ୍ରେସ ମୁଖପାତ୍ର ଅଭିଜିତ ସାହୁ ଚେତାବନୀ ଦେଇଛନ୍ତି ।

## ବିକାଶ ପଥେ ଦଶପଲ୍ଲା

ଦଶପଲ୍ଲା,(ମହାଭାରତ): ବିଗତ ସରକାରଙ୍କ ସମୟ ରେ ଦଶପଲ୍ଲା ଏନ ଏ ସି ଏବଂ ବ୍ଲକର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ଦଶପଲ୍ଲା ବିକାଶ ନିମନ୍ତେ କରାଯାଇଥିଲା ।ସେଥି ମଧ୍ୟରୁ କେତେକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଅନେକ ଅଧାପନ୍ତରିଆ ଭାବେ ପଡ଼ିରହିଛି । ଅନ୍ୟ ପକ୍ଷରେ ମଧଖଣ୍ଡ ଡାକ୍ତରଖାନାର ନୂତନ ଗୃହ ପାଇଁ ୧୭ କୋଟି ମଞ୍ଜୁରୀ ହୋଇଥିବା ବେଳେ ତାହା ମଧ୍ୟ ଅନିଶ୍ଚିତତା ମଧ୍ୟରେ ଗତି କରୁଛି । ଦଶପଲ୍ଲା ଡାକ୍ତରଖାନା ର ନୂତନ ଗୃହ (ମାତୃ ଓ ଶିଶୁ କଲ୍ୟାଣ ଗୃହ )ସମ୍ପୂର୍ଣ୍ଣ ହୋଇ ମଧ୍ୟ ଉଦଘାଟନ ହୋଇପାରୁନଥିବା ବେଳେ ତାହାର ସିଲିଂ ଖସିବା ଆରମ୍ଭ ହେଲାଣି ।ଡାକ୍ତରଖାନା ରେ ଡାକ୍ତର ଙ୍କ ଅଭାବ ଦେଖାଦେଲାଣି ତଥା ରୋଗୀ ଙ୍କୁ ବାହାରକୁ ରେଫର କରାଯାଉଛି ।ଦଶପଲ୍ଲା ବ୍ଲକ ର ଅନ୍ୟ ଡାକ୍ତରଖାନା ରେ ଡାକ୍ତର ନ ରହିବା ଓ ଅନ୍ୟ କେଉଁ ଜାଗାରେ ଡାକ୍ତର ପାଳି କରି ରୋଗୀ ଦେଖିବା ମଧ୍ୟ ଶୁଣାଯାଉଛି । ଟ୍ରମା କେୟାର ସେଣ୍ଟର ମଧ୍ୟ ସ୍ୱପ୍ନ ରେ ରହିଗଲାଣି । ଶବ ବ୍ୟବଚ୍ଛେଦ ଗୃହ ଟିଏ ମଧ୍ୟ ବିଗତ ଦିନରେ ଦାବୀ ହୋଇଥିଲେ ମଧ୍ୟ ଫଳ ଶୂନ । ଆଦର୍ଶ ବିଦ୍ୟାଳୟ ର ଛାତ୍ରୀ ନିବାସ ନିର୍ମାଣ ସରିଥିଲେ ମଧ୍ୟ ନାଁ ଉଦଘାଟନ ହେଉଛି ନାଁ ଛାତ୍ରୀ ମାନଙ୍କ ରହିବା ସ୍ଥିରୀକୃତ ହେଉଛି । ଦଶପଲ୍ଲା ରେ ଛତୁ ଫୁଟିବା ଭଳି କୋଚିଂ ସେଣ୍ଟର ତଥା ପ୍ରାଇଭେଟ ସ୍କୁଲ ଗଢି ଉଠିଥିବା ବେଳେ ଅଭିଭାବକ ଙ୍କୁ ଶୋଷଣ କରାଯାଉଥିବା ଶୁଣାଯାଉଛି । ଅଧିକାଂଶ ବିଦ୍ୟାଳୟ ରେ ଯଦିଓ ତାଲିମ ପ୍ରାପ୍ତ ଶିକ୍ଷକ ରହିବା ପାଇଁ ନିୟମ ଥିବା ବେଳେ ଏଠି କିନ୍ତୁ କାଗଜ କଲମରେ ସଠିକ ଦର୍ଶାଇ ସବୁ ଠିକ ଚାଲିଛି ।ଏଥିପାଇଁ ଶିକ୍ଷା ବିଭାଗ ଅଧିକାରୀ ଙ୍କ କାର୍ଯ୍ୟାନୁଷ୍ଠାନ ଶୂନ । ଦଶପଲ୍ଲା ବାଇପାସ ରୋଡ଼ କାମ ମଧ୍ୟ ଧିମା ଗତିରେ ଚାଲିଛି ଯଦ୍ୱାରା ଟ୍ରାଫିକ ଅବସ୍ଥା ଶୋଚନୀୟ ହୋଇପଡୁଛି । ଆନ୍ତରିକତା ର ଅଭାବ କିମ୍ବା ରାଜନୈତିକ ବୟନବାଜୀ ପାଇଁ ଦଶପଲ୍ଲା ଜନସାଧାରଣ ଆଜି ଭକୁଆ ଭଳି ଚାହିଁ ରହିଛନ୍ତି । ଦେଖାଯାଉ ଦଶପଲ୍ଲା ର ସର୍ବାଙ୍ଗୀନ ଉନ୍ନତି ପାଇଁ ନୂତନ ସରକାର କି ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

## ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ



ପାରଳାଖେମୁଣ୍ଡି, (ମହାଭାରତ) : ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଆକାଂକ୍ଷା ମହିଳା ସଙ୍ଗଠନ ଓ ମହେନ୍ଦ୍ର ତନୟା ସାହିତ୍ୟ ସଂସଦ ପକ୍ଷରୁ ମିଳିତ ଭାବେ ଉତ୍କଳ ଗୌରବ ମଧୁସୂଦନ ଦାସ ଙ୍କ ଜୟନ୍ତୀ ତଥା ସ୍ୱାଭିମାନ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଅନୁଷ୍ଠାନର ସଭାପତି ଶ୍ରୀମତୀ ଆଶାଲତା ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା, ମୁଖ୍ୟ ବକ୍ତା ଭାବେ ସ୍ଥାନୀୟ ମହିଳା ସ୍ନାତକ ମହାବିଦ୍ୟାଳୟର ଅଧ୍ୟାପିକା ଡ଼ଃ କଲ୍ୟାଣୀ ମିଶ୍ର, ସମ୍ମାନିତ ଅତିଥି ଭାବେ ଆକାଂକ୍ଷା ମହିଳା ସଙ୍ଗଠନର ସମ୍ପାଦିକା ଡ. ମୀନା କୁମାରୀ ଟହଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନାଚାର୍ଯ୍ୟ ତଥା ମହେନ୍ଦ୍ର ତନୟା ସାହିତ୍ୟ ସଂସଦର ସମ୍ପାଦକ ଶ୍ରୀ ସରୋଜ କୁମାର ପଣ୍ଡା ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ କୁମୁଦିନୀ ଭୁକ୍ତା ପ୍ରମୁଖ ଭାରତମାତାଙ୍କ ସମ୍ମୁଖରେ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । ଅତିଥିମାନେ ମଧୁବାବୁଙ୍କର ସ୍ମୃତି ଚାରଣ କରିବା ସହ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଅବଦାନ, ମହିଳା ସଶକ୍ତିକରଣ, ଆଇନରେ ପାରଦର୍ଶିତା ଏବଂ ଅନେକ ଉଲ୍ଲେଖନୀୟ ଅବଦାନ ବିଷୟରେ ଆଲୋକପାତ କରିଥିଲେ । ଅତିଥି ମାନେ ପାରଳା ସହରର ବିଭିନ୍ନ ସ୍ଥାନରେ ମହାପୁରୁଷ ମାନଙ୍କର ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ପ୍ରଶାସନର ଦୃଷ୍ଟି ଆକର୍ଷଣ ନିମନ୍ତେ ଅନୁରୋଧ କରିଥିଲେ ।ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀ ମନୋଜ କୁମାର ପଣ୍ଡା ଅତିଥିମାନଙ୍କୁ ମଞ୍ଚକୁ ଆବାହନ କରିଥିବା ବେଳେ ଶ୍ରୀ ରାଜେନ୍ଦ୍ର କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କାର୍ଯ୍ୟକ୍ରମ ପରିଚାଳନାରେ ଶିଶୁ ବିଦ୍ୟାମନ୍ଦିରର ଗୁରୁମା ଶ୍ରୀମତୀ ପ୍ରେମାଞ୍ଜଳୀ ପଣ୍ଡା, ଡ. ସ୍ୱର୍ଣ୍ଣପ୍ରଭା ପାଠୀ, ଶ୍ରୀମତୀ ସ୍ନିଗ୍ଧା ମିଶ୍ର, ଅଧ୍ୟାପିକା ଅଞ୍ଜନା ପଟ୍ଟନାୟକ, ସୁଶ୍ରୀ ସ୍ନେହା ବେହେରା, ଶ୍ରୀ ମନୋଜ କୁମାର ପଟ୍ଟନାୟକ, ଶ୍ରୀ ଗୌରହରି କରସୁଧା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ନିଜ ନିଜର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଶିଶୁମନ୍ଦିର ଗୁରୁଜୀ ଶ୍ରୀ ଦୁର୍ଗାପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ମାନେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ ।

## ଗେଟ ଭାଙ୍ଗି କାର ଦୁର୍ଘଟଣାଗ୍ରସ୍ତ ଅଳ୍ପକେ ବର୍ତ୍ତିଲେ ଚାଳକ



ହିନ୍ଦୋଳ, (ମହାଭାରତ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନମଣ୍ଡଳୀ ହିନ୍ଦୋଳବ୍ଲକ କ୍ୱାଟର ଭିତରେ ଗେଟଭାଙ୍ଗି କାର ଦୁର୍ଘଟଣାଗ୍ରସ୍ତ ହେବା ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି । ଖବରରୁ ପ୍ରକାଶ ଆଜି ଦିବା ୧୨ଘ ସମୟରେ ଓଡି ୦୨ଏ ୱାଇ ୦୬୨୬ନଂ ବିଶିଷ୍ଟ ଡ଼ିଜେୟାର କାର ଆଖି ପିଛୁଳାକେ ଆସି ହିନ୍ଦୋଳ ବ୍ଲକ ଷ୍ଟାଫ କ୍ୱାଟର ଯେଉଁଠାରେ ଖୋଦ ବ୍ଲକ ଚେୟାରମ୍ୟାନ ମଧ ରୁହନ୍ତି ଗେଟଭାଙ୍ଗି ସିଧା ଯାଇ କ୍ୱାଟର କାନ୍ଥରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଗେଟଭାଙ୍ଗି ବଙ୍କା ହୋଇଯାଇଥିବାବେଳେ କାରର ଡାହାଣପାର୍ଶ୍ୱ ଓ ସାମ୍ନା ଭାଙ୍ଗି ଚୁରମାର ହୋଇଯାଇ କାରର କିଛି ଅଂଶ ଇତତଃସ୍ତ ହୋଇପଡିଥିବା ସହ ସେଫଟି ବାଲୁନ ବାହାରି ପଡ଼ିଥିବା ଦେଖିବାକୁ ମିଳିଛି । ତେବେ ସୌଭାଗ୍ୟର କଥା କାର ଚାଳକ କିମ୍ବା ସେଠାରେ ନଥିବାରୁ ଅନ୍ୟ କାହାର କିଛି କ୍ଷତି ହୋଇନଥିବା ଜଣାପଡିଛି । ତେବେ ସୂତ୍ରରୁ ପ୍ରକାଶ ହିନ୍ଦୋଳ ବ୍ଲକର କାର୍ଯ୍ୟରତ ଜୈନିକ ପିଇଓ ଅନ୍ତର୍ଯ୍ୟାମୀ ଗୋଛାୟତ ବାବୁଙ୍କ ଏହି କାର ଜୈନିକ (ଏଡିଇଓ)ଜିଆରଏସ ପାର୍ଥସାରଥୀ ନାୟକ ବାବୁ ପ୍ରଚୁର ମଧପାନ କରି ଏହି କାର ଚଳାଇ ଭାରସାମ୍ୟ ହରାଇ ଗେଟ ଭାଙ୍ଗି ଦୁର୍ଘଟଣା ଘଟାଇଥିଲେ ଏବଂ ଦୁର୍ଘଟଣା ସାଙ୍ଗେ ସେଠାରୁ ପଳାୟନ କରିଥିଲେ । ତେବେ ଘଟଣାର ତଦନ୍ତ କରାଯାଇ ଗାଡି ଜବତ କରିବାସହ ଗାଡି ମାଲିକଙ୍କୁ ଓ ଚାଳକଙ୍କୁ ଗିରଫ କରାଯିବା ପାଇଁ ହିନ୍ଦୋଳ ବାସି ଦାବି କରିଛନ୍ତି । ତେବେ ଖବର ଲେଖା ହେବାବେଳକୁ ହିନ୍ଦୋଳ ଥାନାରେ କୌଣସି ମାମଲା ରୁଜୁ ହୋଇନଥିବା ବେଳେ ଦୁର୍ଘଟଣାଗ୍ରସ୍ତ କାରଟି ଘଟଣା ସ୍ଥଳରେ ପଡି ରହିଥିବା ଦେଖାଯାଇଛି ।

## ଗୋ ବଂଶ ସୁରକ୍ଷା ପାଇଁ ଦାବୀ ପତ୍ର

ଗଣିଆ, (ମହାଭାରତ): ଆଜି ଯୁବ ଭାରତ ଆସୋସିଏସନ୍ ଓ ଗୋପୁତ୍ର ପରିବାର ର ମିଳିତ ଉଦ୍ୟମରେ ଗୋବଂଶ ର ସୁରକ୍ଷା ଆଜି ଯୁବ ଭାରତ ଆସୋସିଏସନ୍ ଓ ଗୋପୁତ୍ର ପରିବାର ର ମିଳିତ ଉଦ୍ୟମରେ ଗୋବଂଶ ର ସୁରକ୍ଷା ପାଇଁ ଗୋମାତା କୁ ରାଷ୍ଟ୍ରମାତା ଘୋଷଣକରିବା ନିମନ୍ତେ ମାନନୀୟ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କ ନିକଟରେ ଦାବି ରଖିବା ପାଇଁ ଗଣିଆ ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ଗୋଛି ଙ୍କ ନିକଟରେ ଗୋ-ସମ୍ମାନ ଆହ୍ୱାନ ଅଭିଯାନ ଅଧୀନରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହାସହିତ ଗଣିଆ ଅଞ୍ଚଳ ରେ ଗୋଚାଲାଣ ରୁ ଉଦ୍ଧାର ହେଉଥିବା ଗୋବଂଶ ର ସୁରକ୍ଷା ଓ ଥଇଥାନ ନିମନ୍ତେ ଏକ ଗୋଶାଳା ପ୍ରତିଷ୍ଠା କରିବା ପାଇଁ



ଅତିରିକ୍ତ ତହସିଲଦାର ଙ୍କ ସହଯୋଗ କାମନା ସହ ଆଗାମୀ ସମୟରେ ସରକାରଙ୍କ ନିକଟରେ ଗୋସୁରକ୍ଷା ଆଇନ ଆଣିବା ସମ୍ବନ୍ଧ ରେ ଆଲୋଚନା ମଧ୍ୟ କରାଗଲା । ଏହି ଦାବି ପତ୍ର ପ୍ରଦାନ ଅଭିଯାନ ରେ ଗୋପୁତ୍ର ପରିବାର ର ଗୋପୁତ୍ର ଗଣ ତଥା ସୌମ୍ୟରଞ୍ଜନ ସାହୁ, ଦିପ୍ତିରଞ୍ଜନ ରଣା, ସ୍ମିତିରଞ୍ଜନ ସାହୁ, ବଳରାମ ସାହୁ, ସୁରେଶ କୁମାର ବେହେରା, ଅଭିଜିତ୍ ମହାରଣା ଏବଂ ଯୁବ ଭାରତ ଆସୋସିଏସନ୍ ର ସଭାପତି ତନ୍ମୟ ରଞ୍ଜନ ସାହୁ , ସମ୍ପାଦକ ଶ୍ରୀମାନ ପ୍ରିୟବ୍ରତ ମିଶ୍ର, ସଦସ୍ୟ ପ୍ରିୟାଂଶୁ ଶେଖର ଲେଙ୍କା ଓ ସିଦ୍ଧାର୍ଥ ରଞ୍ଜନ ନାୟକ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ । ରାଜ୍ୟପାଳଙ୍କ ନିକଟରେ ଦାବି ରଖିବା ପାଇଁ ଗଣିଆ ଅତିରିକ୍ତ ତହସିଲଦାର ଙ୍କ ନିକଟରେ ଗୋ-ସମ୍ମାନ ଆହ୍ୱାନ ଅଭିଯାନ ଅଧୀନରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହାସହିତ ଗଣିଆ ଅଞ୍ଚଳ ରେ ଗୋଚାଲାଣ ରୁ ଉଦ୍ଧାର ହେଉଥିବା ଗୋବଂଶ ର ସୁରକ୍ଷା ଓ ଥଇଥାନ ନିମନ୍ତେ ଏକ ଗୋଶାଳା ପ୍ରତିଷ୍ଠା କରିବା ପାଇଁ ଅତିରିକ୍ତ ତହସିଲଦାର ଙ୍କ ସହଯୋଗ କାମନା ସହ ଆଗାମୀ ସମୟରେ ସରକାରଙ୍କ ନିକଟରେ ଗୋସୁରକ୍ଷା ଆଇନ ଆଣିବା ସମ୍ବନ୍ଧ ରେ ଆଲୋଚନା ମଧ୍ୟ କରାଗଲା । ଏହି ଦାବି ପତ୍ର ପ୍ରଦାନ ଅଭିଯାନ ରେ ଗୋପୁତ୍ର ପରିବାର ର ଗୋପୁତ୍ର ଗଣ ତଥା ସୌମ୍ୟରଞ୍ଜନ ସାହୁ, ଦିପ୍ତିରଞ୍ଜନ ରଣା, ସ୍ମିତିରଞ୍ଜନ ସାହୁ, ବଳରାମ ସାହୁ, ସୁରେଶ କୁମାର ବେହେରା, ଅଭିଜିତ୍ ମହାରଣା ଏବଂ ଯୁବ ଭାରତ ଆସୋସିଏସନ୍ ର ସଭାପତି ତନ୍ମୟ ରଞ୍ଜନ ସାହୁ , ସମ୍ପାଦକ ଶ୍ରୀମାନ ପ୍ରିୟବ୍ରତ ମିଶ୍ର, ସଦସ୍ୟ ପ୍ରିୟାଂଶୁ ଶେଖର ଲେଙ୍କା ଓ ସିଦ୍ଧାର୍ଥ ରଞ୍ଜନ ନାୟକ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ ।

## ସୁଧୁରୁଛି ଆଇନ ଶୃଙ୍ଖଳା ପରିସ୍ଥିତି କୃଷ୍ଣପ୍ରସାଦ ଥାନା ଅଧିକାରୀଙ୍କ କାର୍ଯ୍ୟ କଳାପକୁ ନେଇ ଚର୍ଚ୍ଚା



କୃଷ୍ଣପ୍ରସାଦ, (ମହାଭାରତ) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନାରେ ନୂତନ ଅଧିକାରୀ ଭାବେ ବିଚିତ୍ରାନନ୍ଦ ପ୍ରଧାନ ଯୋଗଦେବା ପର ଠାରୁ ସ୍ଥାନୀୟ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ସୁଧୁରିବାରେ ଲାଗିଛି । ଚୋରି, ରାହାଜାନି ଓ ନିଶାଖୋରଙ୍କ କାର୍ଯ୍ୟ କଳାପରେ ଏକ ରକମ ପୂର୍ଣ୍ଣଛେଦ ପଡ଼ିଥିବା ବେଳେ ଥାନା ଅଧିକାରୀଙ୍କ କାର୍ଯ୍ୟଶୈଳୀକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । କୃଷ୍ଣପ୍ରସାଦ ଥାନା ଅଧିନ ମାଲୁଦ ବଜାରରସୁନା ଦୋକାନ କର୍ମଚାରୀଙ୍କୁ ଗୁଳି ମାଡ଼ ମାମଲାର ପର୍ଦ୍ଦାଫାଶ କରି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୋଗରେ ୬ ଅଭିଯୁକ୍ତଙ୍କୁ କୃଷ୍ଣପ୍ରସାଦ ପୋଲିସ ଗିରଫ କରିବାରେ ସକ୍ଷମ ହୋଇଥିଲା । ଏହି ଘଟଣାରେ କୃଷ୍ଣପ୍ରସାଦ ଥାନା ଆଇଆଇସିଙ୍କ ଭୂମିକାକୁ ନେଇ ସାଧାରଣରେ ବେଶ ଚର୍ଚ୍ଚା ହୋଇଥିଲା । ଖାଲି ଏହି ଘଟଣା ନୁହେଁ ଦୀର୍ଘ ବର୍ଷ ଧରି ଅସାମାଜିକ କାର୍ଯ୍ୟ କଳାପରେ ଲିପ୍ତ ଥିବା ବ୍ୟକ୍ତି ବିଶେଷଙ୍କୁ ୱାରେଣ୍ଟ ବଳରେ ଗିରଫ କରିବା ରାତ୍ର କାଳୀନ ପ୍ରାଟ୍ରୋଲିଙ୍ଗ ବ୍ୟବସ୍ଥାକୁ କଡାକଡି କରିବାରେ ଥାନା ଅଧିକାରୀଙ୍କ ପ୍ରମୁଖ ଭୂମିକା ରହିଛି । ଥାନା ଅଧିକାରୀ ଗତ ୩ ମାସ ତଳେ ଏଠାରେ ଯୋଗଦେବା ପର ଠାରୁ କୃଷ୍ଣପ୍ରସାଦ ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରୁଥିବାରୁ ଅସାମାଜିକ ବ୍ୟକ୍ତିଙ୍କ ମନରେ ଭୟର ବାତାବରଣ ସୃଷ୍ଟି ହୋଇଛି । ମୋଟାମୋଟି ଭାବେ କୃଷ୍ଣପ୍ରସାଦ ଥାନା ଅଧିକାରୀଙ୍କ କାର୍ଯ୍ୟଶୈଳୀ ଓ କାର୍ଯ୍ୟ ଦକ୍ଷତାକୁ ନେଇ ବୁଦ୍ଧିଜୀବୀ ମହଲରୁ ପ୍ରଶଂସାର ସୁଅ ଛୁଟିଥିବା ବେଳେ ଏବେ ଛକ ବଜାର ସବୁଠି ଥାନା ଅଧିକାରୀଙ୍କୁ ନେଇ ଚର୍ଚ୍ଚା ଜୋର ଧରିଥିବା ଜଣାପଡିଛି । ଦୀର୍ଘ ବର୍ଷ ପରେ ଜଣେ ଥାନା ଅଧିକାରୀଙ୍କ ପାଇଁ ଅଞ୍ଚଳବାସୀ ବେଶ ଆନନ୍ଦ ଅନୁଭବ କରିଛନ୍ତି ।

## ଯୁକ୍ତ ୨ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ପାଇଁ ମାଗଣା ଗ୍ରୀଷ୍ମକାଳୀନ କୋଚିଂ ଆରମ୍ଭ




ମାଲକାନଗିରି,(ମହାଭାରତ) : ମାଲକାନଗିରି ଜିଲ୍ଲାର ମେଧାବୀ ଛାତ୍ରଛାତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଅଭିନବ ପ୍ରୟାସ କରାଯାଇଛି । ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ମାର୍ଗଦର୍ଶନରେ +୨ ବିଜ୍ଞାନ ଆଶାୟୀଙ୍କ ପାଇଁ ଗ୍ରୀଷ୍ମକାଳୀନ ପାଠ୍ୟକ୍ରମ ନାମକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନଙ୍କ ନେତୃତ୍ୱରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ପ୍ରସାଦ ବେହେରା, ସରକାରୀ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ମାଲକାନଗିରି ଯୁକ୍ତ ଦୁଇ ବିଜ୍ଞାନ କଲେଜର ଅଧକ୍ଷ ଓ ପ୍ରଧାନଶିକ୍ଷକଙ୍କୁ ନେଇ ଏକ ଟିମ୍ ଦ୍ୱାରା ଏହା ପରିଚାଳିତ ହେଉଛି । ଏହି ପାଠ୍ୟକ୍ରମ ୫ ଏପ୍ରିଲ ୨୦୨୬ ରୁ ଆରମ୍ଭ ହୋଇଛି । ଏଚଏସଇ ପରୀକ୍ଷା ଦେଇଥିବା ବିଭିନ୍ନ ହାଇସ୍କୁଲର +୨ ବିଜ୍ଞାନ ଆଶାୟୀ ଛାତ୍ରଛାତ୍ରୀମାନଙ୍କୁ ଏଥିପାଇଁ ନିମନ୍ତ୍ରଣ କରାଯାଇଥିଲା । ଆଗାମୀ ନିଟ୍ ଏବଂ ଜେଇଇ ପରୀକ୍ଷାରେ ଅଂଶଗ୍ରହଣ କରିବା ପାଇଁ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି କରିବାକୁ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଏହି ସମନ୍ୱିତ ଗ୍ରୀଷ୍ମକାଳୀନ ପାଠ୍ୟକ୍ରମରେ କୋଚିଂ ନେଉଛନ୍ତି । ଏଠାରେ ଛାତ୍ରଛାତ୍ରୀମାନଙ୍କୁ ଆଗୁଆ +୨ ବିଜ୍ଞାନ ପାଠ୍ୟକ୍ରମ ପଢାଯିବା ସହ ନିଟ୍ ଏବଂ ଜେଇଇ ସମ୍ବନ୍ଧୀୟ ସମସ୍ୟା ଓ ପ୍ରଶ୍ନର ସମାଧାନ କରାଯାଉଛି ।ମାଲକାନଗିରି ଏକ ଆଦିବାସୀ ବହୁଳ ଜିଲ୍ଲା ହୋଇଥିବାରୁ ଏଠାକାର ଅଧିକାଂଶ ଅଭିଭାବକ ଚାଷୀ ଏବଂ ସେମାନଙ୍କ ପିଲାମାନେ ପ୍ରତିଭାବାନ ହୋଇଥିଲେ ମଧ୍ୟ ବ୍ୟୟବହୁଳ ଘରୋଇ କଲେଜରେ ପଢିବାରୁ ବଞ୍ଚିତ ହୁଅନ୍ତି । ସେହିପରି ବ୍ରହ୍ମପୁର, କଟକ, ଭୁବନେଶ୍ୱର, ରାଉରକେଲା ଭଳି ବଡ଼ ସହରରେ ପିଲାମାନଙ୍କୁ ପଢାଇବା ସେମାନଙ୍କ ପାଇଁ କଷ୍ଟକର ହୋଇଥାଏ । ଫଳରେ ସେମାନଙ୍କ ପିଲାଙ୍କ ଡାକ୍ତର, ଇଞ୍ଜିନିୟର କିମ୍ବା ବିଜ୍ଞାନ କ୍ଷେତ୍ରରେ କ୍ୟାରିୟର କରିବା, ବୈଜ୍ଞାନିକ ହେବାର ସ୍ୱପ୍ନ ଅଧୁରା ରହିଯାଏ । ଏପର୍ଯ୍ୟନ୍ତ ବହୁତ କମ୍ ସଂଖ୍ୟକ ଛାତ୍ରଛାତ୍ରୀ ନିଟ୍ ଓ ଜେଇଇ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ପୂରଣ ପାଇଁ ଏହି ପଦକ୍ଷେପ ନେଇଛି । ପୋଷ୍ଟ ମାଟ୍ରିକ ସ୍କଲାରସିପ ଅଧୀନରେ ଥିବା ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ବିଷୟରେ ମଧ୍ୟ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଯାଉଛି, ଯେଉଁଠାରେ ସେମାନେ ନିଜ ପିତାମାତାଙ୍କ ଉପରେ ଆର୍ଥିକ ବୋଝ ନଦେଇ ସରକାରୀ ସହାୟତାରେ ଚିକିତ୍ସା ବିଜ୍ଞାନ, ଇଞ୍ଜିନିୟରିଂ ଏବଂ ଉଚ୍ଚ ବିଜ୍ଞାନ କ୍ଷେତ୍ରରେ ଉଚ୍ଚଶିକ୍ଷା ଗ୍ରହଣ କରିପାରିବେ ।ଅଭିଜ୍ଞ ଶିକ୍ଷକ ଓ ଅଧ୍ୟାପକମାନେ କୌଣସି ପାରିଶ୍ରମିକ ବିନା ଏହି ଶିକ୍ଷାଦାନ କରୁଛନ୍ତି ।ଶ୍ରୀ ପଦ୍ମନାଭ , ଅଶୋକ କୁମାର ସ୍ୱର୍ଣ୍ଣକାର, ନଳିନୀ ପାତ୍ର, ସରୋଜିନୀ ସାହୁ ଏବଂ ସେମାନଙ୍କ ଟିମ୍ ଭଳି ଅଧକ୍ଷମାନଙ୍କ ପାଇଁ ଜିଲ୍ଲା ପ୍ରଶାସନ ଅତ୍ୟନ୍ତ କୃତଜ୍ଞ । ଅଭିଭାବକମାନେ ଜିଲ୍ଲା ପ୍ରଶାସନର ଏହି ପଦକ୍ଷେପକୁ ଉଚ୍ଚ ପ୍ରଶଂସା କରୁଛନ୍ତି ।ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ବିଭିନ୍ନ ସରକାରୀ ବିଦ୍ୟାଳୟର ଅଧକ୍ଷମାନେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି ।

# ନୟାଗଡ଼ରେ ଯାତ୍ରୀବାହୀ ବସ ଓଲଟି ୨୦ ରୁ ଉର୍ଦ୍ଧ ଆହାତ

## ରାଜପଥରେ ବସ୍ ସଜାଡିବା ହେଲା କାଳ, ବସ କୁ ପଛ ପଟୁ ଧକ୍କା ଦେଲା ଟ୍ରକ

ନୟାଗଡ, ( ମହାଭାରତ ) : ନୟାଗଡ଼ରେ ଯାତ୍ରୀବାହୀ ବସ ଓଲଟି ୨୦ ରୁ ଉର୍ଦ୍ଧ ଆହାତ। ନୟାଗଡ ଖଣ୍ଡପଡ଼ା ରାସ୍ତାର ଖେଡପଡା ଗାଁ ନିକଟରେ ବସ ଓଲଟି ୨୦ ରୁ ଉର୍ଦ୍ଧ ଯାତ୍ରୀ ଆହତ ହୋଇଛନ୍ତି। ଆହତ ମାନଙ୍କୁ ସ୍ଥାନୀୟ ଲୋକ ମାନେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଓ ଦମକଳ ବାହିନୀ ମଧ୍ୟରେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଆହତ ମାନଙ୍କ ମଧ୍ୟରେ ୩ ଜଣ ଗୁରୁତର ହୋଇଛନ୍ତି। ଗୁରୁତର ଆହତ ମାନଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରୁ ଭୁବନେଶ୍ୱର ଏମ୍ସ କୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ ଭାପୁର ବ୍ଲକ ରାକମା ରୁ ଯାତ୍ରୀ ବାହୀ ବସ ଟି ସ୍ଥାନୀୟ ଅଞ୍ଚଳର ପାଖାପାଖି ୫୦ ଜଣ ଯାତ୍ରୀ ଙ୍କୁ ନେଇ ନୟାଗଡ଼ ଆସୁଥିବା ବେଳେ ଘରୋଇ ଯାତ୍ରୀ ବହି ବେବି ଆଣ୍ଡ ବେବି ନାମକ ବସ ଟି ବାଲୁଗାଁ ନିକଟ ଖେଡ଼ପଡ଼ା ନିକଟ ରେ ଭାରସ୍ୟାମ ହରାଇ ରାସ୍ତା ପାର୍ଶ୍ୱ କୁ ଓଲଟି ପଡ଼ିଲା। ବସ ରେ ଥିବା ୫୦ ରୁ ଅଧିକ ଯାତ୍ରୀ ଆହତ ହୋଇଥିବା ବେଳେ ୨୦ ରୁ ଅଧିକ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ବାସିନ୍ଦା ଙ୍କ ସହାୟତା ରେ ସମସ୍ତ ଯାତ୍ରୀ ଙ୍କୁ ଉଦ୍ଧାର କରାଯାଇଛି। ଆମ୍ବୁଲାନ୍ସ ଯୋଗେ ନୟାଗଡ଼ ଜିଲ୍ଲା ମୁଖ୍ୟ ହସ୍ପିଟାଲ କୁ ପଠା ଯାଇଛି।



ଦୁର୍ଘଟଣା ପରେ ଘଟଣା ସ୍ଥଳରୁ ଡ୍ରାଇଭର ଫେରାର ହେଇଯାଇଛି। ବସ ନିକଟ ରେ ଏକ ସାଇକେଲ ପଡିଥିବାରୁ ଅନୁମାନ କରାଯାଉଛି କି ସାଇକେଲ ଚାଳକ କୁ ବଞ୍ଚାଇବା କୁ ଯାଇ ବସ ଟି ଭାରସ୍ୟାମ ହରାଇ ଓଲଟି ପଡିଛି। କିନ୍ତୁ ବସ ରେ ବସିଥିବା ଯାତ୍ରୀ ଙ୍କ ଡ୍ରାଇଭର ଉପରେ କରିଛନ୍ତି ସଙ୍ଗିନୀ ଅଭିଯୋଗ। ଡ୍ରାଇଭର ଅତ୍ୟଧିକ ମଦ୍ୟପାନ କରିବା ସହ ଗାଡ଼ିରେ ବସିଥିବା ଏକ ମହିଳା ଙ୍କ ସହ କଥାବାର୍ତ୍ତା ହୋଇ ଅନ୍ୟମନସ୍କ ଭାବରେ ଗାଡି ଚଲାଉଥିଲେ। ଯାହାଦ୍ୱାରା ଏଭଳି ଦୁର୍ଘଟଣା ଘଟିଛି। ସେହିପରି ନୟାଗଡ଼ ଜାତୀୟ ରାଜପଥ ରାସ୍ତା ଉପରେ ଯାତ୍ରୀବାହି ବସ୍ ସଜାଡିବା ହେଲା କାଳ। ବସ କୁ ପଛ ପଟୁ ଧକ୍କା ଦେଲା ଟ୍ରକ। ମିସ୍ତ୍ରୀ ଓ ବସ ମାଲିକ ଗୁରୁତର। ନୟାଗଡ ତୁଳସିପୁର ଗାଁ ନିକଟରେ ଘଟିଛି ଏଭଳି ଅଭାବନୀୟ ସିରିଜ ଦୁର୍ଘଟଣା। ନୟାଗଡ ତୁଳସୀପୁର ଠାରେ ଥିବା ଏକ ଗ୍ୟାରେଜ ରେ ଫୁଲ ତୁଳସୀ ନାମକ ଏକ ଘରୋଇ ବସ ଏନ୍ ଏଚ୍ ୫୭ ରେ ରହି କାମ ହେଉଥିବା ବେଳେ ନୟାଗଡ଼ ରୁ ଦଶପଲ୍ଲା ଅଭିମୁଖେ ଯାଉଥିବା ଏକ ଆଇଚର ଟ୍ରକ ବସ ର ପଛପଟୁ ଧକ୍କା ଦେଇଥିଲା। ଫଳରେ ଏନ୍ ଏଚ୍ ୫୭ ଉପରେ କାମ ହେଉଥିବା ଆଗ ପଛ ହୋଇ ଛିଡ଼ା ହୋଇଥିବା ଦୁଇଟି ବସ ଭାରସାମ୍ୟ ହରାଇ ଏକ ଦୋକାନ ଘରକୁ ପଡ଼ିଯାଇଥିଲା। ଘଟଣା ସ୍ଥଳରେ ନୟାଗଡ଼ ଟାଉନ ଓ ସଦର ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଉଭୟ ଗାଡ଼ି କୁ ଜବତ କରିଛି।

# ପୋଷଣ ଭି ପଢାଇ ଭି ତାଲିମ ଶିବିର ଅନୁଷ୍ଠିତ



ନାରାୟଣପଟଣା (ମହାଭାରତ ): ଆଜି ନାରାୟଣ ପାଟଣା ଶିଶୁ ମହିଳା ବିକାଶ ସି ଡି ପି ଓ ଆନନ୍ଦିନୀ ମହାନ୍ତି ତତ୍ତ୍ୱାବଧାନ ରେ ବ୍ଲକ ସଭାଗୃହ ଠାରେ ଦ୍ୱିତୀୟ ପର୍ଯ୍ୟାୟ ପୋଷଣ ଭି ପଢାଇ ଭି ର ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ମୂଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଶ୍ରୀ ଗୋଲାଦି ତ୍ରିନାଥ,ସମ୍ମାନୀତ ଅତିଥି ଭାବେ ଡଃ ବିମଲ କୁମାର ବାଘ ସମେତ ସମସ୍ତ ସୁପରଭାଇଜର, ବୋରିଗି,ବାଲିପେଟା,ପୋଡାପଦରର କ୍ଲଷ୍ଟରର ସମସ୍ତ ଅଙ୍ଗନବାଡି କର୍ମୀ,ଉପସ୍ଥିତ ଥିଲେ ।ପୋଷଣ ଭି ପଢାଇ ଭି ଏହି କାର୍ଯ୍ୟକ୍ରମ ମୁଖ୍ୟ ପ୍ରସଙ୍ଗ ମା ଓ ଶିଶୁର ପୋଷଣ, ମସ୍ତିଷ୍କ ବିକାଶ ପାଇଁ ପ୍ରାରମ୍ଭିକ ଉତ୍ତେଜନା, ପ୍ରାରମ୍ଭିକ ବର୍ଷରେ ଖେଳ ଆଧାରିତ ଶିକ୍ଷା, ସ୍କ୍ରିନ୍ ସମୟ କମେଇବାରେ ଅଭିଭାବକ ଓ ସମୁଦାୟର ଭୂମିକା, ଏବଂ ଶକ୍ତିଶାଳୀ ଅଙ୍ଗନୱାଡି ସମୁଦାୟ ସମର୍ଥନ ଶିଶୁମାନଙ୍କ ମସ୍ତିଷ୍କ ବିକାଶ ଉପରେ ଗୁରୁତ୍ୱ ଦିଆଜୀବ ।

# କାଳବୈଶାଖି ବର୍ଷା ସହ କୁଆପଥର ମାଡ଼ରେ ଲଘୁ ଜଙ୍ଗଲଜାତ ଦ୍ରବ୍ୟ ନଷ୍ଟ: ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ପାଟଣାଗଡ ( ମହାଭାରତ ) ଗତ ୬ ତାରିଖ ସୋମବାର ଦିନ ବଲାଙ୍ଗୀର ଜିଲ୍ଲା ପାଟଣାଗଡ ଉପଖଣ୍ଡ ର ବିଭିନ୍ନ ଗାଁରେ କୁଆପଥର ମାଡରେ ବହୁତ କ୍ଷୟକ୍ଷତି ହୋଇଥିଲା । ଚାଷ ନଷ୍ଟ ହୋଇଥିବା ଜମି କୁ ସର୍ଭେ କରାଯାଇ କ୍ଷତିପୂରଣ ଦିଆ ଯାଇଥିବା ବେଳେ ଜଙ୍ଗଲଜାତ ଦ୍ରବ୍ୟ ର କୌଣସି ଆକଳନ କରା ଯାଇ ନାହି । ପ୍ରାକୃତିକ ଜଙ୍ଗଲ ରୁ ଲଘୁ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ପରିବାର ଚଳାଉଥିବା ପରିବାର ବର୍ତମାନ ଚିନ୍ତା ରେ । ଜଙ୍ଗଲ ରୁ ମହୁଲ ଫୁଲ , କେନ୍ଦୁପତ୍ର, ଟୋଲ ,ଚାହାର ଆଦି କୁଆପଥର ମାଡ ରେ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଛି । ତେବେ କିପରି ଘର ଚଲାଇବେ ସେ ନେଇ ଚିନ୍ତାରେ ଅନେକ ବନବାସୀ ତଥା ଆଦିବାସୀ ପରିବାର । ଏହାକୁ ନେଇ ଆଜି କେରବେଡା ପଞ୍ଚାୟତ ର ଧଉଁରାଦାଦର ଗ୍ରାମବାସୀ ଏକ ଜୋଟ ହୋଇ ପାଟଣାଗଡ ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ କୁ ଆସି ଏକ ଲିଖିତ ଅଭିଯୋଗ କରିଛନ୍ତି ।

# ବିଷମକଟକ କୋର୍ଟ ପରିସରରେ ମଧୁବାବୁଙ୍କ ଜୟନ୍ତୀ ପାଳିତ



ବିଷମକଟକ: (ମହାଭାରତ):ଓଡ଼ିଶାର ପ୍ରଥମ ବାରିଷ୍ଟର ତଥା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜନ୍ମ ଜୟନ୍ତୀ ଆଜି ବିଷମକଟକ କୋର୍ଟ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି। ବିଷମକଟକ ଓକିଲ ସଂଘର ଉପ-ସଭାପତି ପ୍ରଶାନ୍ତ କୁମାର ରଥଙ୍କ ପ୍ରତ୍ୟେକ ତ□ାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଏହି ଅବସରରେ କୋର୍ଟ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲାୟ ଉପ-ସଭାପତି ଶ୍ରୀ ରଥ ନିଜ ବକ୍ତବ୍ୟରେ ଓଡ଼ିଶାର ସ୍ୱତନ୍ତ୍ର ପ୍ରଦେଶ ଗଠନ ଓ ଓଡ଼ିଆ ଜାତିର ସ୍ୱାଭିମାନ ରକ୍ଷା କ୍ଷେତ୍ରରେ ମଧୁବାବୁଙ୍କ ଅତୁଳନୀୟ ଅବଦାନ ଉପରେ ଆଲୋକପାତ କରିଥିଲେ।ଏହି କାର୍ଯ୍ୟକ୍ରମରେ ବିଷମକଟକ ବାର୍ ସଂଘର ପୂର୍ବତନ ସଭାପତି ଚନ୍ଦ୍ର ମୌଳି ପଟନାୟକ, ସମ୍ପାଦକ ଜି. ତିରୁମାଲା କୁମାର, ବରିଷ୍ଠ ଆଇନଜୀବୀ କୃଷ୍ଣ ଚନ୍ଦ୍ର ସାହୁ, କୁଳନାଥ ପାଢ଼ୀ, ଲକ୍ଷ୍ମୀକାନ୍ତ ପଣ୍ଡା, ରାମ ମିନିଆକା, ବଡ଼ ଗୌଡ଼, ରାଜ କିଶୋର ସାହୁ ଏବଂ ଅନୁଜ ପଟନାୟକ ପ୍ରମୁଖ ଉପସ୍ଥିତ ରହି ସ୍ମୃତି ଚାରଣ କରିଥିଲେ।

# ଘରେ ସୋଇଥିବା ବେଳେ ଜଳି ଗଲା ଘର



ହାଟଡିଟି(ମହାଭାରତ):ଏଭଳି ଘଟଣା ଦେଖିବାକୁ ମିଳିଛି ହାଟଡିହି ବ୍ଲକ ବଡ ରଂପାସ ପଞ୍ଚାୟତରେ ସେହି ଗାଁ ର ବାବାଜୀ ସେଠୀ, ସୁଦର୍ଶନ ସେଠୀ, ବଳରାମ ସେଠୀ, ଶାନ୍ତିଲତା ସେଠୀ, କନ୍ଦା ସେଠୀ ଙ୍କର୍ ଗତ କାଲି ବିଳମ୍ବିତ ରାତିରେ ଗାଁ ରେ ଅପେରା ଦେଖିବାକୁ ସବୁ ଚାଲି ଯାଇଥିବା ବେଳେ ଘରେ ବୃଦ୍ଧ ବାପା ମା ସୋଇଥିଲେ। ହଠାତ୍ କିପରି ନିଆ ଜଳି ଉଠିଥିଲାୟ ନିଆ କୁ ଦେଖି କେହି କିଛି ବୁଝି ପାରି ନଥିଲେ । ଗାଁ ଯାତ୍ରା ରୁ ସମସ୍ତେ ଦଉଡ଼ି ଆସି ପାଣି ପକାଇ ଥିଲେ । ହାଟଡିହି ଦମକଳ ବାହିନୀ ଘଟଣାସ୍ଥଳରେ ପହଂଚିବା ନିଆଁ କୁ ଆୟତ କରିଥିଲା। ସେହି ଘରେ ଥିବା ଧାନ, ଚାଉଳ, ଦୁଇ ଲକ୍ଷ ଷାଠିଏ ହଜାର ଟଙ୍କା, ସୁନା ଗହଣା ସବୁ କିଛି ପୋଡ଼ି ନଷ୍ଟ ହୋଇଯାଇଥିଲାୟ ଏହି ଖବର ପାଇ ରାଜସ୍ୱ ନିରୀକ୍ଷକ ପହଞ୍ଚି ଦେଖିଥିବା ବେଳେ ସ୍ଥାନୀୟ ସରପଂଚ ଓ ମା ତାରିଣୀ ସ୍ଵେଚ୍ଛାସେବୀ ସଂଗଠନ ର କର୍ମୀ ମାନେ ଶୁଖିଲା ଖାଦ୍ୟ, ସାମଗ୍ରୀ ଯୋଗାଇ ଦେଇ ସହୋଜୋଗ କରିଥିଲେ।

# ପାରାଦୀପ ବଟନଦୀରେ ମାଛ ମଡ଼କ, ଭାସୁଛନ୍ତି କୁଢ଼ କୁଢ଼ ମାଛ



ପାରାଦୀପ(ମହାଭାରତ) ପାରାଦୀପ ବଟନଦୀ ରେ ମାଛ ମଡ଼କ, ଭାସୁଛନ୍ତି ବିଭିନ୍ନ ପ୍ରଜାତି ର କୁଢ଼ କୁଢ଼ ମାଛ । ମାଛ ମଡ଼କ ର କାରଣ ଅସ୍ପଷ୍ଟ ରହିଥିବା ବେଳେ କିଛିଦିନ ମଧ୍ୟରେ ପାରାଦୀପ ଅଞ୍ଚଳ ରେ ରହିଥିବା ବିଭିଉ ନଦୀରେ ମାଛ ମଡ଼କ କୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି ପରିବେଶବିତ । ବିଭିଉ ନଦୀରେ ହେଉଥିବା ମାଛ ମଡ଼କ ସମୟରେ ସ୍ଥାନୀୟ ଆଞ୍ଚଳିକ ପ୍ରଦୂଷଣ ବୋର୍ଡ ଅଧିକାରୀ ହୁଅନ୍ତୁ କିମ୍ବା କର୍ମଚାରୀ ମାନେ ପହଞ୍ଚି ପାଣିର ନମୁନା ସଂଗ୍ରହ କରିବା ଦେଖିବାକୁ ମିଳିଥାଏ। କିନ୍ତୁ ପରବର୍ତୀ ପର୍ଯ୍ୟାୟ ରେ ଏହି ନଦୀପାଣି ରେ କେଉଁ କାରଣରୁ ମାଛ ମଡ଼କ ଘଟିଲା ତାହା କେବେ ସାର୍ବଜନୀନ କରି ନ ଥିବା ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ବାସିନ୍ଦା । ନିକଟରେ କପିଳଯୋଡି ନଦୀରେ ଟନଟନ ମାଛ ମରି ଭାସୁଥିବା ବେଳେ ଆଞ୍ଚଳିକ ପ୍ରଦୂଷଣ ବୋର୍ଡ ଅଧିକାରୀ ଙ୍କ ବ୍ୟବହାର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା । ବଟନଦୀ ରେ କେଉଁ କାରଣ ପାଇଁ ମାଛ ମଡ଼କ ହୋଇଛି ତାହା ଜଣାପଡି ନାହିଁ ।କିନ୍ତୁ ଅତ୍ୟଧିକ ଦୁର୍ଗନ୍ଧ କାରଣରୁ ରାସ୍ତାରେ ବାଟ ଚାଲିବା କଷ୍ଟକର ହୋଇପଡିଥିବା ନେଇ ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ବାସିନ୍ଦା ।

# ଅସ୍ତରଙ୍ଗରେ ମଣ୍ଡଳ ସ୍ତରୀୟ ମହିଳା ଆକ୍ରୋଶ ସମାବେଶ



ଅସ୍ତରଙ୍ଗ:(ମହାଭାରତ): ଲୋକସଭା କେନ୍ଦ୍ର ସରକାର ଦ୍ୱାରା ମହିଳା ଆରକ୍ଷଣ ବିଲ୍ ଆଗତ କୁ ଲୋକସଭା ରେ ବିରୋଧୀ ଦଳ ନେତା ରାହୁଲଗାନ୍ଧୀ ଓ ବିରୋଧୀ ମାନେ ଏହାକୁ ବିରୋଧ କରିବା ଦ୍ୱାରା ଏହା ଲୋକସଭା ରେ ପାରିତ ହେଇପାରିନାହିଁ ଏବଂ ଏହି ବାବଦରେ ଓଡିଶା ରାଜ୍ୟ ବିରୋଧୀ ଦଳ ବିଜେଡି ମଧ ଏହି ମହିଳା ଆରକ୍ଷଣ ବିଲ୍ ବିପକ୍ଷରେ ରହିଛି। ଏହାକୁ ଦୃଷ୍ଟି ରେ ରଖି ଭାରତୀୟ ଜନତା ପାର୍ଟି ତରଫରୁ ପ୍ରଥମେ ରାଜ୍ୟ ପରେ ଜିଲ୍ଲା ସ୍ତରୀୟ ଜନ ଆକ୍ରୋଶ ମହିଳା ସମାବେଶ କରିବା ପରେ ଆଜି ଅସ୍ତରଙ୍ଗ ବ୍ଲକ ରେ ମଣ୍ଡଳ ସ୍ତରୀୟ ମହିଳା ଆକ୍ରୋଶ ସମାବେଶ ଅନୁଷ୍ଠିତ ହୋଇଯାଇଛି।୨୦୨୩ ରେ ନାରୀ ଶକ୍ତି ବନ୍ଦନ ଅଧିନିୟମ ନାମରେ ମହିଳା ସରଂକ୍ଷଣ ବିଲ୍ଲ ସଂସଦ ର ଉଭୟ ଗୃହ ରେ ପାରିତ ହେବା ସହ ରାଷ୍ଟ୍ରପତି ଙ୍କ ଅନୁମୋଦନ ଲାଭ କରିଥିଲା, ହେଲେ ବିଜେପି ସରକାର ଏହାକୁ ୨୦୨୪ ନିର୍ବାଚନ ରେ ଲାଗୁ କରିନଥିଲେ ଯାହା ଫଳରେ କେନ୍ଦ୍ର ରେ ବିରୋଧୀ ଙ୍କ ଅସହଯୋଗ ରେ ଏହି ବିଲ୍ ପାରିତ ହେଇ ପାରିନି ବୋଲି ବିଜେପି ମିଛ ଅଭିଯୋଗ କରିବା ସହ ରାଜ୍ୟ ରେ ମହିଳା ଆକ୍ରୋଶ ସମାବେଶ କରି ନାଟକ କରିଛି ବୋଲି ଓଡିଶା ରେ ବିରୋଧୀ ବିଜେଡି ଅଭିଯୋଗ ଉଠାଇଛ। ଏହା ସହ ୨୦୨୬ ଜନଗଣନା ହେବାକୁ ଥିବାରୁ ଏହି ଆଧାର ରେ ସଂସଦ ଓ ବିଧାନସଭା ଆସନ ର ସୀମା ପୁନଃ ର୍ନିଦ୍ଧାରଣ ହେବା ପରେ ମହିଳା ସରଂକ୍ଷଣ ବିଲ୍ ଲାଗୁ ହେବ ବୋଲି ବିଜେପି ପକ୍ଷ ରୁ କୁହାଯାଇଥିଲା କିନ୍ତୁ ବର୍ତ୍ତମାନ ଦେଶ ରେ ୫ ଟି ରାଜ୍ୟ ରେ ନିର୍ବାଚନ ଚାଲିଥିବା ସମୟରେ ହଟାତ ସଂସଦ ରେ ବିଶେଷ ଅଧିବେଶନ ଡାକି ମହିଳା ସରଂକ୍ଷଣ ସହିତ ୨୦୧୧ ଜନଗଣନା ଆଧାର ରେ ସୀମା ପୁନଃ ର୍ନିଧାରଣ କୁ ପାରିତ କରାଯିବାକୁ ଉଦ୍ୟମ କରାଗଲା, ପ୍ରସ୍ତାବିତ ସୀମା ପୁନଃ ର୍ନିଧାରଣ ରେ ଓଡିଶା ସମେତ ସମସ୍ତ ଦକ୍ଷିଣାଞ୍ଚଳ ରାଜ୍ୟଗୁଡିକ ର ପ୍ରତିନିଧିତ୍ୱ ହ୍ରାସ ପାଉଥିଲା, ସେଥିପାଇଁ ବିରୋଧୀ ସମର୍ଥନ ଦେଇନଥିଲେ ଯେଉଁ କାରଣ ରୁ ବିଲ୍ କାଟ ଖାଇଥିଲା, ଉଭୟ କେନ୍ଦ୍ର ଓ ରାଜ୍ୟ ରେ ମହିଳା ଆରକ୍ଷଣ ବିଲ୍ ବିରୋଧରେ ଉଭୟ ବିରୋଧୀ ଙ୍କ ଏହିଭଳି ମନ୍ତବ୍ୟ ଓ ଅସହଯୋଗ ପାଇଁ ବିଜେପି ମହିଳା ଆକ୍ରୋଶ ସମାବେଶ ବର୍ତ୍ତମାନ ରାଜ୍ୟ ରୁ ମଣ୍ଡଳ ସ୍ତର ରେ ପହଞ୍ଚି, ଅଣଚମ୍ପା ରାମ ପଡିଆ ରୁ ଏକ ବିଜେପି ର ଶତାଧିକ ମହିଳା ଏକତ୍ରିତ ହୋଇ ଉଭୟ କେନ୍ଦ୍ର ଓ ରାଜ୍ୟ ବିରୋଧୀ ଦଳ ନେତା ଙ୍କ ବିରୁଦ୍ଧରେ ସ୍ଲୋଗାନ ଦେବା ସହ ବିରାଟ ପଦଯାତ୍ରା ରେ ଅସ୍ତରଙ୍ଗ ବଜାର ପରିକ୍ରମା କରି ଜାଗୁଳେଇ ପଡିଆ ରେ ପହଂଚିଥିଲେ।

# କାଳିମେଳା ସ୍ୱାସ୍ଥ୍ୟ କେନ୍ଦ୍ରରେ ଜିଲ୍ଲାପାଳଙ୍କ ସମୀକ୍ଷା

## ରୋଗୀଙ୍କ ସୁବିଧା ପାଇଁ ସାମାଜିକ ସହଭାଗିତା ଉପରେ ଗୁରୁତ୍ୱ

ମାଲକାନଗିର(ମହାଭାରତ):ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ଅଧିକ ତ୍ୱରାନ୍ୱିତ ଓ ସୁଦୃଢ଼ କରିବା ଲକ୍ଷ୍ୟରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଆଜି କାଳିମେଳା ବ୍ଲକ ଗସ୍ତ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିବା ସହ ସେଠାରେ ରୋଗୀଙ୍କୁ ମିଳୁଥିବା ଚିକିତ୍ସା ଓ ସୁବିଧା ସୁଯୋଗର ତଦାରଖ କରିଥିଲେ। ଜିଲ୍ଲାପାଳ ସ୍ୱ୍ୱାସ୍ଥ୍ୟ କେନ୍ଦ୍ରର ପ୍ରତିଟି ୱାର୍ଡ ବୁଲି ଦେଖିବା ସହ ଚିକିତ୍ସାଧୀନ ରୋଗୀଙ୍କ ସହ ସିଧାସଳଖ ଆଲୋଚନା କରି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏଥିସହ ସ୍ୱ୍ୱାସ୍ଥ୍ୟ ସେବାକୁ ଅଧିକ ରୋଗୀ-ଅନୁକୂଳ କରିବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ।ମାଲକାନଗିରି ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ପ୍ରଶାସନର ପ୍ରାଥମିକତା ବୋଲି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ପ୍ରକାଶ କରିଛନ୍ତି। ଖରା ଦିନେ ରୋଗୀମାନେ ଯେଭଳି କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ, ସେଥିପାଇଁ ବିଭାଗୀୟ ଅଧିକାରୀଙ୍କୁ ସଜାଗ ରହିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ, ସ୍ୱାସ୍ଥ୍ୟ କେନ୍ଦ୍ରର ଭିତ୍ତିଭୂମିରେ ସାମାଜିକ ସହଯୋଗର ଏକ ଉଦାହରଣ ଦେଖିବାକୁ ମିଳିଥିଲା। ସ୍ଥାନୀୟ ରୋଗୀଙ୍କୁ ଗ୍ରୀଷ୍ମ ପ୍ରବାହରୁ ରକ୍ଷା କରିବା ପାଇଁ ସାମାଜିକ ଦାୟିତ୍ୱବୋଧର ସହ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ସ୍ୱ୍ୱାସ୍ଥ୍ୟ କେନ୍ଦ୍ରକୁ ୫ଟି କୁଲର ପ୍ରଦାନ କରାଯାଇଛି। ଗୋଷ୍ଠୀ ସ୍ୱ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଏହାକୁ ଗ୍ରହଣ କରିଛନ୍ତି ଏବଂ ଜିଲ୍ଲାପାଳ ଏହି ଅବସରରେ କହିଛନ୍ତି ଯେ,




ସରକାରୀ ବ୍ୟବସ୍ଥା ସହ ଯେତେବେଳେ ସମାଜର ବିଭିନ୍ନ ବର୍ଗ ସ୍ୱ୍ୱତଃପ୍ରବୃ□ ଭାବେ ଜନସେବାରେ ସାମିଲ ହୁଅନ୍ତି, ସେତେବେଳେ ସେବା ଅଧିକ ପ୍ରଭାବଶାଳୀ ହୋଇଥାଏ ।ଜିଲ୍ଲାପାଳଙ୍କ ଗସ୍ତ ସମୟରେ ଗୋଷ୍ଠୀ ସ୍ୱ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଦୀନବନ୍ଧୁ ମହାନନ୍ଦ ଏବଂ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ରହି ସ୍ୱ୍ୱାସ୍ଥ୍ୟ ସେବାର ଉତ୍ତତି ପାଇଁ ଆଲୋଚନା କରିଥିଲେ। ସମ୍ବାଦ ପରିବେଷଣ ସହିତ ମାନବିକ ସେବା କ୍ଷେତ୍ରରେ ସାମ୍ବାଦିକମାନଙ୍କ ଏହି ସହଯୋଗ ଅନ୍ୟମାନଙ୍କ ପାଇଁ ଏକ ଅନୁକରଣୀୟ ପଦକ୍ଷେପ ବୋଲି ପ୍ରଶାସନ ପକ୍ଷରୁ ମତ ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ଅଶୋକ ମିଶ୍ର, ଟି. ସତ୍ୟ ନାରାୟଣ ସୁବୁଦ୍ଧି, ସୌରଭ ମଣ୍ଡଳ, ଜୀବନ କୃଷ୍ଣ ଦାସ, ବିଦ୍ୟୁ ବୈରାଗୀ, ଆଶିଷ କୁମାର ବାଇନ୍, ଚିରଞ୍ଜିବୀ ସରକାର, ଉତ୍ତମ ରାୟ,ଜଗନ୍ନାଥ ପଡିଆମୀଙ୍କ ସମେତ ସଂଘର ସଦସ୍ୟମାନେ ସାମିଲ ହୋଇଥିଲେ।

# ନୟାଗଡ଼ ସହରରେ ଲାଗିଥିବା ୫୮ ସିସିଟିଭି ଅଚଳ, କରାଯାଉନି ମରାମତି

## ପାଣିରେ ପଡ଼ିଲା ୨୭ଲକ୍ଷ ଟଙ୍କା, ବଢ଼ୁଛି ଅପରାଧ

ନୟାଗଡ, ( ମହାଭାରତ ) : ନୟାଗଡ଼ ସହର ପାଇଁ ଲାଗିଥିବା ୫୮ ସିସିଟିଭି ଅଚଳ ହୋଇ ପଡିଛି। ଅଚଳ ସିସିଟିଭି କୁ କାର୍ଯ୍ୟକ୍ଷମ କରିବାକୁ ପୋଲିସ ବିଭାଗ କି ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ନିଆଯାଉନାହିଁ ପଦକ୍ଷେପ। ସିସସଟିଭି ଅଚଳ ହେବା ପରେ ନୟାଗଡ ସହରରେ ଚୋରି, ଲୁଟ୍, ମାରିପିଟ ଘଟଣା ଉପରେ ଆଉ ଲଗାମ ନାହିଁ। ଜିଲ୍ଲା ସଦର ମହକୁମାରେ ଅପରାଧ ବଢ଼ି ଚାଲିଛି। ଢିଲା ନିରାପତ୍ତା ବ୍ୟବସ୍ଥା ଅପରାଧ ବଢ଼ାଇବାରେ ସହଯୋଗ କରୁଛି ବୋଲି ଅଭିଯୋଗ ଉଠିଛି। ଏଭଳି ସ୍ଥଳେ ସିସିଟିଭି ପାଇଁ ବିନିଯୋଗ ହୋଇଥିବା ୨୭ ଲକ୍ଷ ଟଙ୍କା ପାଣିରେ ପଡିଲା ବୋଲି ଅଭିଯୋଗ ଉଠିଛି। ନୟାଗଡ଼ ସହରରେ ସିସିଟିଭି ଲାଗିବା ପାଇଁ ଏସ୍ପି ଓ ଜିଲ୍ଲାପାଳଙ୍କ ଫଣ୍ଡ୍ ବାବଦୀୟ ଅର୍ଥ ୨୭ ଲକ୍ଷ ସରକାରୀ ଅନୁଦାନ ଆସିଥିଲା। ଏଥିପାଇଁ ୨୦୨୨ ରେ ସିସିଟିଭି ଲଗାଯାଇ ଏପ୍ରିଲରେ ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ତେବେ ୨୦୨୪ ଜୁନ ୨୮ ପର୍ଯ୍ୟନ୍ତ ସିସିଟିଭି କାମ କରିଥିଲା। ନୟାଗଡ଼ ର



ପୂର୍ବ ଏସ୍ଡିପିଓଙ୍କ କାର୍ଯ୍ୟାଳୟରେ ସିସିଟିଭି କଣ୍ଟ୍ରୋଲ ରୁମ୍ ଓ ପୋଲିସ ଅତିଥି ଭବନ ୨୦୨୪ ଜୁନ ୨୮ରେ ଉଦ୍ଘାଟନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏସ୍ଡିପିଓଙ୍କ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଏହାକୁ ତତ୍କାଳୀନ ଜିଲ୍ଲାପାଳ ରବୀନ୍ଦ୍ର ନାଥ ସାହୁ ଓ ଏସ୍ପି ଅଲେଖ ଚନ୍ଦ୍ର ପହି ମିଳିତ ଭାବେ ଉଦ୍ଘାଟନ କରିଥିଲେ। ଅନ୍ୟପକ୍ଷେ ୬୮ ସିସିଟିଭି କ୍ୟାମେରା ଲାଗିଥିଲେ ମଧ୍ୟ ସେ ସମୟରେ ୫୮ କାର୍ଯ୍ୟ କରୁଥିଲା। ପର୍ଯ୍ୟାୟକ୍ରମେ ଏହା ନୟାଗଡ଼ ର ବିଭିଉ ଥାନା ଅଞ୍ଚଳରେ ଲାଗିବାର ପ୍ରସ୍ତାବ ରହିଛି ବୋଲି ତତ୍କାଳୀନ ଏସ୍ପି ଓ ଜିଲ୍ଲାପାଳ ଗଣମାଧ୍ୟମକୁ କହିଥିଲେୟ ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ଆଉ କୌଣସି ଥାନା ଅଞ୍ଚଳରେ ସିସିଟିଭି ଲଗାଯିବାର ନଜିର ନାହିଁ। ଏପରିକି ନୟାଗଡ଼ରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଅଚଳ ହୋଇଥିବା ୪୮ ସିସିଟିଭି କୁ ସଚଳ କରାଗଲା ନାହିଁ, ଏବେ ସବୁ ସିସିଟିଭି ଅଚଳ ହୋଇଯାଇଛି। ସିସିଟିଭି ଲାଗିବା ପରେ ସହରରୁ ଚୋରି, ଡକାୟତି, ଦୁର୍ଘଟଣା ପରି ବିଭିଉ ଘଟଣା, ଅଘଟଣ ଓ ଅପରାଧକୁ ସିସିଟିଭି କଣ୍ଟ୍ରୋଲ ରୁମ୍ ନିୟନ୍ତ୍ରଣ କରିବାରେ ସହାୟକ ହେବ ବୋଲି କୁହାଯାଇଥିଲା, ଯାହାକି ପୋଲିସ ତଦନ୍ତକୁ ସୁବିଧା କରାଇବା ସିସିଟିଭି ଅଚଳ ପରେ ମରାମତି ନ କରିବାରୁ ସରକାରଙ୍କ ଯୋଜନା ବିଫଳ ହେଲା ବୋଲି କୁହାଯାଉଛି। ଅଯଥାରେ ସରକାରୀ ଅନୁଦାନ ପାଣିରେ ପଡିଲା ବୋଲି ଅଭିଯୋଗ ଉଠିଛି। ଏନେଇ ଆଇନଜୀବୀ ରଣଜିତ ଦାସ କୁହନ୍ତି, ସିସିଟିଭି ଲାଗିବା ସମୟରେ କୁହାଯାଉଥିଲା ନୟାଗଡ଼ ସହରକୁ ସିସିଟିଭି ଜଗିଛି। ସିସିଟିଭି ଅଚଳ ହେବା ପରେ ମରାମତି କରା ନ ଯିବାରୁ ଏବେ କିଏ ନୟାଗଡ ସହରକୁ ଜଗିଛି ବୋଲି ପ୍ରଶ୍ନ ଉଠିଲାଣି। ଯଦି ସିସିଟିଭି ଲଗାଗଲା ତା'ର ମରାମତି ପାଇଁ ବ୍ୟବସ୍ଥା ନ କରି ଲଗାଇବାର ଲାଭ କ'ଣ ରହିଲାୟ ସିସିଟିଭି ଅଚଳର ଫାଇଦା ନେଇ ଗତ ବର୍ଷ ଜଗନ୍ନାଥ ମନ୍ଦିର, ଗୋପୀନାଥ ମନ୍ଦିର ଚୋରି ପରେ ଗତ କିଛି ଦିନ ତଳେ ନୟାଗଡ଼ ସହରର ଜଣେ ଆଇନଜୀବୀଙ୍କର ଘରୁ ମଧ୍ୟ ଚୋରି ହୋଇଥିଲାୟ ସହରରେ ଚୋରି, ଲୁଟ୍, ଅପରାଧ ଓ ଦୁର୍ଘଟଣା ବଢ଼ି ଚାଲିଥିବା ବେଳେ ସିସିଟିଭି ଅଚଳାବସ୍ଥା ଯୋଗୁଁ ଅପରାଧି ଓ ଅସାମାଜିକ ଲୋକଙ୍କ ପାଇଁ ବରଦାନ ପାଲଟିଛି। ନୟାଗଡ଼ ମ୍ୟୁନିସିପାଲିଟି ଓ ପୋଲିସ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେବା ଦରକାର। ନଚେତ୍ ଆଉ କିଛି ଅପରାଧ ଘଟିପାରେ ବୋଲି ଆଶଙ୍କା ପ୍ରକାଶ ପାଇଲାଣିୟ ନୟାଗଡ଼ ଅତିରିକ୍ତ ଏସ୍ପି ଜ୍ୟୋତି ରଞ୍ଜନ ସାମନ୍ତରା କୁହନ୍ତି, ଅଚଳ ସିଟିଭିକୁ ସଚଳ କରିବାକୁ ପୋଲିସ ପାଖରେ ଫଣ୍ଡସ୍ ନାହିଁ। ଅଚଳକୁ ମରାମତି କରି ସଚଳ କରିବା ପାଇଁ ମ୍ୟୁନିସିପାଲିଟି କୁ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି ବୋଲି କହିଥିଲେ। ନୟାଗଡ଼ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ କୁହନ୍ତି, ନୟାଗଡ଼ ସହରରେ ଲାଗିଥିବା ଅଚଳ ସିସିଟିଭିକୁ ସଚଳ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।ଏହା ପରେ କାଉନସିଲିଂ ମିଟିଂରେ ପାସ୍ କରାଇ ୯ ଲକ୍ଷ ଟଙ୍କାରେ ଟେଣ୍ଡର କରାଯାଇ କାମ ଏ ସପ୍ତାହରୁ ଆରମ୍ଭ ହୋଇଛି। ଏପ୍ରିଲ ମାସରେ କାମ ଶେଷ ହେବାର ରହିଛି। ତେବେ କାଳ ବୈଶାଖୀ କାମରେ ବାଧା ସୃଷ୍ଟି କରୁଛି ବୋଲି କହିଥିଲେ।

## ସିସୋଦିଆ ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତଙ୍କୁ ଚିଠି ଲେଖି ହାଇକୋର୍ଟରେ ହାଜର ହେବାକୁ ମନାକଲେ



ନୂଆଦିଲ୍ଲୀ: ଦିଲ୍ଲୀ ହାଇକୋର୍ଟରେ ଅବକାରୀ ନୀତି ଦୁର୍ନୀତି ମାମଲାର ଶୁଣାଣି ଜାରି ରହିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ହାଜର ନହେବାକୁ ଘୋଷଣା କରିବା ପରେଏବେ ମନୀଷ ସିସୋଦିଆ ମଧ୍ୟ ନିଜକୁ ମାମଲାରୁ ହଟାଇଛନ୍ତି। ସିସୋଦିଆ ଏକ ଚିଠି ଲେଖି କହିଛନ୍ତି, ସେ ମଧ୍ୟ ହାଇକୋର୍ଟରେ ହାଜର ହେବେ ନାହିଁ। କେଜ୍ରିୱାଲଙ୍କ ଭଳି ମନୀଷ ସିସୋଦିଆ ମଧ୍ୟ ସମାନ ଭାବନାକୁ ପ୍ରତିଫଳିତ କରି ଲେଖିଛନ୍ତି ଯେ, ତାଙ୍କ ପକ୍ଷରୁ କୌଣସି ଆଇନଜୀବୀ ହାଜର ହେବେ ନାହିଁ। ସେ ଆଉ ନ୍ୟାୟ ପାଇଁ ଆଶା କରୁ ନାହାନ୍ତି। ସିସୋଦିଆ କହିଛନ୍ତି ଯେ, ଭବିଷ୍ୟତରେ ସେ କିମ୍ବା ତାଙ୍କ ଆଇନଜୀବୀ ଏହି ମାମଲାରେ ହାଜର ହେବେ ନାହିଁ। ବର୍ତ୍ତମାନ ତାଙ୍କ ପାଖରେ ସତ୍ୟାଗ୍ରହ କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ। କେଜରିୱାଲ ଜଷ୍ଟିସ୍ ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତ ଶର୍ମାଙ୍କ ନିକଟକୁ ଏକ ଚାରି ପୃଷ୍ଠାର ଚିଠି ପଠାଇ କହିଥିଲେ, ମୁଁ ମୋ ବିବେକ ଉପରେ ଆଧାର କରି ଏହି ନିଷ୍ପତ୍ତି ନେଉଛି। ମୁଁ ପରିଣାମ ଭୋଗିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଏହା ମୋର ଆଇନଗତ ସ୍ୱାର୍ଥକୁ କ୍ଷତି ପହଞ୍ଚାଇପାରେ, କିନ୍ତୁ ମୁଁ ପ୍ରସ୍ତୁତ। କେଜରିୱାଲ ଏହା ମଧ୍ୟ କହିଥିଲେ ଯେ, ସେ ଜଷ୍ଟିସ୍ ଶର୍ମାଙ୍କ ବିରୋଧରେ ସୁପ୍ରିମକୋର୍ଟ ଯାଇପାରନ୍ତି।ମନୀଷ ସିସୋଦିଆ ତାଙ୍କ ଚିଠିରେ କେନ୍ଦ୍ର ସରକାରଙ୍କ ପ୍ୟାନେଲରେ ଆଇନ ଅଭ୍ୟାସ କରୁଥିବା ଜଷ୍ଟିସ ସ୍ୱର୍ଣ୍ଣକାନ୍ତ ଶର୍ମାଙ୍କ ସନ୍ତାନମାନଙ୍କ ବିଷୟରେ ଉଲ୍ଲେଖ କରି କହିଛନ୍ତି, ଆପଣଙ୍କ ପିଲାମାନଙ୍କର ଭବିଷ୍ୟତ ତୁଷାର ମେହେଟ୍ଟାଙ୍କ ହାତରେ। ସିବିଆଇ ଦିଲ୍ଲୀ ହାଇକୋର୍ଟରେ ଏକ ଆବେଦନ ଦାଖଲ କରିଥିଲା । ଏହି ଆବେଦନରେ କେଜରିୱାଲ ଏବଂ ଅବକାରୀ ଦୁର୍ନୀତିରେ ଅନ୍ୟ ସମସ୍ତ ୨୩ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଥିଲା। ଜଷ୍ଟିସ ଶର୍ମା ବର୍ତ୍ତମାନ ଏହି ଆବେଦନର ଶୁଣାଣି କରୁଛନ୍ତି। କେଜରିୱାଲ ଏପ୍ରିଲ ୧୩ ତାରିଖରେ ମାମଲାରେ ହାଜର ହୋଇ ଜଷ୍ଟିସ ଶର୍ମାଙ୍କୁ ମାମଲାରୁ ହଟାଇବା ପାଇଁ ଅନୁରୋଧ କରିଥିଲେ। ଠିକ୍ ସାତ ଦିନ ପରେ, କୋର୍ଟ ଆବେଦନକୁ ଖାରଜ କରିଦେଇଥିଲେ। କୋର୍ଟ ଏହା ମଧ୍ୟ କହିଥିଲେ, କୌଣସି ରାଜନେତାଙ୍କୁ ନ୍ୟାୟପାଳିକା ଉପରେ ଅବିଶ୍ୱାସ ପ୍ରସାର କରିବାକୁ ଅନୁମତି ଦିଆଯିବ ନାହିଁ।

## ଇନ୍ଧନ ଦର ବୃଦ୍ଧି ଯୋଗୁଁ ପରିବହନ କ୍ଷେତ୍ରରେ ଚାପ



ନୂଆଦିଲ୍ଲୀ : ଫେଡେରେସନ ଅଫ୍ ଇଣ୍ଡିଆନ୍ ଏୟାରଲାଇନ୍ସ (ଏଫ୍ଆଇଏ) ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ଏକ ଚିଠି ଲେଖି ଚେତାବନୀ ଦେଇଛି । ଜେଟ୍ ଇନ୍ଧନ ଦର ବୃଦ୍ଧି ଯୋଗୁଁ ପରିବହନ କ୍ଷେତ୍ରରେ ଚାପ ପଡିଛି । ଖର୍ଚ୍ଚ ବୃଦ୍ଧି ପାଉଥିବାରୁ ଭାରତର ବିମାନ ଶିଳ୍ପ ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଛି । ଏୟାର ଇଣ୍ଡିଆ, ଇଣ୍ଡିଗୋ ଏବଂ ସ୍ପାଇସଜେଟ୍ ଭଳି ବାହକ ସଂସ୍ଥାଗୁଡ଼ିକର ପ୍ରତିନିଧିତ୍ୱ କରୁଥିବା ଫେଡେରେସନ ଅଫ୍ ଇଣ୍ଡିଆନ୍ ଏୟାରଲାଇନ୍ସ କୁ ସହାୟତା ମାଗିଛନ୍ତି । ବିମାନ ଟରବାଇନ୍ ଇନ୍ଧନ (ଏଟିଏଫ୍) ମୂଲ୍ୟ ବୃଦ୍ଧି ଯୋଗୁଁ ବିମାନ କମ୍ପାନୀ ଚାପର ସମ୍ମୁଖୀନ ହେଉଛନ୍ତି । ଶିଳ୍ପ ସଂଗଠନ ଅନୁଯାୟୀ, ଇନ୍ଧନ ଯାହା ସାଧାରଣତଃ ବିମାନ ଖର୍ଚ୍ଚର ପ୍ରାୟ ୩୦-୪୦% ହୋଇଥାଏ, ବର୍ତ୍ତମାନ ପରିଚାଳନା ଖର୍ଚ୍ଚର ୫୫-୬୦% ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ଅକ୍ଟୋବର ୨୦୨୨ରେ ଲାଗୁ ହୋଇଥିବା କ୍ରେକ ବ୍ୟାଣ୍ଡ୍ ମେକାନିଜମକୁ ଚାଲୁ କରାଯାଉ । ଏହା ୨୦୨୪ ଡିସେମ୍ବରରୁ ବନ୍ଦ ପଡିଥିଲା । ଏହା ଅଧିନରେ କ୍ରୁଡ ଅଏଲ ଏବଂ ଏଟିଏଫ ମଧ୍ୟରେ ଏକ ଧାର୍ଯ୍ୟ ସମୟସୀମା ରହୁଥିଲା । ଘରୋଇ ଉଡ଼ାଣ ପାଇଁ ଏଟିଏଫରେ ଲାଗୁଥିବା ୧୧ ପ୍ରତିଶତ ଏକ୍ସାଇଜ ଡ୍ୟୁଟିକୁ ଅସ୍ଥାୟୀ ଭାବେ ହଟାଯାଉ କିମ୍ବା ସ୍ଥଗିତ କରାଯାଉ । ପ୍ରମୁଖ ରାଜ୍ୟରେ ଭାଟ୍ କମ୍ କରାଯାଉ । ଦିଲ୍ଲୀରେ ଏଟିଏଫ ୨୫ % ଭାଟ୍, ତାମିଲନାଡୁରେ ୨୯% ଭାଟ୍, ମୁମ୍ବାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ ଏବଂ କୋଲକତାରେ ୧୬% ରୁ ୨୦ % ଭାଟ୍ ଲାଗୁ ହୋଇଥାଏ । ଏହି ୬ଟି ସହରରେ ଦେଶରେ ୫୦ ପ୍ରତିଶତରୁ ଅଧିକ ଏୟାରଲାଇନ ଅପରେସନ୍ସ କଭର କରେ ।

## ଇରାନର ପ୍ରସ୍ତାବରେ ସନ୍ତୁଷ୍ଟ ନୁହଁନ୍ତି ଟ୍ରମ୍ପ: ବିଫଳ ଆଲୋଚନା ପାଇଁ ଆମେରିକାକୁ ଦାୟୀ କଲେ ଆରାଘଚି



ତେହେରାନ/ୱାସିଂଟନ: ଇସଲାମାବାଦରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ବୈଠକ ପରେ ଆମେରିକା-ଇରାନ ଯୁଦ୍ଧ ଶାନ୍ତି ଆଲୋଚନାରେ ଏପର୍ଯ୍ୟନ୍ତ କୌଣସି ସଫଳତା ମିଳିନାହିଁ। ପରଦା ପଛରେ ଆଲୋଚନା ଏବେ ବି ଚାଲିଛି। ସୋମବାର ଦିନ ହ୍ୱାଇଟ୍ ହାଉସ୍ ସିଚୁଏସନ୍ ରୁମ୍ ?ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କର ସୁରକ୍ଷା ପରାମର୍ଶଦାତାଙ୍କ ସହ ଏକ ବୈଠକ କରିଛନ୍ତି। ଦି ନ୍ୟୁୟର୍କ ଟାଇମ୍ସ ଅନୁଯାୟୀ, ହର୍ମୁଜ୍ ପ୍ରଣାଳୀକୁ ପୁଣି ଖୋଲିବା ଏବଂ ଯୁଦ୍ଧ ସମାପ୍ତ କରିବା ପାଇଁ ଇରାନର ସଦ୍ୟତମ ପ୍ରସ୍ତାବରେ ସେ ସନ୍ତୁଷ୍ଟ ନୁହଁନ୍ତି । ଜଣେ ଆମେରିକୀୟ ଅଧିକାରୀଙ୍କ ଅନୁଯାୟୀ,ଟ୍ରମ୍ପ ଇରାନ ଦ୍ୱାରା ପଠାଯାଇଥିବା ପ୍ରସ୍ତାବରେ ଅସନ୍ତୁଷ୍ଟ କାରଣ ଏଥରେ ପରମାଣୁ କାର୍ଯ୍ୟକ୍ରମ ଉପରେ ଆଲୋଚନା ଅନ୍ତର୍ଭୁକ୍ତ ହୋଇନଥିଲା। ଟ୍ରମ୍ପ ପୂର୍ବରୁ ତାଙ୍କର ଶୀର୍ଷ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କ ସହ ଏହି ପ୍ରସ୍ତାବ ବିଷୟରେ ଆଲୋଚନା କରିଥିଲେ ଏବଂ ପରବର୍ତ୍ତୀ ସମୟରେ ସେମାନେ ଏହାକୁ ଗ୍ରହଣ ନକରିବାକୁ ନିଷ୍ପତ୍ତି ନେଇଥିଲେ। ତଥାପି, ଆମେରିକା ଅଧିକାରୀଙ୍କ ଦାବି ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ ନିଶ୍ଚିତ ହୋଇନାହିଁ। ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ଜାରି ରହିଛି, ଯାହା ଏହି ଅଞ୍ଚଳରୁ ଶକ୍ତି ଯୋଗାଣକୁ ପ୍ରଭାବିତ କରୁଛି।

ଇରାନୀ ସୂତ୍ର ଅନୁଯାୟୀ, ଏହି ପ୍ରସ୍ତାବରେ ଯୁଦ୍ଧ ଶେଷ ନହେବା ଏବଂ ଉପସାଗରୀୟ ଅଞ୍ଚଳରେ ଜାହାଜ ଚଳାଚଳ ବିବାଦର ସମାଧାନ ନହେବା ପର୍ଯ୍ୟନ୍ତ ପରମାଣୁ କାର୍ଯ୍ୟକ୍ରମ ଉପରେ ଆଲୋଚନାକୁ ସ୍ଥଗିତ ରଖିବାକୁ କୁହାଯାଇଛି । ଏହି ସମୟରେ ୱାସିଂଟନ କହିଛି ଯେ, ପରମାଣୁ ପ୍ରସଙ୍ଗଗୁଡ଼ିକ ଆରମ୍ଭରୁ ଆଲୋଚନା କରାଯିବା ଉଚିତ। ଇରାନର ନୂତନ ପ୍ରସ୍ତାବ ଅନୁଯାୟୀ, ହର୍ମୁଜ୍ ପ୍ରଣାଳୀ ପୁନର୍ବାର ଖୋଲିବା ସହିତ ଯୁଦ୍ଧର ଶେଷ ହେଲେ ପରମାଣୁ ପ୍ରସଙ୍ଗରେ ଆଲୋଚନା ପରବର୍ତ୍ତୀ ପର୍ଯ୍ୟାୟରେ ହେବ। ଇରାନ କହିଛି ଜଳପଥ ପରିଚାଳନା ପାଇଁ ଦେଶର ପ୍ରସ୍ତାବିତ ଆଇନ ଅନୁଯାୟୀ ଇରାନୀ ସଶସ୍ତ୍ର ବାହିନୀ ହର୍ମୁଜ୍ ପ୍ରଣାଳୀ ପାଇଁ ଦାୟୀ କର୍ତ୍ତୃପକ୍ଷ ହେବ। ଇରାନର ସଂସଦର ଜାତୀୟ ସୁରକ୍ଷା କମିସନର ମୁଖ୍ୟ ଇବ୍ରାହିମ ଅଜିଜି ସରକାରୀ ଟେଲିଭିଜନକୁ କହିଛନ୍ତି ଯେ ସଶସ୍ତ୍ର ବାହିନୀ ପୂର୍ବରୁ ଏହି ପ୍ରଣାଳୀକୁ ନିୟନ୍ତ୍ରଣ କରୁଛି। ଅଜିଜି ଏହା ମଧ୍ୟ କହିଛନ୍ତି ଯେ ପ୍ରସ୍ତାବିତ ଆଇନରେ କୁହାଯାଇଛି ଯେ ପ୍ରଣାଳୀରୁ ଆର୍ଥିକ ଲାଭ ସ୍ଥାନୀୟ ରିଆଲ ମୁଦ୍ରାରେ ପ୍ରଦାନ କରାଯିବା ଉଚିତ।

## ବଙ୍ଗଳାରେ ଆଇପିଏସ୍ ବନାମ ଟିଏମସି, ପ୍ରାର୍ଥୀଙ୍କୁ ଚେତାବନୀ ଦେଲେ ''ଏନକାଉଣ୍ଟର ସ୍ପେଶାଲିଷ୍ଟ''



କୋଲକାତା: ପଶ୍ଚିମବଙ୍ଗ ନିର୍ବାଚନ ପ୍ରଚାର ସମୟରେ ଜଣେ ଆଇପିଏସ୍ ଅଧିକାରୀ ଓ ତୃଣମୂଳ କଂଗ୍ରେସ (ଟିଏମସି) ପ୍ରାର୍ଥୀଙ୍କ ମଧ୍ୟରେ ଚାଲିଥିବା ଟକ୍କର ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ନିର୍ବାଚନ କମିଶନଙ୍କ ଦ୍ୱାରା ପୋଲିସ ପର୍ଯ୍ୟବେକ୍ଷକ ଭାବେ ନିୟୋଜିତ ''ଏନକାଉଣ୍ଟର ସ୍ପେଶାଲିଷ୍ଟ'' ଆଇପିଏସ୍ ଅଜୟ ପାଲ୍ ଶର୍ମା, ଫାଲଟା ନିର୍ବାଚନ ମଣ୍ଡଳୀର ଟିଏମସି ପ୍ରାର୍ଥୀ ଜାହାଙ୍ଗୀର ଖାନଙ୍କୁ ଭୋଟରଙ୍କୁ ଭୟଭୀତ କରୁଥିବା ଅଭିଯୋଗରେ କଡ଼ା ଚେତାବନୀ ଦେଇଛନ୍ତି। ସୋମବାର ଜାହାଙ୍ଗୀରଙ୍କ ବାସଭବନରେ ପହଞ୍ଚି ଶର୍ମା ତାଙ୍କ ପରିବାର ସଦସ୍ୟଙ୍କୁ ରୋକଠୋକ୍ ଶୁଣାଇଛନ୍ତି ଯେ, ଯଦି ଭୋଟରଙ୍କୁ ଧମକାଇବା କିମ୍ବା ନିର୍ବାଚନ ପ୍ରକ୍ରିୟାରେ ବାଧା ସୃଷ୍ଟି କରିବା ନେଇ ପୁଣି ଅଭିଯୋଗ ଆସେ, ତେବେ ପୋଲିସ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଶର୍ମା ଏହା ମଧ୍ୟ କହିଛନ୍ତି ଯେ 'ଯଦି ବଦମାସି କରିବେ, ତେବେ ଆମେ ଉପଯୁକ୍ତ ଢଙ୍ଗରେ ଜବାବ ଦେବୁ।'

ଏହି ଚଡ଼ାଉ ସମୟରେ ଜାହାଙ୍ଗୀର ଖାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ନେଇ ମଧ୍ୟ ଏକ ବଡ଼ ଦ୍ୱନ୍ଦ୍ୱ ସାମ୍ନାକୁ ଆସିଛି। ସରକାରୀ ନିୟମ ଅନୁଯାୟୀ ତାଙ୍କୁ ''ୱାଇ'' କ୍ୟାଟେଗୋରୀ ସୁରକ୍ଷା ଅଧୀନରେ ୧୦ ଜଣ ପୋଲିସ କର୍ମଚାରୀ ମିଳିବା କଥା, କିନ୍ତୁ ସେଠାରେ ୧୪ ଜଣ ପଶ୍ଚିମବଙ୍ଗ ପୋଲିସ କର୍ମଚାରୀ ମୁତୟନ ଥିବା ଦେଖିବାକୁ ମିଳିଥିଲା। ଏହି ଅତିରିକ୍ତ ସୁରକ୍ଷା ବଳୟକୁ ନେଇ ଶର୍ମା ସ୍ଥାନୀୟ ପୋଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଏହି ଘଟଣାକୁ ନେଇ ରାଜ୍ୟରେ ରାଜନୈତିକ ଯୁଦ୍ଧ ତୀବ୍ର ହୋଇଛି। ବିଜେପି ଆଇଟି ସେଲ୍ ମୁଖ୍ୟ ଅମିତ ମାଲବ୍ୟ ଅଧିକାରୀଙ୍କ ପଦକ୍ଷେପକୁ ପ୍ରଶଂସା କରି କହିଛନ୍ତି ଯେ, ଏହା ଦ୍ୱାରା ଅପରାଧୀ ଓ ଭୟଭୀତ କରୁଥିବା ଲୋକଙ୍କୁ ଏକ ସ୍ପଷ୍ଟ ବାର୍ତ୍ତା ଯାଇଛି। ଅନ୍ୟପକ୍ଷରେ, ଟିଏମସି ଏହି ଆଇପିଏସ୍ ଅଧିକାରୀଙ୍କ ନିୟୋଜନକୁ ନେଇ ନିର୍ବାଚନ କମିଶନଙ୍କୁ ଟାର୍ଗେଟ୍ କରିଛି। ଶର୍ମାଙ୍କ ଅତୀତର ବିବାଦୀୟ ରେକର୍ଡ ଓ ତାଙ୍କ ବିରୋଧରେ ଥିବା ପୁରୁଣା ମାମଲାକୁ ନେଇ ଟିଏମସି ପ୍ରଶ୍ନ ଉଠାଇଛି। ଦଳ ପକ୍ଷରୁ କୁହାଯାଇଛି ଯେ ବଙ୍ଗଳା, ଉତ୍ତରପ୍ରଦେଶ ନୁହେଁ ଏବଂ ନିରପେକ୍ଷତା ବଜାୟ ନରଖିଲେ ଏହାର ପରିଣାମ ଭୋଗିବାକୁ ପଡ଼ିବ। ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ମଧ୍ୟ ଏହି ବିବାଦରେ ସାମିଲ ହୋଇ ଅଭିଯୋଗ କରିଛନ୍ତି ଯେ, ବିଜେପି ନିଜର ''ଏଜେଣ୍ଟ''ମାନଙ୍କୁ ପର୍ଯ୍ୟବେକ୍ଷକ ସଜାଇ ବଙ୍ଗଳାକୁ ପଠାଇଛି। ନିର୍ବାଚନ ଯେତିକି ପାଖେଇ ଆସୁଛି, ପୋଲିସ ପ୍ରଶାସନ ଏବଂ ରାଜନୈତିକ ଦଳଙ୍କ ମଧ୍ୟରେ ଏହି ଟଣାଓଟରା ପଶ୍ଚିମବଙ୍ଗର ନିର୍ବାଚନୀ ପରିବେଶକୁ ଅଧିକ ଉତ୍ତେଜନାପୂର୍ଣ୍ଣ କରିଦେଇଛି।

## ମୁମ୍ବାଇରେ ''ଆଇଏସଆଇଏସ'' ଶୈଳୀରେ ଆକ୍ରମଣ



ମୁମ୍ବାଇ: ମଙ୍ଗଳବାର ମୁମ୍ବାଇର ମୀରା ରୋଡ୍ ଅଞ୍ଚଳରେ ଜଣେ ୩୧ ବର୍ଷୀୟ ଯୁବକ ଦୁଇଜଣ ସୁରକ୍ଷାକର୍ମୀଙ୍କୁ ''କଲମା'' ପଢ଼ିବାକୁ ବାଧ କରିବା ସହ ନିର୍ମମ ଭାବେ ଛୁରାମାଡ଼ କରିଛି। ଅଭିଯୁକ୍ତ ଜୈବ୍ ଜୁବେର ଅନସାରୀକୁ ପୋଲିସ ଗିରଫ କରିଥିବା ବେଳେ ମହାରାଷ୍ଟ୍ର ଆଣ୍ଟି-ଟେରରିଜିମ୍ ସ୍କ୍ୱାଡ୍ ଏହାକୁ ଏକ ''ଲୋନ୍ ଉଲ୍ଫ'' ଆତଙ୍କବାଦୀ ଆକ୍ରମଣ ବୋଲି ସନ୍ଦେହ କରୁଛି। ଗୁରୁତର ସୁରକ୍ଷାକର୍ମୀ ରାଜକୁମାର ମିଶ୍ର ଓ ସୁବ୍ରତ ସେନ୍ ବର୍ତ୍ତମାନ ଚିକିତ୍ସିତ ହେଉଥିବା ବେଳେ ରାଜକୁମାରଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ଅନସାରୀ ଜଣେ ବିଜ୍ଞାନ ସ୍ନାତକ ଏବଂ ପୂର୍ବରୁ ଆମେରିକାରେ ରହୁଥିଲେ। ତାଙ୍କ ଘରୁ ଜବତ ହୋଇଥିବା ଡାଏରୀରେ ''ଆଇଏସଆଇଏସ'', ''ଜିହାଦ୍'' ଓ ''ଗାଜା'' ଭଳି ଶବ୍ଦ ଉଲ୍ଲେଖ ରହିବା ସହ ଏହି ଆକ୍ରମଣକୁ ସେ ଆତଙ୍କବାଦୀ ସଂଗଠନରେ ସାମିଲ ହେବାର 'ପ୍ରଥମ ପଦକ୍ଷେପ' ବୋଲି କହିଛନ୍ତି। ୨୦୧୯ରେ ଭାରତ ଫେରିବା ପରେ ସେ ଅନଲାଇନ୍ କୋଚିଂ ଦେଉଥିଲେ ଏବଂ ଇଣ୍ଟରନେଟ୍ ମାଧ୍ୟମରେ କ୍ରମଶଃ କଟ୍ଟରପନ୍ଥୀ ଚିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇଥିବା ଅନୁମାନ କରାଯାଉଛି।

ବର୍ତ୍ତମାନ ଅଦାଲତ ଅଭିଯୁକ୍ତଙ୍କୁ ମେ' ୪ ପର୍ଯ୍ୟନ୍ତ ପୋଲିସ ହେପାଜତକୁ ପଠାଇଥିବା ବେଳେ ତାଙ୍କର ଡିଜିଟାଲ୍ ଡିଭାଇସ୍ ଗୁଡ଼ିକର ଯାଞ୍ଚ ଜାରି ରହିଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୋଲିସ ଓ ଏଟିଏସ୍ ବର୍ତ୍ତମାନ ଏହି ଦିଗରେ ଯାଞ୍ଚ କରୁଛନ୍ତି ଯେ ଅନସାରୀଙ୍କ ସହ କୌଣସି ଆନ୍ତର୍ଜାତୀୟ ଆତଙ୍କବାଦୀ ହ୍ୟାଣ୍ଡଲର ସିଧାସଳଖ ସମ୍ପର୍କରେ ଥିଲେ କି ନାହିଁ। ସାଇବର ବିଶେଷଜ୍ଞମାନେ ତାଙ୍କର ସୋସିଆଲ ମିଡିଆ ଗତିବିଧି ଏବଂ ଡାର୍କ ୱେବ୍ ବ୍ୟବହାରର ଖୋଳତାଡ଼ କରୁଛନ୍ତି। ପ୍ରଶାସନ ପକ୍ଷରୁ ଶାନ୍ତି ରକ୍ଷା ପାଇଁ ନିବେଦନ କରାଯାଇଥିବା ବେଳେ ଏହି ''ଲୋନ୍ ଉଲ୍ଫ'' ମଡେଲର ଆକ୍ରମଣ ସୁରକ୍ଷା ସଂସ୍ଥାଗୁଡ଼ିକ ପାଇଁ ଏକ ନୂଆ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି।

## ୪୮ ଘଣ୍ଟାରେ ତୃତୀୟ ଥର ପାଇଁ ପାକିସ୍ତାନରେ ପହଞ୍ଚିଲେ ଇରାନ ବୈଦେଶିକ ମନ୍ତ୍ରୀ

ଇସଲାମାବାଦ: ଇରାନ ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ମଙ୍ଗଳବାର ପୁଣି ଥରେ ପାକିସ୍ତାନରେ ପହଞ୍ଚିଛନ୍ତି। ଗତ ୪୮ ଘଣ୍ଟା ମଧ୍ୟରେ ଏହା ତାଙ୍କର ଇସଲାମାବାଦକୁ ତୃତୀୟ ଗସ୍ତ। ରୁଷ ଗସ୍ତ ପରେ, ଏହି ଯାତ୍ରାକୁ ଆମେରିକା ସହିତ ଚାଲିଥିବା ଉତ୍ତେଜନାକୁ କମ୍ କରିବା ପାଇଁ ଏକ ବ୍ୟାପକ କୂଟନୈତିକ ପ୍ରୟାସର ଅଂଶ ଭାବରେ ଦେଖାଯାଉଛି। ଆରାଘଚିଙ୍କ ପାକିସ୍ତାନକୁ ବାରମ୍ବାର ଗସ୍ତ ସୂଚାଇ ଦେଉଛି ଯେ, ପାକିସ୍ତାନ ବର୍ତ୍ତମାନ ପରିସ୍ଥିତିରେ ମଧ୍ୟସ୍ଥି କିମ୍ବା ଶାନ୍ତି ସ୍ଥାପନକାରୀ ଭୂମିକା ଗ୍ରହଣ କରୁଛି। ଇରାନ ଏବଂ ଆମେରିକା ମଧ୍ୟରେ ପରୋକ୍ଷ ଆଲୋଚନାକୁ ଆଗକୁ ବଢାଇବାରେ ଇସଲାମାବାଦର ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ ବୋଲି ଚର୍ଚ୍ଚା ହେଉଛି। ଏହା ପୂର୍ବରୁ, ଆବାସ ଆରାଘଚି ସେଣ୍ଟ ପିଟର୍ସବର୍ଗରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଭେଟିଥିଲେ। ଏହି ବୈଠକ ପ୍ରାୟ ଦେଢ଼ ଘଣ୍ଟା ଧରି ଚାଲିଥିଲା ??ଏବଂ ଦ୍ୱିପାକ୍ଷିକ ସମ୍ପର୍କ ଏବଂ ଆଞ୍ଚଳିକ ପରିସ୍ଥିତି ଉପରେ ଆଲୋଚନା କରାଯାଇଥିଲା। ଆରାଘଚି କହିଛନ୍ତି ଯେ ଆଲୋଚନାରେ ଆମେରିକା ଏବଂ ଇସ୍ରାଏଲୀ ନୀତି ଏବଂ ଅଞ୍ଚଳରେ ଚାଲିଥିବା ଉତ୍ତେଜନାକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଥିଲା। ସେ ଇରାନ ଏବଂ ରୁଷ ମଧ୍ୟରେ ସମ୍ପର୍କକୁ ଏକ ରଣନୈତିକ ସହଭାଗୀତା ଭାବରେ ବର୍ଣ୍ଣନା କରିଥିଲେ। ବର୍ତ୍ତମାନର ସଂଘର୍ଷ ସମୟରେ ମସ୍କୋର ସମର୍ଥନ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ।

## ଇରାନ ଶାସକ ଦଳ ମଧ୍ୟରେ ମତଭେଦ ଏବଂ ମୌଳବାଦ ଆମେରିକା ସହ ଚୁକ୍ତିନାମାରେ ବାଧା ସୃଷ୍ଟି କରୁଛି..



ୱାସିଂଟନ, ୨୮/୪: ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଆମେରିକା-ଇରାନ କୂଟନୀତିରେ ଥିବା ପ୍ରତିବନ୍ଧକ ସମ୍ପର୍କରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ମତ ପ୍ରକାଶ କରିଛନ୍ତି। ରୁବିଓ ସ୍ପଷ୍ଟ କରିଛନ୍ତି ଯେ, ଇରାନର ଶାସକ ଦଳ ମଧ୍ୟରେ ଥିବା ଆଭ୍ୟନ୍ତରୀଣ ମତଭେଦ ୱାସିଂଟନ ସହିତ ଯେକୌଣସି ପ୍ରକାରର ଚୁକ୍ତିରେ ଏକ ପ୍ରମୁଖ ପ୍ରତିବନ୍ଧକ ସାଜିଛି। ଫକ୍ସ ନ୍ୟୁଜର ଟ୍ରେ ୟିଙ୍ଗଷ୍ଟଙ୍କୁ ଦିଆଯାଇଥିବା ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ସେ ଇରାନର ବର୍ତ୍ତମାନର ଶାସକଙ୍କ କ୍ଷମତା ବିଷୟରେ କହିଛନ୍ତି। ଏକ ଚୁକ୍ତିରେ ପହଞ୍ଚିବା ପାଇଁ ଇରାନ ବର୍ତ୍ତମାନ ଅନ୍ତର୍ଜାତୀୟ ସମ୍ପ୍ରଦାୟ ଏବଂ ଆମେରିକାର ପ୍ରବଳ ଚାପରେ ଅଛି। ଇରାନର ସମଗ୍ର କ୍ଷମତା ବିଭକ୍ତ ହୋଇଛି, ଯାହା ଫଳରେ ସେମାନଙ୍କ ସହିତ ଆଲୋଚନା କରିବା କଷ୍ଟକର ହୋଇପଡିଛି। ଅଧିକାରୀମାନଙ୍କ ଦ୍ୱାରା ଦିଆଯାଇଥିବା ପ୍ରତିଶ୍ରୁତିର ପୂର୍ଣ୍ଣ କାର୍ଯ୍ୟକାରୀତା ମଧ୍ୟ ସୀମିତ। ଇରାନ ମୁଖ୍ୟତଃ ମୌଳବାଦୀ ସିଆ ଧର୍ମଗୁରୁଙ୍କ ଦ୍ୱାରା ଶାସିତ ହେଉଛି। ଏହା ଏକ ବଡ଼ ପ୍ରତିବନ୍ଧକ ସୃଷ୍ଟି କରୁଛି। ଇରାନର ଆଭ୍ୟନ୍ତରୀଣ ରାଜନୈତିକ ଏବଂ ଆଦର୍ଶଗତ ମତଭେଦ ପୂର୍ବ ଅପେକ୍ଷା ଅଧିକ ସ୍ପଷ୍ଟ ହୋଇଥିବା ସେ କହିଛନ୍ତି।

ରୁବିଓ କହିଛନ୍ତି, ଇରାନର ସର୍ବୋଚ୍ଚ ନେତୃତ୍ୱ ମଧ୍ୟରେ ପ୍ରକୃତରେ କୌଣସି ମଧ୍ୟମବାଦୀ କିମ୍ବା ଉଦାରବାଦୀ ଗୋଷ୍ଠୀ ନାହିଁ। ଲୋକମାନେ ପ୍ରାୟତଃ ନରମପନ୍ଥୀ ଏବଂ କଠୋରପନ୍ଥୀମାନଙ୍କ ବିଷୟରେ କଥାବାର୍ତ୍ତା କରନ୍ତି, କିନ୍ତୁ ସତ୍ୟ ହେଉଛି ଯେ ସରକାରରେ ଥିବା ସମସ୍ତ ସଦସ୍ୟ କଠୋରପନ୍ଥୀ। ଏହି କଠୋରପନ୍ଥୀମାନଙ୍କ ମଧ୍ୟରୁ କେତେକ ସଦସ୍ୟ ଦେଶ ଏବଂ ଅର୍ଥନୀତିକୁ ବ୍ୟବହାରିକ ଉପାୟରେ ଚଳାଇବାକୁ ଚାହାନ୍ତି। ଯେତେବେଳେ ଅନ୍ୟମାନେ କେବଳ ବିଚାରଧାରା ଦ୍ୱାରା ପରିଚାଳିତ ହେଉଛନ୍ତି। ଗୋଟିଏ ପଟେ, ଇରାନରେ ଏପରି ନେତା ଅଛନ୍ତି ଯେଉଁମାନେ ସରକାରକୁ ସୁଗମ ଭାବରେ ପରିଚାଳନା କରିବା ପାଇଁ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱକୁ ସମ୍ପୂର୍ଣ୍ଣ ଭାବରେ ବୁଝନ୍ତି। ଅନ୍ୟପଟେ, ଏପରି ଅନେକ ନେତା ଅଛନ୍ତି ଯେଉଁମାନେ କେବଳ ସେମାନଙ୍କର ଉଗ୍ର ଧାର୍ମିକ ଚିନ୍ତାଧାରାକୁ ଆଧାର କରି ଦେଶ ଚଳାଇବାକୁ ଚାହୁଁଛନ୍ତି। ଏହି ଦୁଇ ଗୋଷ୍ଠୀ ମଧ୍ୟରେ ଉଭୟ ବ୍ୟବହାରିକ ଏବଂ ଆଦର୍ଶଗତ ଦ୍ୱନ୍ଦ୍ୱ ଯୋଗୁ ଇରାନରେ ଆଭ୍ୟନ୍ତରୀଣ ସଙ୍କଟ ସୃଷ୍ଟି ହୋଇଛି। ମୌଳବାଦ ଧାର୍ମିକ ଚିନ୍ତାଧାରା ଦ୍ୱାରା ଅନୁପ୍ରାଣିତ ସଦସ୍ୟମାନଙ୍କ ମଧ୍ୟରେ ଆଇଆରଜିସିର ସାମରିକ ଅଧିକାରୀଙ୍କ ସହିତ ସର୍ବୋଚ୍ଚ ନେତା ମଧ୍ୟ ରହିଛନ୍ତି। ସର୍ବୋଚ୍ଚ ନେତାଙ୍କୁ ଘେରି ରହିଥିବା ପରିଷଦ ସଦସ୍ୟମାନେ ମଧ୍ୟ ଏହି ଉଗ୍ରବାଦୀ ଚିନ୍ତାଧାରା ଉପରେ ଆଧାର କରି ସେମାନଙ୍କର ସମସ୍ତ ନିଷ୍ପତ୍ତି ନେଉଛନ୍ତି। ଏହି ସମୟରେ, ବୈଦେଶିକ ମନ୍ତ୍ରୀ, ରାଷ୍ଟ୍ରପତି ଏବଂ ସଂସଦର ବାଚସ୍ପତିଙ୍କ ପରି ବ୍ୟକ୍ତିମାନେ ସେହି ରାଜନୈତିକ ଶ୍ରେଣୀର ଅଂଶ ଯେଉଁମାନେ ଅର୍ଥନୀତିର ଆବଶ୍ୟକତାକୁ ମଧ୍ୟ ବୁଝୁଛନ୍ତି ବୋଲି ରୁବିଓ କହିଛନ୍ତି।। ଇରାନରେ ଏଭଳି କିଛି କଠୋରପନ୍ଥୀ ଅଛନ୍ତି, ଯେଉଁମାନେ ଦେଶକୁ ଭଲ ଭାବରେ ପରିଚାଳନା କରିବାକୁ ଏବଂ ବାହ୍ୟ ବିଶ୍ୱ ସହିତ ଆଲୋଚନା କରିବାକୁ ଚେଷ୍ଟା କରନ୍ତି। ଅନ୍ୟପକ୍ଷରେ, ଏପରି କିଛି ଲୋକ ଅଛନ୍ତି ଯେଉଁମାନେ ବ୍ୟବହାରିକ କୂଟନୀତି ପ୍ରତି କୌଣସି ସମ୍ମାନ ଦିଅନ୍ତି ନାହିଁ ଏବଂ ସେମାନଙ୍କର ଚିନ୍ତାଧାରା ଅଧିକ ଉଗ୍ର। ଇରାନରେ ଚୂଡ଼ାନ୍ତ କ୍ଷମତା ପରିବର୍ତ୍ତନ ସର୍ବଦା ସବୁଠାରୁ ଉଗ୍ର ବିଚାରଧାରା ଥିବା ଲୋକଙ୍କ ପାଖରେ ରହିଥାଏ। ଦେଶର ସର୍ବୋଚ୍ଚ ନେତା ଭାବେ ମୋଜତାବା ଖେମିନି କାର୍ଯ୍ୟ କରୁଛନ୍ତି ନା ତାଙ୍କର ପ୍ରତି ନିଷ୍ପତ୍ତି ଅନ୍ୟୟ କାହା ଦ୍ୱାରା ନିଆ ଯାଉଛି ସେନେଇ ରୁବିଓ ପ୍ରଶ୍ନ ଉଠାଇଛନ୍ତି। ଭବିଷ୍ୟତ ପାଇଁ ଦୃଷ୍ଟିକୋଣ ଥିବା ନେତାମାନେ ଦେଶର ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଉପରେ ଚୂଡ଼ାନ୍ତ କ୍ଷମତା ରଖିଛନ୍ତି। ଏହି ଜଟିଳ ଆଭ୍ୟନ୍ତରୀଣ ପରିସ୍ଥିତି ଆମେରିକା ଏବଂ ପାଶ୍ଚାତ୍ୟ ଦେଶମାନଙ୍କ ପାଇଁ ଇରାନ ସହିତ ଯେକୌଣସି ଆଲୋଚନାକୁ ଅତ୍ୟନ୍ତ କଷ୍ଟକର କରୁଛି। କୌଣସି ପ୍ରମୁଖ ଆନ୍ତର୍ଜାତୀୟ ଚୁକ୍ତିନାମାରେ ପ୍ରବେଶ କରିବା ପୂର୍ବରୁ ଇରାନ ପ୍ରତିନିଧିମାନଙ୍କୁ ନିଜ ନିଜ ବ୍ୟବସ୍ଥା ମଧ୍ୟରେ ଅନେକ ଭିନ୍ନ ଭିନ୍ନ ସଦସ୍ୟ ତଥା ଗୋଷ୍ଠୀଙ୍କଠାରୁ ଅନୁମୋଦନ ନେବାକୁ ପଡିବ।

# ସୁବ୍ରତ ନକ୍ ଆଉଟ୍‌ରୁ ବଞ୍ଚିତ

## ଆଇବିଏସ୍ଏଫ୍ ବିଶ୍ୱ ବିଲିୟାର୍ଡସ



ଭୁବନେଶ୍ୱର, ୨୮।୪: ରାଜ୍ୟର ଅଗ୍ରଣୀ କ୍ୟୁସ୍ପୋର୍ଟ ଖେଳାଳି ସୁବ୍ରତ ଦାସ ଆୟର୍ଲାଣ୍ଡରେ ଚାଲିଥିବା ଆଇବିଏସ୍ଏଫ୍ ବିଶ୍ୱ ବିଲିୟାର୍ଡସ ପ୍ରତିଯୋଗିତାରେ ପଦାର୍ପଣ କରି ମିଶ୍ରିତ ଫଳ ସହ ଅଭିଯାନ ଶେଷ କରିଛନ୍ତି। ଲିଗ୍ ପର୍ଯ୍ୟାୟରେ ସୁବ୍ରତ ଖେଳିଥିବା ୩ ମ୍ୟାଚ୍‌ରୁ ଗୋଟିଏ ଜିତି ଅନ୍ୟ ଦୁଇଟିରେ ହାରିଯିବାରୁ ନକ୍‌ଆଉଟ୍‌ରୁ ବଞ୍ଚିତ ହୋଇଛନ୍ତି। ଆୟର୍ଲାଣ୍ଡର ସିଆରାନ୍ ଡୋଲେଙ୍କୁ ୫୪୦-୧୩୬ରେ ପରାସ୍ତ କରି ବିଶ୍ୱ ଅଭିଯାନ ଆରମ୍ଭ କରିଥିଲେ ମଧ୍ୟ ଖ୍ୟାତନାମା ଖେଳାଳି ଇଂଲଣ୍ଡର ଡେଭିଡ୍ କ୍ୟୁଜିୟରଙ୍କଠାରୁ ୧୪୧-୧୦୬୦ରେ ଏବଂ ଭାରତର ରଫାତ ହବିବ୍‌ଙ୍କଠାରୁ ୨୫୦-୩୫୦ରେ ହାରିଯାଇଥିଲେ। ''ଏହା ମୋ ଖେଳ ଜୀବନର ସବୁଠାରୁ ବଡ ଅଭିଜ୍ଞତା ହୋଇ ରହିବ।ମାଇକ ରସେଲ ଓ ଡେଭିଡ୍ କଜିୟରଙ୍କ ଭଳି କିଂବଦନ୍ତିଙ୍କ ସହ ଖେଳିବା ମୋ ପାଇଁ ଶିକ୍ଷଣୀୟ ହୋଇଛି। ଦେଶ ବାହାରେ ପ୍ରଥମ ପ୍ରତିଯୋଗିତା ଭାବେ ଆଇରିସ୍ ଓପନ୍ ଚ୍ୟାଲେଞ୍ଜ୍ କପ୍‌ରେ ବିଜେତା ହୋଇ ପାଇଥିବା ଅନୁଭୂତି ମୋତେ ଭବିଷ୍ୟତରେ ଅଧିକ ଉନ୍ନତ ପ୍ରଦର୍ଶନ ପାଇଁ ପ୍ରେରଣା ଯୋଗାଇବ'' ବୋଲି ସୁବ୍ରତ ପ୍ରକାଶ କରିଛନ୍ତି। କଠିନ ପରିଶ୍ରମ ସହିତ ଆଡ୍‌ଭାନ୍ସଡ ପ୍ରଶିକ୍ଷଣ ନେଇ ଭବିଷ୍ୟତରେ ବିଶ୍ୱ ଟାଇଟଲ୍ ଜିତିବାକୁ ଚେଷ୍ଟା କରିବି ବୋଲି ସୁବ୍ରତ ପ୍ରକାଶ କରିଛନ୍ତି। ଓଡିଶା ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗର ନିରଂତର ସମର୍ଥନ ପାଇଁ କୃତଜ୍ଞତା ମଧ୍ୟ ଜ୍ଞାପନ କରିଛନ୍ତି। ରାଜ୍ୟରେ ଠିକଣା ଭିତ୍ତିଭୂମି ଉପଲବ୍ଧ ହେଲେ ଯୁବ ଖେଳାଳିମାନେ ଏଥିରୁ ଫାଇଦା ନେଇପାରନ୍ତେ ବୋଲି ସୁବ୍ରତ କହିଛନ୍ତି।

# ଗୋଟେ ଫଟୋ ଉଠାଇବାପାଇଁ ୧୦୦ ଟଙ୍କା ମାଗିଲେ ବୈଭବ ସୂର୍ଯ୍ୟବଂଶୀ

ଜୟପୁର, ୨୮।୪; ରାଜସ୍ଥାନ ରୟାଲ୍‌ସର ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ନିଜ ବ୍ୟାଟିଂ ବଳରେ ଅନେକ କ୍ରିକେଟ ଫ୍ୟାନ୍ସଙ୍କ ହୃଦୟ ଜିତିଛନ୍ତି। ହାଇଦ୍ରାବାଦ ବିପକ୍ଷ ମ୍ୟାଚ୍ ପରେ ପ୍ୟାଟ କମିନ୍ସ ମଧ୍ୟ ବୈଭବଙ୍କ ବ୍ୟାଟିଂର ପ୍ରଶଂସା କରିଥିଲେ କହିଥିଲେ ଆଜିଠାରୁ ବୈଭବ ମୋର ନୂଆ ପ୍ରିୟ ଖେଳାଳି। ବୈଭବ ଯେଉଁଭଳି କ୍ରିକେଟ ଖେଳୁଛନ୍ତି ପିଲାଠାରୁ ବଡ ସମସ୍ତେ ତାଙ୍କ କ୍ରିକେଟକୁ ଭଲ ପାଉଛନ୍ତି। ଏହି ଯୁବ କ୍ରିକେଟର ଯେଉଁ ସ୍ଥାନକୁ ଯାଉଛନ୍ତି ସେଠାରେ ତାଙ୍କ ଫ୍ୟାନ୍ସ ତାଙ୍କ ପାଇଁ ଅପେକ୍ଷା କରି ରହୁଛନ୍ତି।

ନିକଟରେ ବୈଭବଙ୍କୁ ଦୁଇ ଜଣ କୁନି ଫ୍ୟାନ୍ସ ଭେଟିଥିଲେ ଓ ତାଙ୍କ ସହ ଫଟୋ ଉଠାଇବାକୁ ଅନୁରୋଧ କରିଥିଲେ। ଏହି ସମୟରେ ବୈଭବ କୁନି ଫ୍ୟାନ୍ସଙ୍କୁ ଫଟୋ ଉଠାଇବା ପାଇଁ ଟଙ୍କା ମାଗିଥିଲେ। ତେବେ ଏଭଳି ଏକ ଭିଡିଓ ରାଜସ୍ଥାନ ରୟାଲ୍‌ସର ସୋସିଆଲ ମିଡ଼ିଆ ପେଜରେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ବୈଭବ ଏକ ବିମାନବନ୍ଦରରେ ବସିଥିବାବେଳେ ଦୁଇ ଛୋଟ ପିଲା ତାଙ୍କ ପାଖକୁ ଆସି ଫଟୋ ଉଠାଇବାକୁ ଅନୁରୋଧ କରୁଛନ୍ତି। ସେହି ସମୟରେ ବୈଭବ ସେମାନଙ୍କୁ କହୁଛନ୍ତି 'ମୁଁ ଫଟୋ ଉଠାଇବା ପାଇଁ ପଇସା ନିଏ'। ଯାହାକୁ ଶୁଣି ବୈଭବଙ୍କ ଛୋଟ ଫ୍ୟାନ୍ସ ଫେରିଯାଉଥିବାବେଳେ ବୈଭବ କହିଛନ୍ତି 'ଶୁଣ ଶୁଣ ମୁଁ ଫଟୋ ଉଠାଇବାକୁ ୧୦୦ ଟଙ୍କା ନେବି'। ଏହାରି ଭିତରେ ଜଣେ ଫ୍ୟାନ ୨୦୦ ଟଙ୍କା ଦେଇ ବୈଭବଙ୍କୁ କହୁଛନ୍ତି '୨୦୦ ଟଙ୍କା ନିଅନ୍ତୁ କିନ୍ତୁ ଆମ ଦୁଇ ଜଣଙ୍କ ସହ ଫଟୋ ଉଠାନ୍ତୁ।' ଏତିକି ବେଳେ ବୈଭବ ମଜାକ କରୁଥିବା କହିବା ସହ ଦୁଇ ଫ୍ୟାନ୍ସଙ୍କ ସହ ଫଟୋ ମଧ୍ୟ ଉଠାଉଛନ୍ତି। ଏହି ଭିଡିଓ ବେଶ ଭାଇରାଲ ହେବା ସହ ଅନେକ ଫ୍ୟାନ୍ସ ବୈଭବଙ୍କ ଏଭଳି ମଜାଳିଆ ବ୍ୟବହାରକୁ ପସନ୍ଦ କରିଛନ୍ତି।

# ଦିଲ୍ଲୀକୁ ଅଟକାଇଲା ଆରସିବି

ନୂଆଦିଲ୍ଲୀ, ୨୮।୪ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୩୯ତମ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଉଭୟ ବୋଲିଂ ଏବଂ ବ୍ୟାଟିଂ କ୍ଷେତ୍ରରେ ଦମ୍‌ଦାର ପ୍ରଦର୍ଶନ କରିଛି। ବେଙ୍ଗାଲୁରୁ ଟିମ୍ ଏହି ମ୍ୟାଚ୍‌କୁ ୯ୱିକେଟ୍‌ରେ ଜିତିଛି। ଦିଲ୍ଲୀକୁ ପ୍ରଥମେ ୧୬.୩ ଓଭରରେ ୭୫ ରନ୍‌ରେ ଅଟକାଇଥିଲା। ପରେ ୭୬ ରନ୍‌ର ବିଜୟ ଲକ୍ଷ୍ୟକୁ ୬.୩ ଓଭରରେ ମାତ୍ର ଗୋଟିଏ ୱିକେଟ୍ ହରାଇ ହାସଲ କରିଥିଲା।

ବେଙ୍ଗାଲୁରୁ ୭୭ ରନ୍ ସଂଗ୍ରହ କରିଥିଲା। ପ୍ରାରମ୍ଭିକ ବ୍ୟାଟର ଜେକୋବ ବେଥେଲ ବ୍ୟକ୍ତିଗତ ଭାବେ ୨୦ ରନ୍ ସଂଗ୍ରହ କରିଥିଲେ। ସେ ୧୧ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ୨ଟି ଛକା ମାରିଥିଲେ। ବିରାଟ କୋହଲି ଅପରାଜିତ ୨୩ ରନ୍ ସଂଗ୍ରହ କରିଥିଲେ। ସେ ୧୫ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ୨ଟି ଛକା ମାରିଥିଲେ। ସେହିପରି ଦେବଦତ୍ତ ପଡ୍ଡିକଲ ୧୩ଟି ବଲ୍ ଖେଳି ୩ଟି ଚୌକା ଏବଂ ୩ଟି ଛକା ମାରି ୩୪ ରନ୍ ସଂଗ୍ରହ କରିଥିଲେ।

କେଏଲ୍ ରାହୁଲ, ନିତିଶ ରାଣା, ସମୀର ରିଜ୍‌ଭି, ଟ୍ରିଷ୍ଟାନ ଷ୍ଟବ୍‌ସ ଏବଂ ଅକ୍ଷର ପଟେଲ ଭଳି ତାରକା ତଥା ଯୁବ ବ୍ୟାଟରମାନେ ଆଜି ଦମ୍ଭ ଦେଖାଇପାରି ନାହାନ୍ତି। ଦିଲ୍ଲୀ କ୍ୟାପିଟାଲ୍‌ସର ଶକ୍ତିଶାଳୀ ଖେଳାଳିମାନଙ୍କର ବ୍ୟାଟ୍ ନିଷ୍କ୍ରିୟ ହୋଇଯାଇଛି। ଘରୋଇ ମାଟିରେ ଏହି ଖେଳାଳିମାନେ ବିପକ୍ଷ ଦଳର ବୋଲରଙ୍କ ହାତରେ ଆତ୍ମସମର୍ପଣ କରିଛନ୍ତି। ଦ୍ରୁତ ବୋଲର ଜୋସ୍ ହାଜେଲଉଡ୍ ୪ ଏବଂ ଭୁବନେଶ୍ୱର କୁମାର ୩ ଦିଲ୍ଲୀ ଖେଳାଳିଙ୍କୁ ଆଉଟ୍ କରିଥିଲେ। ରସିକ ସାଲମ ଡାର, ସୂୟାଂଶ ଶର୍ମା ଏବଂ କ୍ରୁଣାଳ ପାଣ୍ଡ୍ୟା ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ଏହାର କାରଣ ହେଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏକ ସଫଳ ରଣନୀତି ନେଇ ବୋଲିଂ କରିଥିଲା।

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୩୯ତମ ମ୍ୟାଚ୍‌ରେ ରଜତ ପଟିଦାରଙ୍କ ନେତୃତ୍ୱରେ ବେଙ୍ଗାଲୁରୁ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଅରୁଣ ଜେଟଲୀ ଷ୍ଟାଡିୟମରେ ଘରୋଇ ଦିଲ୍ଲୀ ଟିମ୍‌କୁ ବେଙ୍ଗାଲୁର ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ଏଥି ସହିତ ବେଙ୍ଗାଲୁରୁ ଟିମ୍ ଏକ ସଫଳ ବୋଲିଂ ରଣନୀତି ପ୍ରସ୍ତୁତ କରିଥିଲା। ଦିଲ୍ଲୀ ଟିମ୍ ୧୬.୩ ଓଭରରେ ସମସ୍ତ ୱିକେଟ ହରାଇ ୭୫ ରନ୍



ସଂଗ୍ରହ କରିଛି। ଫଳରେ ବେଙ୍ଗାଲୁରୁକୁ ଏହି ମ୍ୟାଚ୍ ବିଜୟ ପାଇଁ ୭୬ ରନ୍‌ର ଲକ୍ଷ୍ୟ ମିଳିଛି।

ଦିଲ୍ଲୀର ରନ୍ ଚଳିତ ଆଇପିଏଲ୍‌ରେ ସର୍ବନିମ୍ନ ସ୍କୋର ଭାବେ ରେକର୍ଡ ହୋଇଛି। ସୂଚନାଯୋଗ୍ୟ ଆଇପିଏଲ୍ ଇତିହାସରେ ସର୍ବନିମ୍ନ ସ୍କୋର ବେଙ୍ଗାଲୁରୁ ନାମରେ ରହିଛି, ଯାହା ଥିଲା ୨୦୧୭ ଏପ୍ରିଲ ୨୩ ତାରିଖ କୋଲକାତା ବିପକ୍ଷରେ। ଇଡେନ ଗାର୍ଡେନରେ ବେଙ୍ଗାଲୁରୁ ୯.୪ ଓଭରରେ ସମସ୍ତ ୱିକେଟ ହରାଇ ୪୯ ରନ୍ ସଂଗ୍ରହ କରିଥିଲା।

ଦିଲ୍ଲୀ ପାଇଁ ସାହିଲ ପ୍ରକାଶ ଏବଂ କେଏଲ୍ ରାହୁଲ ଇନିଂସ ଆରମ୍ଭ କରିଥିଲେ। ଉଭୟ ବ୍ୟାଟର ବିପର୍ଯ୍ୟର ସାମ୍ନା କରିଥିଲେ। ସାହିଲ ଖାତା ଖୋଲି ପାରିନଥିଲା ବେଳେ କେଏଲ୍ ରାହୁଲ ମାତ୍ର ୧ ରନ୍ ସଂଗ୍ରହ କରି ପାଭିଲିଅନ୍‌କୁ ଫେରି ଆସିଥିଲେ। ସାହିଲ ୨ଟି ଏବଂ କେଏଲ୍ ରାହୁଲ ୩ଟି ବଲ୍ ସାମ୍ନା କରିଥିଲେ। ବେଙ୍ଗାଲୁରୁର ତୃତୀୟ ଏବଂ ଚତୁର୍ଥ ଶିକାର ଯଥାକ୍ରମେ ସମୀର ରିଜ୍‌ଭି (ଶୂନ୍ୟ ରନ୍) ଏବଂ ତିଷ୍ଟାନ ଷ୍ଟବ୍ (୫ରନ୍) ହୋଇଥିଲେ। ଦଳର ଆଗଧାଡିର ୪ଜଣ ଖେଳାଳି ଆଉଟ୍ ହେଲା ପରେ ମଧ୍ୟ ଅଧିନାୟକ ଅକ୍ଷର ପଟେଲ ଧୈର୍ଯ୍ୟର ସହିତ ବ୍ୟାଟିଂ କରିବାରେ ବିଫଳ ହୋଇଥିଲେ। ସେ ୩ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ ମଧ୍ୟ ଖାତା ଖୋଲିପାରି ନଥିଲେ। ଯୁବ ଏବଂ ବିସ୍ଫୋରକ ବ୍ୟାଟର ନିତିଶ ରାଣା ମଧ୍ୟ ୯ଟି ବଲ୍ ଖେଳି ମାତ୍ର ୧ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲେ।

# ଥମାସ କପ୍ କ୍ୱାର୍ଟରରେ ଭାରତ

ହର୍ସନ୍ସ (ଡେନମାର୍କ): ପୂର୍ବତନ ବିଜେତା ଭାରତ ଚଳିତ ଥମାସ କପ୍‌ର କ୍ୱାର୍ଟରଫାଇନାଲ୍ ସ୍ଥାନ ନିଶ୍ଚିତ କରିଛି। ଗ୍ରୁପ୍-ଏ'ର ନିଜର ପ୍ରଥମ ମ୍ୟାଚ୍‌ରେ କାନାଡାକୁ ହରାଇଥିବା ଭାରତ ସୋମବାର ଅଷ୍ଟ୍ରେଲିଆକୁ ୫-୦ରେ ମାତ୍ ଦେଇଛି। ଗ୍ରୁପ୍‌ର ଶୀର୍ଷ ସ୍ଥାନ ଲାଗି ଏବେ ଶୀର୍ଷ ମାନ୍ୟତାପ୍ରାପ୍ତ ଚୀନ୍‌କୁ ଭେଟିବ। ଚୀନ୍ ନିଜର ଦ୍ୱିତୀୟ ମ୍ୟାଚ୍‌ରେ କାନାଡାକୁ ୪-୧ରେ ହରାଇ ଦେଇଥିଲା।

ପ୍ରଥମ ଦୁଇ ଏକକ ମୁକାବିଲାରେ ଲକ୍ଷ୍ୟ ସେନ୍ ୨୧-୧୪, ୨୧-୧୬ରେ ଇଫ୍ରାଇମ୍ ଷ୍ଟିଫେନ ସାମ୍‌ଙ୍କୁ ଏବଂ ଏସୀୟ ରେପ୍ୟ ବିଜୟିନୀ ଆୟୁଷ ସେଟ୍ଟୀ ୨୧-୮, ୨୧-୬ରେ ଶ୍ରେୟ ଧାଣ୍ଡଙ୍କୁ ହରାଇ ଭାରତକୁ ୨-୦ରେ ଆଗୁଆ ରଖିଥିଲେ।

ଯୁଗଳରେ ପୂର୍ବତନ ଏସୀୟ ବିଜେତା ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ୨୧-୧୪, ୨୧-୧୬ରେ ରିଜ୍‌କି ହିଦାୟାତ ଓ ଜାକ୍ ୟୁଙ୍କୁ ଏବଂ ତୃତୀୟ ଏକକରେ ଏଚ୍‌ଏସ୍ ପ୍ରଣୟ ୨୧-୧୧, ୨୧-୧୭ରେ ଓ ରିଶି ହୋଣ୍ଡା ବୁପାଥୀଙ୍କୁ ମାତ୍ ଦେଇଥିଲେ। ଶେଷ ଯୁଗଳ ମୁକାବିଲାରେ ହରିହରନ ଆମ୍‌ସାକରୁନନ୍ ଓ ଏମ୍‌ଆର୍ ଅର୍ଜୁନ ୨୧-୧୨, ୨୧-୧୦ରେ ଅନ୍ଦିକା ରାମାଦିସାନସିୟା ଓ ସାମ୍‌ଙ୍କୁ ପରାସ୍ତକୁ ଭାରତକୁ ମୂଳପୋଛ ବିଜୟ ଦେଇଥିଲେ।

## ଓସିଏ ଆନ୍ତଃ ଜିଲ୍ଲା ମହିଳା କ୍ରିକେଟ

# ସୁନ୍ଦରଗଡ ଜିଲ୍ଲା ମହିଳା ଦଳ ବିଜୟୀ



ଖୋର୍ଦ୍ଧା, ୨୮।୪: ଓଡ଼ିଶା କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲ୍ଲା ସିନିୟର୍ ମହିଳା ଟି -୨୦ କ୍ରିକେଟ ପ୍ରତିଯୋଗିତାର ଖୋର୍ଦ୍ଧା ଜୋନ୍ ମ୍ୟାଚ୍ ଆଜି ସ୍ଥାନୀୟ ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମ ଠାରେ ଆଜିର ମ୍ୟାଚ୍ ରେ ସୁନ୍ଦରଗଡ ଜିଲ୍ଲା ମହିଳା ଦଳ ଦେଓଗଡ ଜିଲ୍ଲା ମହିଳା ଦଳ କୁ ୨୩୫ ରନରେ ପରାସ୍ତ କରି ବିଜୟୀ ହୋଇଛି।ସୁନ୍ଦରଗଡ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭର ରେ ୨ ୱିକେଟ୍ ହରାଇ ୨୮୩ ରନ୍ କରିଥିଲା। ଦଳ ପକ୍ଷରୁ ଦିବ୍ୟା ରାଉତରାୟ ୧୦୩ ରନ୍ ଓ ଇଷିତା ପାଣି ୮୮ ରନ୍ କରିଥିଲେ। ପତ୍ୟୁତରରେ ଦେଓଗଡ ଦଳ ୨୦ ଓଭର ରେ ୮ ଟି ୱିକେଟ୍ ହରାଇ ମାତ୍ର ୪୮ ରନ୍ କରି ୨୩୫ ରନ୍ ରେ ପରାସ୍ତ ହୋଇଥିଲେ। ସୁନ୍ଦରଗଡ ଦଳ ପକ୍ଷରୁ ସୁପ୍ରିୟା ମିଶ୍ର ୪ ଓଭର ରୁ ୨ ଓଭର ମେଡେନ୍ ସହ ୨ ରନ୍ ବ୍ୟୟ କରି ୨ ଟି ୱିକେଟ ନେଇ ଭଲ ବୋଲିଙ୍ଗ କରିଥଲେ।

କ୍ରିକେଟ୍ ଆସୋସିଏସନ୍ ଅଫ୍ ଦି ଦିଷ୍ଟ୍ରିକ୍ଟ ଖୋର୍ଦ୍ଧାର ସମ୍ପାଦକ ତଥା ଓ ସି ଏ ର କୋଷାଧକ୍ଷ ବିକାଶ ପ୍ରଧାନ, ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ, ସୁଧୀର ସାହୁ, ବ୍ରିଜେଶ ପ୍ରଧାନ, କାଜଲ ବଳିଆରସିଂ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ବିରଞ୍ଚି ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ରହି ଖେଳ ସଂଯୋଜନା କରିଥିବା ବେଳେ ଅମ୍ପାୟର ରୂପେ ତେଜନ ଦୁର୍ଗା, ଅଭିନାଶ ନାୟକ ଓ ସ୍କରର ଭାବେ ସତ୍ୟନାରାୟଣ ପରିଡ଼ା କାର୍ଯ୍ୟ କରିଥିଲେ।

# କ୍ୟାଡେଟ ଜୁନିଅର ଓ ସବ-ଜୁନିଅର ରାଜ୍ୟ କରାଟେ ଚମ୍ପିୟନସିପ ରେ ଜଗତସିଂହପୁର ଜିଲ୍ଲାର ସଫଳତା

ଜଗତସିଂହପୁର/ପାରାଦୀପ ୨୮।୪: ୩୭ତମ କ୍ୟାଡେଟ ଜୁନିଅର ଓ ୩୮ତମ ସବ-ଜୁନିଅର ରାଜ୍ୟ ସ୍ତରୀୟ କରାଟେ ଚମ୍ପିୟନସିପ ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲ ଠାରେ ଗତ ଏପ୍ରିଲ ୨୪ ରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ସମସ୍ତ ଜିଲ୍ଲାର ଖେଳାଳି ମାନେ ଅଂଶଗ୍ରହଣ କରିଥିଲେ କ୍ଷ ଏହି ପ୍ରତିଯୋଗିତାରେ ଜଗତସିଂହପୁର ଜିଲ୍ଲା ମୋଟ ୬ ଟି ପଦକ ହାସଲ କରି କୃତିତ୍ୱ ବଜାୟ ରଖିଥିଲା କ୍ଷ କୋଚ୍ କାହ୍ନୁ ଚରଣ ମଲ୍ଲିକ ଦ୍ୱାରା ପ୍ରଶିକ୍ଷିତ ଅରମାନ ସ୍ୱାଇଁ ରୌପ୍ୟ, ଆଦିଥ୍ୟା ମିଶ୍ର ରୌପ୍ୟ, ଶୁଭଲକ୍ଷ୍ମୀ ମହାପାତ୍ର ବ୍ରୋଞ୍ଜ, ଭୀଷ୍ମରାଜ ନନ୍ଦୀ ବ୍ରୋଞ୍ଜ, ଶ୍ରୀତମ ସାହୁ ବ୍ରୋଞ୍ଜ, କିମାୟା ଭୂଷତା ବ୍ରୋଞ୍ଜ ପଦକ ହାସଲ କରି ସଫଳତା ଅର୍ଜନ କରିଥିଲେ କ୍ଷ କୃତି ଛାତ୍ରଛାତ୍ରୀ ମାନଙ୍କୁ ଉତ୍କଳ କରାଟେ ସ୍କୁଲର ସଭାପତି ଡ଼. ହରି ପ୍ରସାଦ ପଟ୍ଟନାୟକ ପଦକ ଓ ମାନପତ୍ର ପ୍ରଦାନ କରିଥିଲେ।



# ଏସୀୟ କ୍ରୀଡା ଯୋଗ୍ୟତା ଦୌଡରେ ଓଡିଶାର ଇ-ସ୍ପୋର୍ଟସ ଖେଳାଳି



ଭୁବନେଶ୍ୱର୨୮।୪:: ଚଳିତ ବର୍ଷର ଏସୀୟ କ୍ରୀଡାରେ ଭାଗନେବାର ସମ୍ଭାବନା ସୃଷ୍ଟି କରିଛନ୍ତି ଓଡିଶାର ୪ ଇ-ସ୍ପୋର୍ଟସ୍ ଖେଳାଳି। ଜାତୀୟ ଇ-ସ୍ପାର୍ଟସ୍ ପ୍ରତିଯୋଗିତାର ଶୀର୍ଷ ୮ ଭିତରେ ସ୍ଥାନ ପାଇଥିବା ଟିଏସ୍‌ଡବ୍ଲ୍ୟୁ (ଟିମ୍ ସ୍ୟାଡୋ ୱାରିୟର୍ସ) ଦଳର ୪ ପ୍ରମୁଖ ଖେଳାଳି ଅଛନ୍ତି ପ୍ରଥମ ପାତ୍ର, ତୁଷାର ମିଶ୍ର, ପ୍ରତୀକରାଜ ନାଏକ, ଅଭିଷେକ ଦାସ। ଏମାନଙ୍କ ଛଡା କୋଲକାତାର ରୋହିତ ସିଂହ, ଅନିକେତ ସିଂହ ଏହି ଦଳର ସଦସ୍ୟ ରହିଛନ୍ତି। ଶୀର୍ଷ ୮ ଭିତରେ ରହି ଏମାନେ 'ଅନର୍ ଅପ୍ କିଙ୍ଗ୍‌ସ' ଟାଇଟଲ୍ ମଧ୍ୟ ଅର୍ଜନ କରିଛନ୍ତି। ଖୁବ ଶୀଘ୍ର ଏସୀୟ କ୍ରୀଡା ଯୋଗ୍ୟତା ପର୍ଯ୍ୟାୟ ପୁଣେରେ ଖେଳାଯିବ। ପୁଣେରେ ମେ' ୫ ତାରିଖରେ ଜାତୀୟ ଗ୍ରାଣ୍ଡ୍ ଫାଇନାଲ୍‌ସ ଖେଳାଯିବ। ଯୋଗ୍ୟତ ଦଳ ଏସୀୟ କ୍ରୀଡା ପାଇଁ ଯୋଗ୍ୟତା ଅର୍ଜନ କରିବ।

## ନୀଳାଚଳ ଟ୍ରଫି ସର୍ବଭାରତୀୟ କ୍ରିକେଟ୍

# ସେମିଫାଇନାଲ୍‌ରେ ୟୁନିୟନ୍ ସ୍ପୋର୍ଟିଂ

ପୁରୀ, ୨୮।୪ ଜଗନ୍ନାଥ କ୍ରିକେଟ୍ ଷ୍ଟାଡିୟମ୍‌ରେ ଚାଲିଥିବା ୧୭ତମ ନୀଳଚଳ ଟ୍ରଫି ସର୍ବଭାରତୀୟ କ୍ରିକେଟ୍ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲ୍‌ରେ ମଙ୍ଗଳବାର ଭୁବନେଶ୍ୱରର ମୁକ୍ତେଶ୍ୱର କ୍ରିକେଟ୍ କ୍ଲବ୍ ଭେଟିବ କଟକର ୟୁନିୟନ୍ ସ୍ପାର୍ଟିଂକୁ। ସୋମବାର ଦ୍ୱିତୀୟ କ୍ୱାର୍ଟରଫାଇନାଲ୍‌ରେ ୟୁନିୟନ୍ ସ୍ପାର୍ଟିଂ ବାଲେଶ୍ୱରର ଆଦର୍ଶ କ୍ଲବ୍‌କୁ ପରାସ୍ତ କରିଛି।ପ୍ରଥମେ ବ୍ୟାଟିଂ କରିଥିବା ୟୁନିୟନ୍ ସ୍ପାର୍ଟିଂ ୪୦ ଓଭରରେ ୬ ୱିକେଟ୍ ହରାଇ ୨୯୭ ରନ୍ ସଂଗ୍ରହ କରିଥିଲା। ଦେବୀ ପ୍ରସାଦ ମହାପାତ୍ର (୮୮), ଆଶୀର୍ବାଦ ସ୍ୱାଇଁ (୮୦), ବିଶ୍ୱଜିତ୍ ପ୍ରଧାନ (୬୭) ଅର୍ଦ୍ଧଶତକ ହାସଲ କରିଥିବା ବେଳେ ପ୍ରତିପକ୍ଷର ସାର୍ଥକ ଚୌଧୁରୀ ୩ ଏବଂ ଭବିଷ୍ୟ ବେହେରା ୨ ୱିକେଟ୍ ନେଇଥିଲେ। ଜବାବରେ ଆଦର୍ଶ କ୍ଲବ୍ ୩୪.୩ ଓଭରରେ ସମସ୍ତ ୱିକେଟ୍ ହରାଇ ୨୧୧ ରନ୍ ସଂଗ୍ରହ କରିଥିଲା।ରାମଚନ୍ଦ୍ର ବେହେରା (୭୦) ଏବଂ ୱିକେଟ୍‌ରକ୍ଷକ ଆକାଶ ମହାପାତ୍ର (୬୮)ଙ୍କ ଛଡା ଅନ୍ୟ କେହି ଭଲ ବ୍ୟାଟିଂ କରି ନଥିଲେ। ୟୁନିୟନ୍ ସ୍ପାର୍ଟିଂ ଅଧିନାୟକ ତାପସ କୁମାର ରାଉତ (୪/୩୩)ଙ୍କ ସହ ପ୍ରଶାନ୍ତ ରଣା (୩/୩୦), ଶୋଭନଦେବ ବେହେରା (୩/୪୧) ସମସ୍ତ ୧୦ ୱିକେଟ୍ ବାଣ୍ଟି ନେଇଥିଲେ। ଆୟୋଜକ ପାୟୋନିୟର୍ କ୍ଲବ୍ ସମ୍ପାଦକ ସଂଜୀବ ଦଇତାପତି ଓ ସଂଯୋଜକ ଦୀପକ ମହାନ୍ତିଙ୍କଠାରୁ ଦେବୀ ପ୍ରସାଦ ମହାପାତ୍ର ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଗ୍ରହଣ କରିଥିଲେ।

# ଉବର କପ୍‌ରୁ ଭାରତର ଅଭିଯାନ ଶେଷ

ହର୍ସନ୍ସ (ଡେନମାର୍କ), ୨୮।୪:ମର୍ଯ୍ୟାଦାଜନକ ଉବର କପ୍ ମହିଳା ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ ଭାରତର ଅଭିଯାନ ଶେଷ ହୋଇଯାଇଛି। ପିଭି ସିନ୍ଧୁଙ୍କ ଚମତ୍କାର ପ୍ରଦର୍ଶନ ସତ୍ତ୍ୱେ ଭାରତୀୟ ଦଳ ୦-୫ରେ ଚୀନଠାରୁ ହାରିଯାଇଛି। ଭଲ ଖେଳିଥିଲେ ମଧ୍ୟ ସିନ୍ଧୁ ପ୍ରଥମ ଏକକ ମୁକାବିଲାରେ ୱାଙ୍ଗ୍ ଝିୟିଙ୍କଠାରୁ ହାରିଯାଇଥିଲେ। ଗତଥରର ବିଜେତା ଚୀନ ବିପକ୍ଷରେ ଭାରତୀୟ ଯୁବ ଖେଳାଳିମାନେ ମଧ୍ୟ ପ୍ରଭାବୀ ଖେଳିପାରିନଥିଲେ। ଯୁଗଳରେ ପ୍ରିୟା କୋଞ୍ଜେଙ୍ଗବାମ-ଶ୍ରୁତି ମିଶ୍ର, ଅନ୍ୟ ଏକକରେ ଈଶାରାଣୀ ବରୁଆ, ମିଶ୍ରିତ ଯୁଗଳରେ ତ୍ରିଶା ଜଲି-କାଭିପ୍ରିୟା ସେଲଭାମ ବି ହାରିଯାଇଥିଲେ। ପୂର୍ବରୁ ଭାରତୀୟ ଦଳ ଡେନମାର୍କଠାରୁ ୨-୩ରେ ହାରିଯାଇଥିଲେ ମଧ୍ୟ ୟୁକ୍ରେନକୁ ୪-୧ରେ ହରାଇଥିଲା। ଅନ୍ୟପକ୍ଷରେ ଥମାସ୍ କପ୍ ପୁରୁଷ ବର୍ଗର ପ୍ରତିଯୋଗିତାରେ କିନ୍ତୁ ଭାରତ କ୍ୱାର୍ଟରଫାଇନାଲ୍ ସ୍ଥାନ ନିଶ୍ଚିତ କରିଛି। ଗ୍ରୁପ୍-ଏ'ର ନିଜର ପ୍ରଥମ ମ୍ୟାଚ୍‌ରେ କାନାଡାକୁ ହରାଇଥିବା ଭାରତ ଅଷ୍ଟ୍ରେଲିଆକୁ ୫-୦ରେ ମାତ୍ ଦେଇଥିଲା। ଗ୍ରୁପ୍‌ର ଶୀର୍ଷ ସ୍ଥାନ ଲାଗି ଏବେ ଶୀର୍ଷ ମାନ୍ୟତାପ୍ରାପ୍ତ ଚୀନ୍‌କୁ ଭେଟିବ। ଚୀନ୍ ନିଜର ଦ୍ୱିତୀୟ ମ୍ୟାଚ୍‌ରେ କାନାଡାକୁ ୪-୧ରେ ହରାଇ ଦେଇଥିଲା।

# ଓଡିଶାକୁ ଐତିହାସିକ ଜାତୀୟ ରୋଲ୍‌ବଲ୍ ପଦକ

ଭୁବନେଶ୍ୱର, ୨୮।୪: ରୋଲ୍ ବଲ୍‌ରେ ଓଡିଶା ନୂଆ ଇତିହାସ ରଚନା କରିଛି। ମେଘାଳୟର ସିଲଂରେ ଅନୁଷ୍ଠିତ ଦ୍ୱିତୀୟ ଜାତୀୟ ପୂର୍ବାଞ୍ଚଳ ବରିଷ୍ଠ ରୋଲ୍‌ବଲ୍ ପ୍ରତିଯୋଗିତାରେ ଓଡିଶା କାଂସ୍ୟ ପଦକ ଜିତି ଏହି ଫରଦ ଯୋଡିଛି। ରବିବାର ଶେଷ ହୋଇଥିବା ଏହି ପ୍ରତିଯୋଗିତାର ମହିଳା ବର୍ଗରେ ଆସାମ, ଝାଡଖଣ୍ଡ, ମେଘାଳୟ ପ୍ରଥମ ୩ ସ୍ଥାନ ଦଖଲ କରିଥିବା ବେଳେ ପୁରୁଷ ବର୍ଗରେ ଝାଡଖଣ୍ଡ ବିଜେତା, ଆସାମ ଉପବିଜେତା ହୋଇଥିବା ବେଳେ ମେଘାଳୟ ଓ ଓଡିଶା ଯୁଗ୍ମ ତୃତୀୟ ସ୍ଥାନରେ ରହି କାଂସ୍ୟ ପଦକ ଜିତିଥିଲେ।ଓଡିଶା ପାଇଁ ବ୍ୟକ୍ତିଗତ ଭାବେ ପ୍ରତୀକ ଆର୍ଯ୍ୟନ ଜେନା ସର୍ବାଧିକ ୭ ଗୋଲ୍ ଦେଇ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ। ଏହି ସଫଳତା ପରେ ଓଡିଶା ଦଳକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଏକ୍ସ' ହ୍ୟାଣ୍ଡଲରେ ଅଭିନନ୍ଦନ ଜଣାଇଛନ୍ତି। ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କୁ ଓଡିଶା ରୋଲ୍‌ବଲ୍ ସଂଘର ପ୍ରତିଷ୍ଠାତା ପାର୍ଥ ସାରଥି ଜେନା ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି।



# ମହିଳା ଟ୍ୱେଣ୍ଟି-୨୦ ସିରିଜ ଦକ୍ଷିଣ ଆଫ୍ରିକାଠୁ ହାରିଲା ଭାରତ

ବେନୋନି: ଦକ୍ଷିଣ ଆଫ୍ରିକା ଗସ୍ତରେ ଥିବା ଭାରତୀୟ ମହିଳା କ୍ରିକେଟ୍ ଦଳ ୧-୪ରେ ଟ୍ୱେଣ୍ଟି-୨୦ ଶୃଙ୍ଖଳା ହାରିଯାଇଛି। ସୋମବାର ପଞ୍ଚମ ତଥା ଶେଷ ଟ୍ୱେଣ୍ଟି-୨୦ରେ ଭାରତ ୨୩ ରନ୍‌ରେ ପରାଜିତ ହୋଇଛି। ଟସ୍ ଜିତି ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ଅଧିନାୟିକା ଲେରା ଓଲ୍‌ଭାର୍ଟ (୫୬ ବଲ୍‌ରୁ ୯୨ଅ) ଙ୍କ ଅର୍ଦ୍ଧଶତକ ବଳରେ ୬ ୱିକେଟ୍ ହରାଇ ୧୫୫ ରନ୍ କରିଥିଲା।ଭାରତ ପକ୍ଷରୁ ରେଣୁକା ସିଂହ, ଶ୍ରୀ ଚାରଣୀ ଓ ଦୀପ୍ତି ଶର୍ମା ୨ ଲେଖାଏଁ ୱିକେଟ୍ ନେଇଥିଲେ। ଜବାବରେ ଭାରତ ୩୮ ରନ୍‌ରେ ୩ ୱିକେଟ୍ ହରାଇ ସଙ୍କଟରେ ପଡିଥିଲା। ଅଧିନାୟିକା ହର୍‌ମନ୍‌ପ୍ରୀତ କୌର (୨୨), ଭାରତୀ ଫୁଲମାଳି (୪୦) ଓ ରିଚା ଘୋଷ (୨୫ଅ) ଲିଥିଲେ ମଧ୍ୟ ଦଳକୁ ବିଜୟ ଦେବାରେ ବିଫଳ ହୋଇଥିଲେ। ଭାରତ ୮ ୱିକେଟ୍ ହରାଇ ୧୩୨ ରନ୍ କରିଥିଲା। ଓଲ୍‌ଭାର୍ଟ ଉଭୟ ମ୍ୟାଚ୍ ଓ ଶୃଙ୍ଖଳାର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।



Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ କୁମାର ଧଳ